# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୭/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, March 7/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୧୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 | ISSUE 103 | ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୭/୨୦୨୩ (୧୬ ପୃଷ୍ଠା) Bhubaneswar, Tuesday, March 7/2023 Page 16 | ପୃଷ୍ଠା-୧

## ହୋଲି ଶୁଭେଚ୍ଛା

ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁ ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ।

## ଧରିତ୍ରୀର ଛୁଟି

ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମାର୍ଚ୍ଚ ୭ ଓ ୮ ତାରିଖ ମଙ୍ଗଳବାର ଏବଂ ବୁଧବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ମାର୍ଚ୍ଚ ୧୦ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ।

# ୯ରେ କ୍ୟାବିନେଟ୍

ଭୁବନେଶ୍ୱର,୬।୩(ବ୍ୟୁରୋ)

ଆସନ୍ତା ୯ ତାରିଖରେ ଲୋକସେବା ଭବନଠାରେ ଅପରାହ୍ନ ୫ଟା ୪୫ ମିନିଟ୍‌ରେ ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ଲାଗିବ। ମିଳିଥିବା ସୂଚନା ଅନୁଯାୟୀ, ପଞ୍ଚାୟତିରାଜ ଓ ପାନୀୟଜଳ, ମିଶନ ଶକ୍ତି, ସ୍ୱାସ୍ଥ୍ୟ, ଜଳସମ୍ପଦ, ଅର୍ଥ, ସାଧାରଣ ପ୍ରଶାସନ, ରାଜସ୍ୱ, ଶିଳ୍ପ ବିଭାଗର ପ୍ରାୟ ୧୨ଟି ପ୍ରସ୍ତାବ ଉପରେ ମୋହର ଲାଗିବା ସମ୍ଭାବନା ରହିଛି। ଏହାଛଡ଼ା କେତୋଟି ଆଇନରେ ସଂଶୋଧନ ଅଣାଯିବା ସହ ପାନୀୟଜଳ, ବିଭିନ୍ନ ପ୍ରକଳ୍ପକୁ ଜମି, କ୍ୟାଡର ପୁନର୍ଗଠନ ଆଦି ପ୍ରସ୍ତାବ ଅନୁମୋଦନ ଲାଭ କରିବ। ବିଧାନସଭା ଅଧିବେଶନ ଚାଲିଥିବାରୁ କ୍ୟାବିନେଟ୍ ଏଜେଣ୍ଡାକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଛି।

# ‘ଗୋପାଳ ପାଗଳ ନୁହନ୍ତି’

ବ୍ରଜରାଜନଗର(ଡି.ଏନ୍.ଏ.)/ ଭୁବନେଶ୍ୱର, ୬।୩(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ଅଭିଯୁକ୍ତ ତଥା ବହିଷ୍କୃତ ପୋଲିସ ଏଏସ୍ଆଇ ଗୋପାଳ ଦାସ ପାଗଳ ନୁହନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ମେଡିକାଲ ବୋର୍ଡର ଟେଷ୍ଟ ରିପୋର୍ଟକୁ ଆଧାର କରି ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରାଜଜ୍ (ଏଡିଜେ) ଦେଇଥିବା ରାୟରୁ ଏକଥା ଜଣାପଡ଼ିଛି। ମେଡିକାଲ ବୋର୍ଡ ପକ୍ଷରୁ ହୋଇଥିବା ଗୋପାଳଙ୍କ ମନସ୍ତତ୍ତ୍ୱ ପରୀକ୍ଷା ରିପୋର୍ଟରେ ଦର୍ଶାଯାଇଛି ଯେ ଅଭିଯୁକ୍ତ ସଚେତନ, ସତର୍କ ଅଛନ୍ତି ଏବଂ ବାର୍ତ୍ତାଳାପରେ ସହଯୋଗ କରୁଛନ୍ତି। ଆଖିକୁ ଆଖି ମିଳାଇ କଥା ହେଉଛନ୍ତି ଓ ବାର୍ତ୍ତାଳାପରେ ପୂର୍ବାପର ସମ୍ପର୍କ ସ୍ଥାପନ କରିବାରେ ସଚେତନ ହେଉଛନ୍ତି। ଅଭିଯୁକ୍ତଙ୍କ ବିଚାରଧାରା ଓ ଧାରଣାରେ କିଛି ଅସ୍ୱାଭାବିକତା ଲକ୍ଷ୍ୟ କରାଯାଇନାହିଁ। ଜେରା ବେଳେ ଅଭିଯୁକ୍ତ ବିବେକଶୀଳତାର ପ୍ରଦର୍ଶନ କରିଥିବା ମଧ୍ୟ ଦର୍ଶାଯାଇଛି। ମେଡିକାଲ ବୋର୍ଡର ଏଭଳି ରିପୋର୍ଟରୁ ଏହା ସ୍ପଷ୍ଟ ହେଉଛି ଯେ ଅଭିଯୁକ୍ତଙ୍କ କୌଣସି ମାନସିକ ରୋଗ ନାହିଁ ବୋଲି କୋର୍ଟ ପକ୍ଷରୁ କୁହାଯାଇଛି। ରିପୋର୍ଟକୁ ଅଧ୍ୟୟନ କଲା ପରେ ଅଭିଯୁକ୍ତଙ୍କ ମାନସିକ ସ୍ଥିତି ଯାଞ୍ଚ କରିବା ଅନାବଶ୍ୟକ ମନେହେଉଛି ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ହୋଇଥିବା ଆବେଦନକୁ ଖାରଜ କରିବା ସହ ରାୟରେ ଏଡିଜେ ଉଲ୍ଲେଖ କରିଛନ୍ତି।



ଗୋପାଳ ଦାସ

ହତ୍ୟାକାଣ୍ଡକୁ ଇତିମଧ୍ୟରେ ୩୭ଦିନ ପୂରିଗଲାଣି। ହତ୍ୟାକାଣ୍ଡ ଦିନ ଘଟଣାସ୍ଥଳରୁ ଗୋପାଳଙ୍କୁ କାବୁ କରାଯାଇଥିଲା। ହେଲେ ଏଯାଏ ହତ୍ୟାର କାରଣ ଜଣାପଡ଼ିନାହିଁ। ବରଂ ଅଭିଯୁକ୍ତଙ୍କୁ ପାଗଳ ଭାବେ ଦର୍ଶାଇ ଖସାଇଦେବାକୁ ଉଦ୍ୟମ ହେଉଥିବା ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଅଭିଯୋଗ ହୋଇଆସୁଛି। ଏପରିକି ତଦନ୍ତକାରୀ ସଂସ୍ଥା କ୍ରାଇମ୍‌ବ୍ରାଞ୍ଚର ଭୂମିକା ଉପରେ ବିରୋଧୀ ଦଳଗୁଡ଼ିକ ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ କ୍ରାଇମ୍‌ବ୍ରାଞ୍ଚ ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ପାଇଁ ଏକାଧିକ ଥର ଉଦ୍ୟମ କରିଛି। ତାଙ୍କୁ ୧୩ ଦିନ ରିମାଣ୍ଡରେ ନେବା ପରେ ପୁଣି ୩ ସପ୍ତାହ ପାଇଁ ବେଙ୍ଗାଲୁରୁସ୍ଥିତ ରାଷ୍ଟ୍ରୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ସଂସ୍ଥାନ (ନିମହାନ୍ସ)କୁ ନେବାକୁ ଚାହୁଁଛି। ଏନେଇ କ୍ରାଇମ୍‌ବ୍ରାଞ୍ଚ କରିଥିବା ଆବେଦନକୁ ପ୍ରଥମେ ଜେଏମ୍ଏଫ୍‌ସି ଗତ ୨୦ ତାରିଖରେ ଖାରଜ କରିଦେଇଥିଲେ। ଏହା ବିରୋଧରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ହୋଇଥିବା ରିଭିଜନ ଆବେଦନକୁ ଏଡିଜେ ଗତ ୩ ତାରିଖରେ ଖାରଜ କରିଦେଇଛନ୍ତି। ଗୋଟିଏ ପଟେ ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ପାଇଁ କ୍ରାଇମ୍‌ବ୍ରାଞ୍ଚ ବ୍ୟଗ୍ର ଥିବାବେଳେ ଏବେ ଏଡିଜେଙ୍କ ଗତ ୩ ତାରିଖର ରାୟ ସାମ୍ନାକୁ ଆସିଛି। ସେଥିରେ ମେଡିକାଲ ବୋର୍ଡ ଟେଷ୍ଟ ରିପୋର୍ଟକୁ ଆଧାରକରି ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ଥିବା କଥା ଏଡିଜେ ଦର୍ଶାଇଛନ୍ତି।

ଘଟଣାଦିନରୁ ହିଁ ଗୋପାଳଙ୍କ ମାନସିକ ସ୍ଥିତି ଭଲ ନ ଥିବା କୁହାଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ଏନେଇ ତଦନ୍ତ ଆଗକୁ ବଢ଼ାଇଥିବାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା କଟକ ଏସ୍‌ସିବି ମେଡିକାଲର ୪ଜଣିଆ ମନୋଚିକିତ୍ସକଙ୍କୁ ନେଇ ଓଡ଼ିଶା ମେଡିକାଲ ବୋର୍ଡ ଗଠନ କରାଯାଇଥିଲା। ମେଡିକାଲ ବୋର୍ଡ ପକ୍ଷରୁ ଫେବୃୟାରୀ ୪ରେ ଝାରସୁଗୁଡ଼ାଠାରେ ଗୋପାଳଙ୍କ ମନସ୍ତାତ୍ତ୍ୱିକ ଯାଞ୍ଚ କରି ୫ ତାରିଖରେ ରିପୋର୍ଟ କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମ୍‌ବ୍ରାଞ୍ଚ ତାହାକୁ ଜେଏମ୍ଏଫ୍‌ସି କୋର୍ଟରେ ଦାଖଲ କରିଥିଲା। ମେଡିକାଲ ବୋର୍ଡ ଟେଷ୍ଟ ରିପୋର୍ଟକୁ ଆଧାରକରି ପ୍ରଥମେ ଜେଏମ୍ଏଫ୍‌ସି ଏବଂ ☞ପୃଷ୍ଠା-୨

# ରାବ୍ରି ଦେବୀଙ୍କୁ ସିବିଆଇ ଜେରା

## ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲା



ରାବ୍ରୀ ଦେବୀ

**ନୂଆଦିଲ୍ଲୀ, ୬।୩:** ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସୋମବାର ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କୁ ତାଙ୍କ ପାଟନା ବାସଭବନରେ ଜେରା କରିଛି। ଏହି ମାମଲା ସହ ସମ୍ପୃକ୍ତ ରାବ୍ରୀଙ୍କ ସ୍ୱାମୀ ତଥା ପୂର୍ବତନ ରେଳମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କୁ ମଧ୍ୟ ନୋଟିସ ଜାରି ହୋଇଛି। ତେବେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଚଢ଼ାଉ କିମ୍ବା ତଲାସି କରାଯାଇ ନ ଥିଲା। ପୂର୍ବରୁ ରାବ୍ରୀଙ୍କୁ ନୋଟିସ ହୋଇଥିବାବେଳେ ସେ ସୋମବାର ଉପଲବ୍ଧ ହେବେ ବୋଲି ଜଣାଇଥିଲେ। ତଦନୁଯାୟୀ ସିବିଆଇ ଟିମ୍ ତାଙ୍କ ବାସଭବନରେ ପହଞ୍ଚି ଜେରା କରିଥିବା ଜଣେ ଅଧିକାରୀ କହିଛନ୍ତି। ଆର୍‌ଜେଡି ସୁପ୍ରିମୋ ଲାଲୁଙ୍କୁ ନୋଟିସ ହୋଇଥିଲେ ମଧ୍ୟ କେବେ ଜେରା କରାଯିବ ତାହା ଅଧିକାରୀ ଜଣକ କହିନାହାନ୍ତି। ୨୦୦୪ରୁ ୨୦୦୯ ଲାଲୁ ରେଳମନ୍ତ୍ରୀ ଥିବାବେଳେ ଗ୍ରୁପ୍ ଡି ☞ପୃଷ୍ଠା-୨

# ବାଣ ବିସ୍ଫୋରଣରେ ୫ ମୃତ

## ସପ୍ତାହକରେ ଗଲାଣି ୮ ଜୀବନ

*ବିନା ଅନୁମତି ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ନ କରି ବାଣ ପ୍ରସ୍ତୁତ ଏବଂ ଗଚ୍ଛିତ କରାଯାଉଛି। ଫଳରେ ବିଭିନ୍ନ ସମୟରେ ବିସ୍ଫୋରଣ ଘଟି ମୂଲ୍ୟବାନ ଜୀବନ ଯାଉଛି। ସପ୍ତାହକ ମଧ୍ୟରେ ୨ଟି ଅଘଟଣରେ ୮ଜଣଙ୍କ ମୃତ୍ୟୁ ହେଲାଣି। ଗତ ୨୮ ତାରିଖରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଇଚ୍ଛାପୁରସ୍ଥିତ ମାଧୁରୀବଜାରର ଏକ ବାଣ ଗୋଦାମରେ ଅଗ୍ନିକାଣ୍ଡ ଘଟିଥିଲା। ସେଥିରେ ୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସୋମବାର ଖୋର୍ଦ୍ଧା ଜିଲା ଭୁଷଣ୍ଡପୁରରେ ବାଣ ପ୍ରସ୍ତୁତ କାରଖାନାରେ ବିସ୍ଫୋରଣ ଘଟି ୫ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଥିରେ ୩ଜଣ ଗୁରୁତର ଆହତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି।*

ଖୋର୍ଦ୍ଧା ଅଫିସ/ଟାଙ୍ଗୀ/ ନିରାକାରପୁର,୬।୩(ଡିଏନ୍.ଏ.)

- ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ଅଗ୍ନିଶମ ଡିଜି
- ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ, ଏସ୍‌ପି
- ବିନା ଅନୁମତିରେ ଚାଲିଥିଲା
- ଉଡ଼ିଗଲା ଆଜବେଷ୍ଟସ୍, କାନ୍ଥରେ ଛିଟିକି ଲାଗିଛି ମାଂସ



ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଭୂଷଣ୍ଡପୁରରେ ଦୋଳ ଉତ୍ସବ ପାଇଁ ବାଣଭିଡ଼ା ଯାଉଥିବା ବେଳେ ସୋମବାର ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୫ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଭୂଷଣ୍ଡପୁର ଗ୍ରାମର ନିରଞ୍ଜନ ବେହେରା(୩୫) ଓ ବ୍ରଜ ବେହେରା(୩୦), ନିରାକାରପୁର ପାଣ୍ଡବପାଟଣା ଗ୍ରାମର ସହଦେବ ବେହେରା(୭୦), ପୁରୀ ଜିଲା ଗଡ଼ିଶାଗୋଡା ଥାନା ବାଦୁରାବରର ବୃନ୍ଦାବନ ସାହୁ ଏବଂ ଭୂଷଣ୍ଡପୁର ଗ୍ରାମର ଦୋଳଗୋବିନ୍ଦ ବେହେରା(୬୨)। ସେହିପରି ଆହତମାନେ ହେଲେ ଭୂଷଣ୍ଡପୁର ଗ୍ରାମର ମହେଶ୍ୱର ବେହେରା(୨୪) ଓ ସୁଦର୍ଶନ ବେହେରା(୭୦)। ଅନ୍ୟଜଣଙ୍କ ପରିଚୟ ମିଳିପାରି ନାହିଁ। ଆହତମାନଙ୍କୁ ଖୋର୍ଦ୍ଧା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ☞ପୃଷ୍ଠା-୨

# ‘ପ୍ଲାଷ୍ଟିକ୍ ଦିଅ ସୁନା ନିଅ’

ଶ୍ରୀନଗର, ୬।୩

ପ୍ଲାଷ୍ଟିକ୍‌ର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାଦ୍ୱାରା ପରିବେଶ ଏବଂ ଜୀବଜଗତ ପ୍ରଭାବିତ ହେବାରେ ଲାଗିଛନ୍ତି। ପ୍ରାଣୀଜଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ଆବଶ୍ୟକ ହୋଇପଡ଼ିଥିବାବେଳେ କିନ୍ତୁ ଏହା ସମ୍ଭବପର ହୋଇନାହିଁ। ତେବେ ନିଜ ଗ୍ରାମକୁ ପ୍ଲାଷ୍ଟିକ୍ ଫ୍ରି କରିବା ସକାଶେ ଅଣ୍ଟା ଭିଡ଼ିଛନ୍ତି ଜମ୍ମୁ-କଶ୍ମୀର ସିଦ୍ଦିୱାରା ଗାଁ ସରପଞ୍ଚ ଫାରୁକ୍ ଅହମଦ ଗନାଇ। ‘ପ୍ଲାଷ୍ଟିକ୍ ଦିଅ ଏବଂ ସୁନା ନିଅ’ ଭଳି ଏକ ନିଆରା ଅଭିଯାନ ସେ ଆରମ୍ଭ କରିଛନ୍ତି। ଫାରୁକ୍‌ଙ୍କ ମୂଳ ଉଦ୍ଦେଶ୍ୟ ପ୍ରଦେଶକୁ ପ୍ଲାଷ୍ଟିକ୍ ମୁକ୍ତ କରିବା।



- ପରିବେଶକୁ ପ୍ଲାଷ୍ଟିକ୍ ମୁକ୍ତ କରିବାର ନିଆରା ପ୍ରୟାସ
- ୨ କୁଇଣ୍ଟାଲ ପ୍ଲାଷ୍ଟିକ୍ ବଦଳରେ ଗୋଟିଏ ସୁନା ମୁଦ୍ରା

ଫାରୁକ ପେସାରେ ଜଣେ ଆଇନଜୀବୀ। ଅଭିଯାନକୁ ମାତ୍ର କିଛି ସପ୍ତାହ ବିତିଥିବାବେଳେ ଗତ ଜାନୁୟାରୀ ୭ରେ ଡେପୁଟି କମିଶନର ସିଦ୍ଦିୱାରା ଗାଁକୁ ପ୍ଲାଷ୍ଟିକ୍ ଫ୍ରି’ ଭାବେ ଘୋଷଣା କରିଛନ୍ତି। ତେବେ ଯେଉଁ ବ୍ୟକ୍ତି ଏକକାଳୀନ ୨ କୁଇଣ୍ଟାଲ ପ୍ଲାଷ୍ଟିକ୍ ଦେବେ ତାଙ୍କୁ ଗୋଟିଏ ସୁନା ମୁଦ୍ରା ମିଳିବ। କେବଳ ସିଦ୍ଦିୱାରା ଗାଁରେ ନୁହେଁ ବରଂ ଜମ୍ମୁ-କଶ୍ମୀରକୁ ସମ୍ପୂର୍ଣ୍ଣ ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ

ଚିପ୍ ଯୁଦ୍ଧ









**ଓଡ଼ିଶା ରାଜ୍ୟ ବାର୍ କାଉନ୍ସିଲ୍ ନିର୍ବାଚନ: ୯୮ ପ୍ରାର୍ଥୀଙ୍କ ନାମାଙ୍କନ** କଟକ ଅଫିସ,୬।୩: ଆସନ୍ତା ଏପ୍ରିଲ ୧୫ରେ ହେବାକୁ ଥିବା ଓଡ଼ିଶା ରାଜ୍ୟ ବାର୍ କାଉନ୍ସିଲ୍ ନିର୍ବାଚନ ନିମନ୍ତେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ବାର୍ କାଉନ୍ସିଲ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ମାର୍ଚ୍ଚ ୧ରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଥିଲା। ସୋମବାର ଶେଷ ଦିବସ ସୁଦ୍ଧା କର୍ମକର୍ତ୍ତା ପଦ ନିମନ୍ତେ ମୋଟ ୩୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏଥିସହ ୨୫ଟି ସଭ୍ୟ ପଦ ପାଇଁ ୯୮ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଧଡ଼ ଧଡ଼
ଘରେ ଭାତ ନାହିଁ ବୁଢ଼ୀକି ତଡ଼ ।**

ଅଭାବଗ୍ରସ୍ତ ଘରେ ଅକର୍ମଣ୍ୟ ବୃଦ୍ଧା, ବୃଦ୍ଧଙ୍କୁ ରଖି କେମିତି ଚଳେଇବେ, ବରଂ ଘରୁ ବାହାର କରିଦେଲେ ଘରଖର୍ଚ୍ଚ କମିଯିବ। ଏହା କିନ୍ତୁ ଏକ ସାମାଜିକ ଅନ୍ୟାୟ। ସାଧାରଣତଃ ଅକ୍ଷମ ହୋଇଗଲେ ବୃଦ୍ଧା ବା ବୃଦ୍ଧ ବ୍ୟକ୍ତି ଅଲୋଡ଼ା ହୋଇଯାଇଥାନ୍ତି। ସମାଜରେ ତାଙ୍କର ଆଉ କିଛି ଆବଶ୍ୟକତା ରହୁ ନଥିବା ନେଇ ବିଚାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ନିଉଛଣା ଅନ୍ଧାର ରାତି
ଅତି ନିଉଛଣା ଗୋଲାମ ଜାତି ।**

ଆଲୋକ ବିନା ଅନ୍ଧାର ରାତିରେ ଜଣକୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ସେହିପରି ଅଧୀନତା ସ୍ୱୀକାର କରି ପର ଘରେ ମୁଣ୍ଡ ବିକିଥିବା ଲୋକ ଅଧିକାଂଶ ସମୟରେ ବାର ହୀନସ୍ତା ହୋଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୨୬ରେ ଓଡ଼ିଶା ଆସିବେ ଅମିତ୍ ଶାହା

**ଭୁବନେଶ୍ୱର,୬।୩(ବ୍ୟୁରୋ):** ଆସନ୍ତା ୨୬ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓଡ଼ିଶା ଗସ୍ତରେ ଆସିବେ। ଭଦ୍ରକରେ ହେବାକୁଥିବା ଲୋକସେବା ପ୍ରବାସ କାର୍ଯ୍ୟକ୍ରମରେ ସେ ଯୋଗଦେବେ ବୋଲି ସୂଚନା ମିଳିଛି। ଏ ନେଇ ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ତେବେ ଶାହାଙ୍କ ଗସ୍ତସୂଚୀ ନେଇ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନ ଥିବା ଜଣାପଡ଼ିଛି।

# ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଇଫ୍‌କୋର ୧ କୋଟି ଟଙ୍କା ପ୍ରଦାନ

**ଭୁବନେଶ୍ୱର,୬।୩(ବ୍ୟୁରୋ):** ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିଃ (ଇଫ୍‌କୋ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ଦାନ କରାଯାଇଛି। ମଙ୍ଗଳବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କୁ ଇଫ୍‌କୋର ବରିଷ୍ଠ ଅଧିକାରୀମାନେ ସାକ୍ଷାତ୍ କରି ୧ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ ଉଦୟ ଶଙ୍କର ଅଗସ୍ତି, ନିର୍ଦ୍ଦେଶକ କେ.ଜେ. ପଟେଲ ଏବଂ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ ବେଉରା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଚେକ୍ ଗ୍ରହଣ କରି ମୁଖ୍ୟ ଶାସନ ସଚିବ ଜେନା ଇଫ୍‌କୋର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ। ଏହା ପୂର୍ବରୁ ଉକ୍ତ ଅଧିକାରୀମାନେ ୫-ଟି ସଚିବଙ୍କୁ ମଧ୍ୟ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ଏହାପରେ ଉକ୍ତ ଅଧିକାରୀମାନେ ପୁରୀ ଯାଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ୧୧ ଲକ୍ଷ ଟଙ୍କା ଦାନ କରିଛନ୍ତି।

# ମିଶନ ଶକ୍ତି ସଦସ୍ୟଙ୍କୁ ଇଲେକ୍ଟ୍ରିକ୍ ସ୍କୁଟି

ଭୁବନେଶ୍ୱର,୬।୩(ବ୍ୟୁରୋ)

ମିଶନ ଶକ୍ତି ସ୍କୁଟର ଯୋଜନାରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟାଙ୍କୁ ବୈଦ୍ୟୁତିକ (ଇଲେକ୍ଟ୍ରିକ୍) ସ୍କୁଟର ନିମନ୍ତେ ସହାୟତା ଯୋଗାଇ ଦିଆଯିବ। ଏହି ଯୋଜନା ଅଧୀନରେ ଇଲେକ୍ଟ୍ରିକ୍ ସ୍କୁଟର କ୍ରୟ ପାଇଁ ଦିଆଯାଉଥିବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କଋଣ ଉପରେ ସମ୍ପୂର୍ଣ୍ଣ ସୁଧ ରିହାତି ଦିଆଯିବ। ଏଥିପାଇଁ ୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ କହିଛନ୍ତି।

ସୋମବାର ଗୀତ ଗୋବିନ୍ଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ୨୦୨୩-୨୪ ବଜେଟ ମୁଖ୍ୟାଂଶ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ମିଶନ ଶକ୍ତି ଆଜି ଓଡ଼ିଶାର ୭୦ ଲକ୍ଷରୁ ଅଧିକ ମହିଳାଙ୍କ ଜୀବନରେ ପରିବର୍ତ୍ତନ ଆଣିଛି। ଏଥିନିମନ୍ତେ ମହିଳାମାନଙ୍କୁ ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀରେ ସଂଗଠିତ କରି ରୋଜଗାରଭିତ୍ତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ସରକାରୀ ଯୋଜନାରେ ସମ୍ପୃକ୍ତ କରାଇ ସଶକ୍ତ କରାଯାଉଛି। ନିରନ୍ତର ଆର୍ଥିକ ସହାୟତା, ଦକ୍ଷତା ବିକାଶ ତାଲିମ ଏବଂ ନୂତନ ଜୀବିକାର ରାହା ଦେଖାଇ ରାଜ୍ୟ ସରକାର ପ୍ରତ୍ୟେକ ମହିଳାଙ୍କ ମନରେ ଆତ୍ମବିଶ୍ୱାସ ଏବଂ ଗର୍ବର ଭାବନା ସୃଷ୍ଟି କରିଛନ୍ତି। ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ମିଶନ ଶକ୍ତି ବିଭାଗ ପାଇଁ ୨,୫୫୪ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରିଛନ୍ତି, ଯାହା ଗତବର୍ଷର ବଜେଟ ତୁଳନାରେ ୨୭ ପ୍ରତିଶତ ଅଧିକ। ମିଶନ ଶକ୍ତି ବିଭାଗ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଉଦ୍ୟୋଗୀରେ ପରିଣତ କରାଯିବାକୁ ଲକ୍ଷ୍ୟ ରଖିଛି। ଏଥିପାଇଁ ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏ ଇଣ୍ଡଷ୍ଟ୍ରିଆଲ୍ ପାର୍କ ପ୍ରତିଷ୍ଠାକୁ ଅନୁମୋଦନ କରିଛନ୍ତି। ଏହି ପାର୍କ ପ୍ରତିଷ୍ଠା ପାଇଁ ୧୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଉଦ୍ୟୋଗୀରେ ରୂପାନ୍ତରଣ କରିବା ଦିଗରେ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ବିନା ସୁଧରେ ମିଶନ ଶକ୍ତି ଋଣକୁ ୩ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ୧୦ ହଜାର କୋଟି ଟଙ୍କାର ବ୍ୟାଙ୍କଋଣ ଯୋଗାଇଦେବା



ଖବରଦାତା ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଏବଂ ମିଶନ ଶକ୍ତି ବିଭାଗ କମିଶନର ସୁଜାତା କାର୍ତ୍ତିକେୟନ

- **୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ଛାଡ଼**
- **ମହିଳା ଉଦ୍ୟୋଗୀ ସୃଷ୍ଟି ପାଇଁ ପ୍ରତି ଜିଲ୍ଲାରେ ହେବ ଇଣ୍ଡଷ୍ଟ୍ରିଆଲ ପାର୍କ**
- **୫ ବର୍ଷରେ ସୃଷ୍ଟିହେବ ୫ ହଜାର ମିଶନ ଶକ୍ତି ବଜାର**
- **ବିଭାଗ ପାଇଁ ୨,୫୫୪ କୋଟିର ବ୍ୟୟ ବରାଦ**

ନିମନ୍ତେ ୨୨୦ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥା କରାଯାଇଛି। ମିଶନ ଶକ୍ତି ସଦସ୍ୟଙ୍କ ବ୍ୟାଙ୍କଖାତାକୁ ସିଧାସଳଖ ସୁଧ ରିହାତି ଫେରସ୍ତ କରାଯାଉଛି ବୋଲି ମନ୍ତ୍ରୀ ହେମ୍ବ୍ରମ୍ କହିଛନ୍ତି।

ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍ କହିଛନ୍ତି, ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଉଦ୍ୟୋଗୀରେ ପରିଣତ କରିବା ପାଇଁ ତାଲିମ, ଜୀବନଜୀବିକା ଓ ଦକ୍ଷତା ବିକାଶ ଉପରେ ବିଭାଗ ଦ୍ୱାରା ଗୁରୁତ୍ୱ ଦିଆଯାଉଛି। ବ୍ଲକସ୍ତରରେ କୃଷି ପ୍ରକ୍ରିୟାକରଣ, ବିୟୁଟି, ଡିଜିଟାଲ ଓ ବିଜନେସ୍ ମ୍ୟାନେଜ୍‌ମେଣ୍ଟ, ଫ୍ୟାସନ୍ ଡିଜାଇନିଂ, କାଫେ ଏବଂ ଖାଦ୍ୟପ୍ରସ୍ତୁତି ଇତ୍ୟାଦି ଉପରେ ତାଲିମ ପାଇଁ ୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଆଗାମୀ ୫ ବର୍ଷ ମଧ୍ୟରେ ସାରା ରାଜ୍ୟରେ ୫୦୦ ମିଶନ ଶକ୍ତି ବଜାର ପ୍ରତିଷ୍ଠା କରାଯିବ। ସେହି ସମୟ ମଧ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୧୦ ହଜାର କୋଟି ଟଙ୍କା ମୂଲ୍ୟର ସରକାରୀ ବ୍ୟବସାୟ ଯୋଗାଇବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏଥିପାଇଁ ୩୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି କାର୍ତ୍ତିକେୟନ୍ କହିଛନ୍ତି। ୩୦ଟି ଜିଲ୍ଲାସ୍ତରୀୟ ମିଶନ ଶକ୍ତି ମହାସଂଘକୁ ୧ କୋଟି ଟଙ୍କା ଲେଖାଏ ଆବର୍ତ୍ତନ ପାଣ୍ଠି ପ୍ରଦାନ ବ୍ୟବସ୍ଥା କରାଯାଇଛି। ୩୩୮ ଗୋଟି ବ୍ଲକ୍‌ସ୍ତରୀୟ ମହାସଂଘକୁ ୫୦ ଲକ୍ଷ ଟଙ୍କା ଲେଖାଏ ଆବର୍ତ୍ତନ ପାଣ୍ଠି ପ୍ରଦାନର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ମହାସଂଘର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ଲାଗି ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଛି। ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ କାର୍ଯ୍ୟାଳୟ ନିମନ୍ତେ ଭିତ୍ତିଭୂମିର ବ୍ୟବସ୍ଥା କରାଯାଇଛି। ବ୍ଲକ୍ ଓ ପଞ୍ଚାୟତସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟାଙ୍କ ପାଇଁ ବୈଠକ ଓ ଗସ୍ତ ଭତ୍ତାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଏହିସବୁ ନିମନ୍ତେ ବାର୍ଷିକ ୨୬୬.୫୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି କାର୍ତ୍ତିକେୟନ୍ କହିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ନିୟମିତ ବୈଠକ ଓ ତାଲିମ ସହିତ ସେଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରିବ୍ୟବସ୍ଥା ନିମନ୍ତେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଏବଂ ୱାର୍ଡରେ ମିଶନ ଶକ୍ତି ଗୃହ ଏବଂ ବ୍ଲକ୍ ଓ ଜିଲ୍ଲାସ୍ତରରେ ମିଶନ ଶକ୍ତି ଭବନ ନିର୍ମାଣ କରାଯାଉଛି। ସେହିଭଳି ପ୍ରତ୍ୟେକ ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ପାଇଁ କାର୍ଯ୍ୟାଳୟ ସହ ମାର୍କେଟ କମ୍ପ୍ଲେକ୍ସ ବ୍ୟବସ୍ଥା କରାଯାଇଛି। ଏଥିନିମନ୍ତେ ୩୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି କାର୍ତ୍ତିକେୟନ୍ କହିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ମିଶନ ନିର୍ଦ୍ଦେଶାଳୟର କାର୍ଯ୍ୟନିର୍ବାହୀ ଥିରୁମାଲା ନାୟକ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ସମେତ ମିଶନ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

# ଅନ୍‌ଲାଇନ୍ ପାଠ୍ୟକ୍ରମ ଜ୍ଞାନ, କୌଶଳ, ରୋଜଗାର ଦେବ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୬।୩(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଭିଡିଓ କନ୍‌ଫରେନ୍ସରେ ଆଇଆଇଟି, ମାଡ୍ରାସ ଦ୍ୱାରା ଇଲେକ୍ଟ୍ରୋନିକ୍ସ ସିଷ୍ଟମ ବିଭାଗରେ ବିଏସ୍‌ସି ପାଇଁ ପ୍ରସ୍ତୁତ ଅନ୍‌ଲାଇନ ପାଠ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏଭଳି ପଦକ୍ଷେପ ଯୁବଶକ୍ତିଙ୍କୁ ଏକବିଂଶ ଶତାବ୍ଦୀର ଜ୍ଞାନ, କୌଶଳ ଏବଂ ରୋଜଗାର ସହ ସମନ୍ୱୟ ରଖିବା ଲାଗି ବିରାଟ ବଡ଼ ସୁଯୋଗ ପ୍ରଦାନ କରିବ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ଜାତୀୟ ଶିକ୍ଷାନୀତିରେ ଶିକ୍ଷାର ଗୁଣାତ୍ମକ, ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ରୋଜଗାର ଏବଂ ମଲ୍‌ଟିପୁଲ୍ ଏଣ୍ଟ୍ରି-ମଲ୍‌ଟିପୁଲ୍ ଏକ୍‌ଜିଟ ପାଇଁ ପରାମର୍ଶ ଦିଆଯାଇଛି। ଏହି ଆଧାରରେ ଆଇଆଇଟି, ମାଡ୍ରାସ ଏହି ନୂତନ ପାଠ୍ୟକ୍ରମ ଆରମ୍ଭ କରିବା ସ୍ୱାଗତଯୋଗ୍ୟ। ଏହି ଉଦ୍ୟମ ଦେଶର ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ମାନକୁ ବଢ଼ାଇବାରେ ସହାୟକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକଶିତ ଭାରତ କଳ୍ପନାରେ ଅଧିକରୁ ଅଧିକ ଅନୁଷ୍ଠାନ ଏଭଳି କାର୍ଯ୍ୟକ୍ରମ ପାଇଁ ଆଗେଇ ଆସିବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି। ଭାରତ କେବଳ ଟେକ୍ନୋଲୋଜିର ଉପଭୋକ୍ତା ହେବା ଉଚିତ ନୁହେଁ ବରଂ ନିଜର ମାନବଶକ୍ତି ମଧ୍ୟ ପ୍ରସ୍ତୁତ କରିବା ଦରକାର। ଆଇଆଇଟି, ମାଡ୍ରାସ ଦ୍ୱାରା ପ୍ରସ୍ତୁତ ଏହି ପାଠ୍ୟକ୍ରମ ସମସ୍ତଙ୍କ ପାଖରେ ଥିବା କାର୍ଯ୍ୟାବଳୀର ଦକ୍ଷତା ସୁଧାର ଏବଂ ଭବିଷ୍ୟତ କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରିବାର ଦୁଇଟି ଉଦ୍ଦେଶ୍ୟ ପୂରଣ କରିବ ବୋଲି ଧର୍ମେନ୍ଦ୍ର କହିବା ସହ ଡିଜିଟାଲ ଏବଂ ଇଲେକ୍ଟ୍ରୋନିକ୍ସ ପରିସଂସ୍ଥାନରେ ଏକ ମୌଳିକ ମଡ୍ୟୁଲ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି।

# ହୋଲିରେ ହାଲୁକା ବର୍ଷା

ଭୁବନେଶ୍ୱର,୬।୩(ବ୍ୟୁରୋ)

ଆସନ୍ତା ୮ ତାରିଖ ହୋଲିରେ ହାଲୁକା ବର୍ଷା ହେବା ସମ୍ଭାବନା ରହିଛି। ଆରବ ସାଗରରେ ଏକ ଘୁରୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ସମୁଦ୍ରପଟୁ ରାଜ୍ୟକୁ ଜଳୀୟବାଷ୍ପ ପ୍ରବେଶ କରିବାର ସମ୍ଭାବନା ରହିଛି। ଏଥିସହିତ ଓଡ଼ିଶା ଉପକୂଳରେ ଏକ ଟ୍ରଫ୍ ଲାଇନ୍ ମଧ୍ୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ପଶ୍ଚିମ ଏବଂ ଉପକୂଳ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ଅସରାଏ କିମ୍ବା ଦି'ଅସରା ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଆସନ୍ତା ୮ରୁ ୧୧ ତାରିଖ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, ଯାଜପୁର, ଜଗତ୍‌ସିଂହପୁର, କଟକ ଓ ଖୋର୍ଦ୍ଧା ଆଦି ଜିଲ୍ଲାର କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପଶ୍ଚିମା ବାୟୁ ପ୍ରବାହ ଯୋଗୁ ମଙ୍ଗଳବାରଠାରୁ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଆଦିରେ ବର୍ଷା ହେବ। ଏହାପରେ ଓଡ଼ିଶାରେ ବର୍ଷା ହେବା ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଇଛି। ଏହି ସମୟରେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ସେଲ୍‌ସିୟସ ରହିବ। ରାତିରେ ମଧ୍ୟ ଥଣ୍ଡା ଅନୁଭୂତ ହେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ୮ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା ୩୭.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## 'ଗୋପାଳ ପାଗଳ...

ପରେ ଏଡିଜେ କୋର୍ଟ କ୍ରାଇମବ୍ରାଞ୍ଚର ଆବେଦନକୁ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷରେ ଏଡିଜେଙ୍କ କୋର୍ଟରେ ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ଗୋପାଳଙ୍କ ପୋଲିସ ରିମାଣ୍ଡ ମାଗୁନାହୁଁ, ବରଂ ତାଙ୍କ ସମ୍ପୂର୍ଣ୍ଣ ମାନସିକ ଅବସ୍ଥାକୁ ଜାଣିବା ପାଇଁ ବିଶେଷଜ୍ଞ ଟିମ୍‌ଙ୍କ ପରାମର୍ଶକ୍ରମେ ତାଙ୍କୁ ବେଙ୍ଗାଲୁରୁ ନେବା ପାଇଁ ଆବେଦନ କରାଯାଇଛି। ଏହାକୁ ବିରୋଧ କରିଥିଲେ ଗୋପାଳଙ୍କ ଓକିଲ ହରିଶଙ୍କର ଅଗ୍ରୱାଲ। ସେ ଯୁକ୍ତି ବାଢ଼ିଥିଲେ ଯେ, ମାନସିକ ସ୍ଥିତି ଯାଞ୍ଚ ପାଇଁ କ୍ରାଇମବ୍ରାଞ୍ଚ ହେପାଜତରେ ବାହାର ରାଜ୍ୟକୁ ନିଆଯିବା ଅର୍ଥ ରିମାଣ୍ଡ ସହ ସମାନ। ମେଡିକାଲ ବୋର୍ଡ ରିପୋର୍ଟ ଅନୁସାରେ ଗୋପାଳଙ୍କ ମାନସିକ ଅବସ୍ଥା ଠିକ୍ ଥିବାରୁ କ୍ରାଇମବ୍ରାଞ୍ଚର ଆବେଦନକୁ ଆଇନଜୀବୀ ଅଗ୍ରୱାଲ ବିରୋଧ କରିଥିଲେ।

ଏଡିଜେଙ୍କ ଗତ ୩ ତାରିଖ ରାୟ ସାମ୍ନାକୁ ଆସିବା ପରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପୁଣିଥରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି, ଘଟଣାରେ ଷଡ଼ଯନ୍ତ୍ର ରହିଥିବା ଆରମ୍ଭରୁ ଜଣାପଡ଼ିଥିଲା। କୋର୍ଟ ରାୟ ପରେ ଏହା ସ୍ପଷ୍ଟ ହୋଇଯାଇଛି। ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ପାରିବ ନାହିଁ। ତେଣୁ ସିବିଆଇକୁ ତଦନ୍ତ ଭାର ଦିଆଯାଉ ବୋଲି ସେ ଦାବି କରିଆସୁଛନ୍ତି। କିନ୍ତୁ ସରକାର କର୍ଣ୍ଣପାତ କରୁନାହାନ୍ତି। ଘଟଣାରେ ସରକାର ଡାହାଣୀ ହୋଇ ଲାଗୁଛନ୍ତି, ଗୁଣିଆ ହୋଇ ଝାଡୁଛନ୍ତି ବୋଲି ଭାଜପା ନେତା ଜୟନାରାୟଣ କହିଛନ୍ତି।

### ପୂର୍ବରୁ କହିଛୁ ଏହା ଏକ ବଡ଼ ଷଡ଼ଯନ୍ତ୍ର: ବିରୋଧୀ

ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା କରିଥିବା ଗୋପାଳ ଦାସ ପାଗଳ ନୁହନ୍ତି। ୪ ଜଣିଆ ମେଡିକାଲ ବୋର୍ଡର ରିପୋର୍ଟକୁ ଆଧାର କରି ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ କ୍ରାଇମବ୍ରାଞ୍ଚର ଆବେଦନକୁ ଖାରଜ କରିବା ସହ ରାୟରେ ଏ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଯାହାକୁ ନେଇ ଏବେ ରାଜନୀତି ଜୋର୍ ଧରିଛି। ଉଭୟ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏବଂ କଂଗ୍ରେସ ବିଧାୟକଦଳନେତା ନରସିଂହ ମିଶ୍ର ସିଧାସଳଖ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଜୟନାରାୟଣ କହିଛନ୍ତି, ଆଗରୁ ଅଭିଯୋଗ କରୁଥିଲୁ ଯେ, ଗୋପାଳଙ୍କୁ ପାଗଳ ପ୍ରତିପାଦନ କରିବା ଲାଗି ସରକାର ଚେଷ୍ଟା କରୁଛନ୍ତି। ସରକାର କେତେବେଳେ ଡାହାଣୀ ତ ପୁଣି କେତେବେଳେ ଗୁଣିଆ ସାଜୁଛନ୍ତି। ପୂରା ଘଟଣା ଗୁଣିଆ ଡାହାଣୀ କାହାଣୀ। ଆଗରୁ କହିଛୁ ଏହା ଏକ ବଡ଼ ଷଡ଼ଯନ୍ତ୍ର। ଯେଉଁମାନେ ଏହି ଷଡ଼ଯନ୍ତ୍ରରେ ସାମିଲ ଅଛନ୍ତି ସେମାନଙ୍କୁ ଧରାଯାଉ। ରାଜ୍ୟ ପୋଲିସ କି କ୍ରାଇବ୍ରାଞ୍ଚ ଏହାକୁ କରିପାରିବନି ,ତେଣୁ ଏହି ମାମଲା ସିବିଆଇ ହାତକୁ ହସ୍ତାନ୍ତର କରାଯାଉ।

ନରସିଂହ ମିଶ୍ର କହିଛନ୍ତି, ମିଥ୍ୟା ଲୁଚାଇବାକୁ ରାଜ୍ୟ ସରକାର ବରାବର ଚେଷ୍ଟା କରିଛନ୍ତି। ଏପରିକି ଆମେରିକା ଏଜେନ୍ସିର ସାହାଯ୍ୟ ନେବାକୁ ମଧ୍ୟ ପଛଘୁଞ୍ଚା ଦେଉନାହାନ୍ତି। ତେବେ ଏହା ଭିତରେ ନିଶ୍ଚିତ ଷଡ଼ଯନ୍ତ୍ର ରହିଛି। ନବ ଦାସ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି। ଷଡ଼ଯନ୍ତ୍ରରେ କେଉଁମାନେ ଜଡ଼ିତ ତାକୁ ଅନୁସନ୍ଧାନ ନ କରି ଗୋପାଳଙ୍କୁ ପାଗଳ କରିବା ପାଇଁ ଚେଷ୍ଟା କରିଛନ୍ତି। ଏହା ଦୁର୍ଭାଗ୍ୟଜନକ ବୋଲି ନରସିଂହ କହିଛନ୍ତି।

## ବାଣ ବିସ୍ଫୋରଣରେ...

ଦୋଳଗୋବିନ୍ଦଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅପରାହ୍ନ ସାଢେ ୪ଟା ବେଳେ ଟାଙ୍ଗୀ ପୋଲିସ ମୃତଦେହ ଜବତ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଥିବା ବେଳେ ଅଗ୍ନିଶମ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ଦୋଳପୂର୍ଣ୍ଣମୀ ପାଇଁ ଖୋର୍ଦ୍ଧାର ଗ୍ରାମାଞ୍ଚଳ ଚଳଚଞ୍ଚଳ ହୋଇଉଠିଥାଏ। ଫଗୁ ଦଶମୀଠାରୁ ଦୋଳ ପର୍ଯ୍ୟନ୍ତ ଠାକୁର ଚାଚେରି ଭୋଗ ଖାଇଥାନ୍ତି। ଦୋଳପୂର୍ଣ୍ଣମୀରେ ବିରାଟ ପଟୁଆରରେ ଯାଇ ଦୋଳମଣ୍ଡପରେ ବିଜେ କରିଥାନ୍ତି। ଏହି ସମୟରେ ବିଭିନ୍ନ ଗାଁ ପକ୍ଷରୁ ଆତାସବାଜି ପ୍ରତିଯୋଗିତା ହୋଇଥାଏ। ଏଥିଲାଗି ଭୂଷଣ୍ଡପୁର ଚିଲିକା କୂଳ ନିକଟବର୍ତ୍ତୀ ଏକ ଘର ଭିତରେ ବାଣ ପ୍ରସ୍ତୁତି ଚାଲିଥିଲା। ୮ରୁ ୧୦ଜଣ ବାଣ ଭିଡୁଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ସେଠାରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ, କେହି ବାହାରକୁ ବାହାରି ପାରି ନ ଥିଲେ। ଘଟଣାସ୍ଥଳରେ ୪ଜଣ ସମ୍ପୂର୍ଣ୍ଣ ଜଳି ଯାଇଥିଲେ। ଛାତର ଆଜବେଷ୍ଟସ୍ ଉଡିଯାଇଥିବା ବେଳେ ଅନ୍ୟମାନେ ସେଠାରୁ ଦୂରକୁ ଛିଟିକି ପଡ଼ିଥିଲେ। ମୃତକଙ୍କ ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିବା ବେଳେ ଶରୀରର ମାଂସ ପିଣ୍ଡୁଳା କାନ୍ଥରେ ଲାଖିଯାଇଛି। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ରୁଣ୍ଡ ହୋଇଯାଇଥିଲେ। ସେତେବେଳେ ଘର ଜଳିବାକୁ ଲାଗିଥିଲା। ସ୍ଥାନୀୟ ପୋଲିସ ଓ ଟାଙ୍ଗୀ ଅଗ୍ନିଶମ ସେବା କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥିତି ସ୍ୱାଭାବିକ ହେବା ପରେ ପୋଲିସ ମୃତ ଶରୀରକୁ ଜବତ କରିବା ସହ ଆହତମାନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ଖବରପାଇ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ସମେତ ଟାଙ୍ଗୀ ଥାନାଧିକାରୀ ଦିଗ୍‌ବିଜୟ ବିଶ୍ୱାଳ, ସ୍ଥାନୀୟ ତହସିଲଦାର ଓ ବିଡିଓ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସିଡିଏମ୍‌ଓ ଡା.ଆର୍ତ୍ତବନ୍ଧୁ ନାୟକ ଓ ମେଡିକାଲ ଅଧୀକ୍ଷକ ଡା.ବିଶ୍ୱମୋହନ ମିଶ୍ର ଉପସ୍ଥିତ ରହି ଆହତଙ୍କ ଚିକିତ୍ସା ତଦାରଖ କରିଥିଲେ। ମହେଶ୍ୱର ଓ ଦୋଳଗୋବିନ୍ଦଙ୍କ ଶରୀର ଶହେ ପ୍ରତିଶତ ପୋଡି ଯାଇଥିବା ବେଳେ ସୁଦର୍ଶନଙ୍କ ୭୦ପ୍ରତିଶତ ପୋଡ଼ିଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାଶ ମହାପାତ୍ର, ୧୨ନଂ. ଜୋନ ଜିଲ୍ଲା ପରିଷଦ ବିଜୟ ବଳିୟାରସିଂ, ବିଜେଡି ରାଜ୍ୟ ମହିଳା ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ ମେଡିକାଲରେ ପହଞ୍ଚି ଆହତଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

ଏନେଇ ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ କୁହନ୍ତି, ପୁରୀ ଜିଲ୍ଲା ଅଗ୍ନିଶମ ଅଧିକାରୀଙ୍କୁ ଭୂଷଣ୍ଡପୁର ବାଣ ବିସ୍ଫୋରଣ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏଠାରେ ବାଣ ପ୍ରସ୍ତୁତ ଲାଗି ପ୍ରଶାସନ ପକ୍ଷରୁ କୌଣସି ଅନୁମତି ଦିଆଯାଇନାହିଁ। ବେଆଇନଭାବେ ଚାଲିଥିବା ବାଣ କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସ୍‌ପି ସିଦ୍ଧାର୍ଥ କଟାରିଆ କୁହନ୍ତି, ଅଗ୍ନିଶମ କର୍ମଚାରୀଙ୍କ ସହ ପୋଲିସ ଟିମ୍ ସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଘଟଣାର ତଦନ୍ତ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ପଦକ୍ଷେପ ନିଆଯିବ।

## ରାବ୍ରି ଦେବୀଙ୍କୁ ସିବିଆଇ...

ପୋଷ୍ଟରେ ନିଯୁକ୍ତି ପାଇଁ ଜମି ହସ୍ତାନ୍ତର ମାମଲାରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି। ଲାଲୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ମାର୍ଚ୍ଚ ୧୫ରେ ହାଜର ହେବା ଲାଗି ସ୍ୱତନ୍ତ୍ର ଅଦାଲତ ସମନ କରିଥିଲେ। ରାବ୍ରୀ ଦେବୀଙ୍କୁ ସିବିଆଇ ଜେରାକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ବିରୋଧୀଙ୍କ ସ୍ୱର ଚାପିଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆର୍‌ଜେଡି ଅଧକ୍ଷ ଲାଲୁ ଯାଦବ ଯେଉଁ କର୍ମ କରିଛନ୍ତି, ତା'ର ଫଳ ପାଉଛନ୍ତି ବୋଲି ଭାଜପା କହିଛି। ଯେଉଁ ବିରୋଧୀ ଦଳ ନେତାମାନେ ଭଜାପା ନିକଟରେ ମୁଣ୍ଡ ନୁଆଁଇବାକୁ ପ୍ରସ୍ତୁତ ନୁହନ୍ତି ସେମାନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ ସିବିଆଇ ଲଗାଇ ହଇରାଣ କରାଯାଉଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। କେନ୍ଦ୍ରରେ ଭାଜପା ଶାସନକୁ ତାଙ୍କ ଦଳ ବିରୋଧ କରୁଥିବାରୁ ସିବିଆଇ ତାଙ୍କ ମାଆଙ୍କ ବାସଭବନରେ ପହଞ୍ଚିଥିବା ବିହାର ଉପମୁଖ୍ୟମନ୍ତ୍ରୀ ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି। ଅନ୍ୟପକ୍ଷରେ ସିବିଆଇ ଏକ ନିରପେକ୍ଷ ସଂସ୍ଥା ଭାବେ ତା'ର କର୍ତ୍ତବ୍ୟ କରୁଛି। ରାବ୍ରୀଙ୍କୁ ଜେରା ପଛରେ କୌଣସି ରାଜନୈତିକ ଷଡ଼ଯନ୍ତ୍ର ନାହିଁ ବୋଲି ଭାଜପା ନେତା ଜୀବେଶ କୁମାର ମିଶ୍ରା କହିଛନ୍ତି।

## 'ପ୍ଲାଷ୍ଟିକ୍ ଦିଅ...

ଭାବେ ପ୍ଲାଷ୍ଟିକ୍ ଫ୍ରି କରିବା ତାଙ୍କ ଉଦ୍ଦେଶ୍ୟ ବୋଲି ଫାରୁକ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଛନ୍ତି। ଫାରୁକ୍‌ଙ୍କ ଏହି ଅଭିଯାନରେ ଗ୍ରାମବାସୀ ତାଙ୍କୁ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିବାବେଳେ ସ୍ଥାନୀୟ ଯୁବଗୋଷ୍ଠୀ ମଧ୍ୟ 'ପ୍ଲାଷ୍ଟିକ୍ ଦିଅ ଏବଂ ସୁନା ନିଅ' ଅଭିଯାନରେ ନିଜକୁ ସାମିଲ କରିଛନ୍ତି। ଫାରୁକ୍ ଜଣେ ଉତ୍ତମ ନେତା। ପ୍ରଦେଶକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ତାଙ୍କ ପଦକ୍ଷେପକୁ ପ୍ରତ୍ୟେକ ଗ୍ରାମବାସୀ ସ୍ୱାଗତ ଜଣାଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟକର କଥା ଏହି ନିଆରା ଅଭିଯାନ ଆରମ୍ଭର ମାତ୍ର ୨ ସପ୍ତାହ ମଧ୍ୟରେ ସିଦ୍ଦିୱାରାକୁ ପ୍ଲାଷ୍ଟିକ୍ ମୁକ୍ତ ଗାଁ ଭାବେ ବିବେଚନା କରାଯାଇଥିବା ଯୁବଗୋଷ୍ଠୀ ନେତା ଶକିଲ ୱାନି କହିଛନ୍ତି। ତେବେ ସ୍ଥାନୀୟ ସରକାର ଏ ପ୍ରକାର ଅଭିଯାନ ସମ୍ପୂର୍ଣ୍ଣ ପ୍ରଦେଶରେ ଲାଗୁ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଇଚ୍ଛା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ବାଧ୍ୟବାଧକତାରେ କାମ କରିବେ। ସହାନୁଭୂତିମୂଳକ ଆଲୋଚନା ଓ ସମାଲୋଚନା ଭିତରେ ପରିବାରରେ ଶାନ୍ତି ଫେରିଆସିବ। କୃତ୍ତିକା ନକ୍ଷତ୍ର ଯୋଗୁ ନିଜ ଲୋକେ ଅସୁବିଧାରେ ପକାଇ ପାରନ୍ତି, ଏଣୁ ସତର୍କ ରୁହନ୍ତୁ। ବନ୍ଧୁଙ୍କ ପରାମର୍ଶରେ ଧାର୍ମିକ ମନୋବୃତ୍ତିରୁ ଶାନ୍ତି ଲାଭ କରିବେ।

**ବୃଷ** କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ ; କିନ୍ତୁ ପୂର୍ଣ୍ଣତଃ ସନ୍ତୋଷଜନକ ହେବନାହିଁ। ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ସମସ୍ୟା ଦୂରୀକରଣର ପ୍ରଯତ୍ନ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରକାଶନ ପ୍ରଭୃତି ଦିଗ ଅନୁକୂଳ ରହିବ। ମୃଗଶିରା ନକ୍ଷତ୍ର ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ଅନୁଭବ କରିବେ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଆରଦ୍ରା ନକ୍ଷତ୍ର ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇ ପାରନ୍ତି। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା କିଣାବିକା ବିଷୟରେ ସନ୍ତୋଷ ଲାଭ କରିପାରନ୍ତି।

**କର୍କଟ** ନିଜର ମତ ବଦଳାଇ ପରିବାର ସଦସ୍ୟଙ୍କ ପରାମର୍ଶକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ କେନ୍ଦ୍ରକରି ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଆହୁରି ବହୁତ ସମୟ ଲାଗିପାରେ। କିନ୍ତୁ ପୁନର୍ବସୁ ନକ୍ଷତ୍ର କଅଁଳିଆ କଥା କହି କାମ ହାସଲ କରିପାରିବେ।

**ସିଂହ** ସମସ୍ୟାଠାରୁ ଯେତେ ଦୂରରେ ରହିବାକୁ ଚାହିଁଲେ ମଧ୍ୟ ରହିପାରିବେ ନାହିଁ। ଗତକାଲି ଯେଉଁ ଜିନିଷ ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇଯିବେ। ଉତ୍ତରାଫାଲ୍‌ଗୁନୀର ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁଁ ମନରେ ସରସତା ରହିନପାରେ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା** ସାମାଜିକ ସ୍ତରରେ ଉନ୍ନତ ଚିନ୍ତା ଓ ପରୋପକାର ମନୋଭାବରୁ ପ୍ରଶଂସିତ ହେବେ। ଚିତ୍ରା ନକ୍ଷତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଭର ପ୍ରତିଶ୍ରୁତି ଲାଭ କରିବା ପରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ଭ୍ରାତୃ ବିବାଦର ପରିସମାପ୍ତି ଘଟିବାରେ ପଡ଼ୋଶୀଙ୍କ ମୁଖ୍ୟ ଭୂମିକା ରହିପାରେ।

**ତୁଳା** ଆଳସ୍ୟ ଓ ଅବହେଳା ସାଙ୍ଗକୁ କାଳକ୍ଷେପଣ ନୀତି ହେତୁ ମନରେ ସରସତା ରହିବ ନାହିଁ। କିନ୍ତୁ ନିଜ କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏଁ ଛାଡ଼ିବେ ନାହିଁ। ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ବିଶାଖା ନକ୍ଷତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** ସମୟର ଅନୁକୂଳତା ନ ଥିଲେ ମଧ୍ୟ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ଆପଣ ବିଜୟୀ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କଳା ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟା ସମାଧାନ ହୋଇଯିବ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟବସାୟିକ କ୍ଷେତ୍ରରେ ଉନ୍ନତି କରିବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସରଳତାକୁ ପ୍ରାଧାନ୍ୟ ଦେଇ ଠକାମିର ଶିକାର ହୋଇପାରନ୍ତି। ପିଲାମାନଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ପାଇଁ ଯୋଗାଯୋଗ କରି କୃତକାର୍ଯ୍ୟ ହେବେ। କେତେକ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ପୂର୍ବାଷାଢ଼ା ନକ୍ଷତ୍ର ଶାରୀରିକ ସୁସ୍ଥତା ଫେରିପାଇବା କାରଣରୁ ଏକ ପ୍ରକାର ମାନସିକ ଶାନ୍ତି ମିଳିବ।

**ମକର** ଧନିଷ୍ଠା ନକ୍ଷତ୍ରର ଭୁଲ ବୁଝାମଣା ଯୋଗୁ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବାର ସୂଚନା ରହିଛି।

**କୁମ୍ଭ** ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ପରିସ୍ଥିତିର ତାଡ଼ନାରେ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ପୂର୍ବଭାଦ୍ରବ ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ** ଚେଷ୍ଟା କରୁଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନ ଖୁସି ହୋଇଯିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମନାନ୍ତର ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଉତ୍ତରଭାଦ୍ରବ ନକ୍ଷତ୍ର ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଦୋଳପୂର୍ଣ୍ଣିମା ମଙ୍ଗଳବାର, ଶ୍ରୀମନ୍ଦିରରେ ରାଜବେଶ, ବସନ୍ତୋତ୍ସବ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଜୟନ୍ତୀ, ମାର୍ଚ୍ଚ ୭ ତାରିଖ, ସୋ-ବେ-ବରାତ୍, ରାଶି ନକ୍ଷତ୍ର-ପୂର୍ବା ଫାଲ୍‌ଗୁନୀ/ସିଂହ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୯।୦୧ ଗତେ ଘ.୧୦।୪୭ ମଧ୍ୟେ, ଘ.୦୧।୦୮ ଗତେ ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ ଘ.୦୪।୨୨ ମଧ୍ୟେ ରାହୁକାଳ।




# ଆସନ୍ତା ଶିକ୍ଷାବର୍ଷରୁ ଖୋଲିବ ଶିଶୁଶ୍ରେଣୀ

ଭୁବନେଶ୍ୱର, ୬।୩(ବ୍ୟୁରୋ)

- ପ୍ଲେ' ସ୍କୁଲ ଢାଞ୍ଚାରେ ପିଲାଙ୍କୁ ପାଠପଢ଼ା ପ୍ରତି ଆକୃଷ୍ଟ କରାଯିବ
- ସବୁ ବର୍ଗର ପିଲାଙ୍କୁ ସରକାର ଯୋଗାଇ ଦେବେ ଗୁଣାତ୍ମକ ପ୍ରାକ୍ ପ୍ରାଥମିକ ଶିକ୍ଷା

ରାଜ୍ୟରେ ଆରମ୍ଭ ହେବାକୁ ଯାଉଛି ଶିଶୁଶ୍ରେଣୀ ବ୍ୟବସ୍ଥା। ଆସନ୍ତା ଶିକ୍ଷା ବର୍ଷରୁ ଏହା ଲାଗୁ ହେବ। ପ୍ରଥମ ପର୍ଯ୍ୟାୟରେ ୨ହଜାର ସ୍କୁଲରେ ଏହି ଶ୍ରେଣୀ ଖୋଲିବା ସହ ପିଲାଙ୍କ ନାମଲେଖା ହେବ। ଏବେ ଶିଶୁମାନେ ପ୍ରଥମେ ଅଙ୍ଗନୱାଡ଼ି ଓ ପରେ ପ୍ରଥମ ଶ୍ରେଣୀରୁ ପାଠପଢ଼ା ଆରମ୍ଭ କରୁଥିଲେ। କିନ୍ତୁ ନୂଆ ବ୍ୟବସ୍ଥା ଅନୁସାରେ ପିଲାମାନେ ଅଙ୍ଗନୱାଡ଼ି ସାରିବା ପରେ ଶିଶୁଶ୍ରେଣୀରେ ଗୋଟିଏ ବର୍ଷ ପଢ଼ିବେ। ଏହି ଗୋଟିଏ ବର୍ଷରେ ସେମାନଙ୍କ ବୌଦ୍ଧିକ ବିକାଶ ସହିତ ଖେଳକୁଦ ମାଧ୍ୟମରେ ପାଠପଢ଼ା ପ୍ରତି ଆକୃଷ୍ଟ କରାଯିବ। ପ୍ଲେ ସ୍କୁଲ ଢାଞ୍ଚାରେ ପାଠପଢ଼ା ହେବ। ସେଥିପାଇଁ ସରକାରୀ ସ୍କୁଲଗୁଡ଼ିକରେ ଶିଶୁଶ୍ରେଣୀ ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅନେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ପ୍ଲେ ସ୍କୁଲରେ ପଢ଼ାଇବାକୁ ଚାହୁଁଥିଲେ ମଧ୍ୟ ଅତ୍ୟଧିକ ଫି' ଏଥିରେ ବାଧା ଦେଉଛି। ତେଣୁ ପିଲାଙ୍କୁ ପ୍ରାଥମିକ ଶିକ୍ଷା ପୂର୍ବରୁ ପ୍ରାକ୍-ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ସହ ପ୍ଲେ ସ୍କୁଲ ଢାଞ୍ଚାରେ ପଢ଼ାଇବାର ଏହି ପ୍ରୟାସ ସବୁଠି ସ୍ୱାଗତ କରାଯାଇଛି। ଶିଶୁ ଶ୍ରେଣୀ ବ୍ୟବସ୍ଥା ଆରମ୍ଭ ହେଲେ ସବୁ ବର୍ଗର ପିଲାମାନେ ଗୁଣାତ୍ମକ ପ୍ରାକ୍-ପ୍ରାଥମିକ ଶିକ୍ଷା ପାଇବାର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି।

ମିଳିଥିବା ସୂଚନାନୁସାରେ, ରାଜ୍ୟରେ ମୋଟ ୬୫,୨୭୯ ପ୍ରାଥମିକ ସ୍କୁଲ ରହିଛି। ସେଥିମଧ୍ୟରୁ ୫୦,୫୨୬ଟି ସରକାରୀ ପ୍ରାଥମିକ ସ୍କୁଲ। ଏହି ସ୍କୁଲଗୁଡ଼ିକରେ ଶିଶୁଶ୍ରେଣୀ ଆରମ୍ଭ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲାର ୨ହଜାର ସ୍କୁଲରେ ଏହା ଆରମ୍ଭ କରିବାକୁ ବିଭାଗ ନିଷ୍ପତ୍ତି ନେଇଛି। ସେଥିରୁ ଖୋର୍ଦ୍ଧାର ୧,୩୧୬ଟି ସ୍କୁଲ ଥିବାବେଳେ କଟକର ୧,୯୭୬, ଅନୁଗୋଳ ୧,୪୪୩, ବାଲେଶ୍ୱର ୨,୨୯୪, ଭଦ୍ରକ ୧,୬୦୦, ଗଞ୍ଜାମ ୩,୧୩୬, ଜଗତ୍‌ସିଂହପୁର ୧,୨୨୧, ଯାଜପୁର ୧,୮୭୮, ମୟୂରଭଞ୍ଜ ୩,୯୨୧, ପୁରୀ ୧,୭୯୨, କନ୍ଧମାଳ ୧,୭୭୮, ଢେଙ୍କାନାଳ ୧,୩୬୧, ସମ୍ବଲପୁର ୧,୨୭୫, ଝାରସୁଗୁଡ଼ା ୬୦୯ ଏବଂ ନୂଆପଡ଼ାର ୯୫୮ଟି ସ୍କୁଲକୁ ତାଲିକାଭୁକ୍ତ କରାଯାଇଛି। ତେବେ ଯେଉଁ ସ୍କୁଲ ପରିସରରେ ଅଙ୍ଗନୱାଡ଼ି ସୁବିଧା ଥିବ, ସେଠାରେ ଏହି ଶିଶୁଶ୍ରେଣୀ ଖୋଲାଯିବ ନାହିଁ। ସେହିପରି ଯେଉଁ ସ୍କୁଲରେ ଭିତ୍ତିଭୂମିର ଅଭାବ ରହିଛି, ସେଠାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ।

ପ୍ରତି ଶିଶୁଶ୍ରେଣୀ ପାଇଁ ପ୍ରାୟ ୫୦ହଜାର ଟଙ୍କାର ବ୍ୟୟ ଅଟକଳ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୨ହଜାର ସ୍କୁଲ ଲାଗି ପ୍ରାୟ ୧୦କୋଟି ଟଙ୍କା ବ୍ୟୟବରାଦ ଯୋଜନା ରହିଛି। ଏଥିସହ ୨ଜଣ ଲେଖାଏ ଶିକ୍ଷକ ଓ ଜଣେ ଲେଖାଏ କାଉନସେଲର ନିୟୋଜିତ ହେବେ। ଏହି କର୍ମଚାରୀମାନେ ଅସ୍ଥାୟୀ ଭାବେ ନିଯୁକ୍ତି ପାଇବେ କି ଆଉଟ୍‌ସୋର୍ସିଂ ମାଧ୍ୟମରେ ନିଯୁକ୍ତ ହେବେ ତାହା ମଧ୍ୟ ନିଷ୍ପତ୍ତି ହୋଇନାହିଁ। ଏହି ଶିଶୁଶ୍ରେଣୀରେ ନାମଲେଖା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ସାଢ଼େ ୪ବର୍ଷ ବୟସରୁ ପିଲାଙ୍କୁ ନାମଲେଖାଇବାର ସୁଯୋଗ ଦିଆଯିବ ବୋଲି ଜଣାପଡ଼ିଛି।

# ହତ୍ୟା ମାମଲାରେ ବୃଦ୍ଧଙ୍କୁ ଆଜୀବନ ଜେଲ

ବୌଦ୍ଧ, ୬।୩(ସ୍ୱ.ପ୍ର.)

ବୌଦ୍ଧ ଥାନା ବଇଲବେଡ଼ା ଗ୍ରାମର ବୀର ମନହୀରା ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ଅଭିଯୁକ୍ତ ବୁଢୁ ଝାଙ୍କର(୬୯)ଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ଆଦେଶରେ କୁହାଯାଇଛି।

ମାମଲାରୁ ପ୍ରକାଶ ଯେ, ବୀର ଓ ବୁଢୁ ପଡ଼ୋଶୀ ଥିଲେ। ୨୦୨୧ ଜୁନ୍ ୨୨ ସନ୍ଧ୍ୟାରେ କୌଣସି କାରଣରୁ ବୁଢୁ ଏକ ଟାଙ୍ଗିଆରେ ବୀରଙ୍କ ବେକ ଓ ପିଠିକୁ ହାଣି ଦେଇଥିଲେ। ଘଟଣାସ୍ଥଳରେ ବୀରଙ୍କ ମୃତ୍ୟୁ ଘଟିଥିଲା। ବୀରଙ୍କ ପରିବାର ଲୋକେ ଓ ଗ୍ରାମବାସୀ ବୁଢୁଙ୍କୁ କାବୁ କରିବା ସହ ତାଙ୍କଠାରୁ ଟାଙ୍ଗିଆ ଛଡ଼ାଇ ପୋଲିସକୁ ଖବର ଦେଇଥିଲେ। ଉକ୍ତ ଦିନ ବୀରଙ୍କ ନାତି ସଞ୍ଜିତ ବୌଦ୍ଧ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୧୫୩/୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପୋଲିସ ବୁଢୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାଟି ଜିଲା ଦୌରାଜଜ୍‌ଙ୍କ ଅଦାଲତ (ଏସ୍‌ଟି ୬୧/୨୧)ରେ ବିଚାର ହୋଇଥିଲା। ୧୩ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଓ ପ୍ରମାଣ ଥିବା ନେଇ ଅଦାଲତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।




# ବାପାଙ୍କୁ ହତ୍ୟାକରି ସାବତ ମା'ଙ୍କୁ ବଳାତ୍କାର

କଳିଙ୍ଗନଗର, ୬।୩ (ଡି.ଏନ୍.ଏ.)

ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବକ ତାଙ୍କ ବାପାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ସାବତ ମା'ଙ୍କୁ ବଳାତ୍କାର କରିଛନ୍ତି। ଯାଜପୁର ଜିଲା ଦାନଗଦି ବ୍ଲକର ଟମକା ଥାନା ଅଞ୍ଚଳରେ ରବିବାର ରାତିରେ ଏଭଳି ଘଟଣା ଘଟିଛି।


ଅଭିଯୁକ୍ତ ଲୁଗୁ ହେମ୍ବ୍ରମ

ଦାନଗଦି ବ୍ଲକ କିଆଝର ପଞ୍ଚାୟତ ଚମ୍ପାଝର ଗାଁର ସଧାୟ ହେମ୍ବ୍ରମ (୫୫)ଙ୍କ ପ୍ରଥମ ସ୍ତ୍ରୀଙ୍କ କିଛିବର୍ଷ ତଳେ ମୃତ୍ୟୁ ଘଟିଥିଲା। ସଧାୟ ଦ୍ୱିତୀୟ ବିବାହ କରି ଗାଁରେ ରହୁଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ଏକମାତ୍ର ପୁଅ ଲୁଗୁ ହେମ୍ବ୍ରମ (୨୮) ସ୍ତ୍ରୀ ଓ ଛୁଆ ପିଲାଙ୍କୁ ଧରି ଟମକା ବଜାର ନିକଟ ଏକ ଭଡ଼ା ଘରେ ରହୁଥିଲେ। ପଡ଼ୋଶୀମାନଙ୍କ କହିବା ମୁତାବକ ପୁଅ ଲୁଗୁଙ୍କ ପରିବାରକୁ ସଧାୟ ଘରେ ସ୍ଥାନ ଦେଉ ନ ଥିବାରୁ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହୁଥିଲା। ରବିବାର ବିଳମ୍ବିତ ରାତିରେ ଗ୍ରାମର ଏକ ବିବାହ ଭୋଜିରେ ଲୁଗୁ ଯୋଗଦେଇଥିଲେ। ରାତି ପ୍ରାୟ ସାଢେ ୧ଟାବେଳେ ସେ ଘରକୁ ଯାଇଥିବାବେଳେ ସେଠାରେ ସାବତ ମା'ଓ ବାପା ସହିତ ଝଗଡ଼ା ହୋଇଥିଲା। ଲୁଗୁ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ସଧାୟଙ୍କ ମୁଣ୍ଡ ଓ ବେକକୁ ଚୋଟ ପକାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେ ସାବତ ମା'ଙ୍କୁ ବଳାତ୍କାର କରିଥିଲେ। ଏନେଇ ସାବତ ମା' ସୋମବାର ସକାଳେ ଟମକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୦୨, ୩୭୬ ଅନୁଯାୟୀ ଏକ ମାମଲା (୩୨/୨୩) ରୁଜୁ କରିଛି। ଏହାସହ ଅଭିଯୁକ୍ତ ଲୁଗୁଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ରକ୍ତଭିଜା ଟାଙ୍ଗିଆ ଜବତ କରାଯାଇଥିବା ଆଇଆଇସି ସୁକାନ୍ତ ପାତ୍ର କହିଛନ୍ତି। ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ହତ୍ୟା ଓ ବଳାତ୍କାର ଘଟଣାର ପ୍ରମାଣ ତନଖି କରିଛନ୍ତି। ବଳାତ୍କାର ଅଭିଯୋଗ କ୍ରମେପୋଲିସ ଉଭୟଙ୍କର ଡାକ୍ତରୀମାଇନା କରିଥିବାବେଳେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇଛି।

# ମାଟ୍ରିକ ପରୀକ୍ଷାରେ କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍

ଭୁବନେଶ୍ୱର, ୬।୩(ବ୍ୟୁରୋ)

ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୦ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ପରୀକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇସାରିଥିବା ବେଳେ ଏଥର କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପରୀକ୍ଷା ପାଇଁ ଆଉ କିଛିଦିନ ସମୟ ରହିଛି। ସବୁ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି। କପି ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। ପରୀକ୍ଷା ସେଣ୍ଟରଗୁଡ଼ିକୁ ସ୍କ୍ୱାଡ୍ ଅଚାନକ ଗସ୍ତ କରିବେ, ଯାହାର ଗତିବିଧି ସମ୍ପର୍କରେ କେହି ଜାଣି ନ ଥିବେ। ସେହିପରି ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ଯେତେ ସମ୍ଭବ ସିସିଟିଭି ଲଗାଇବାକୁ କୁହାଯାଇଛି। ୧୦ ତାରିଖରୁ ପରୀକ୍ଷା ଆରମ୍ଭ ହେଉଥିବାରୁ ସବୁ ଜିଲାର ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିସାରିଛି। ସହଯୋଗ ପାଇଁ ଜିଲା ପ୍ରଶାସନ ସହ ବି ଆଲୋଚନା ହୋଇଛି। ହବ୍‌କୁ ପରୀକ୍ଷା କେନ୍ଦ୍ର ଯାଏ ପ୍ରଶ୍ନପତ୍ର ନେବାକୁ ସ୍ୱତନ୍ତ୍ର ଲୋକଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥର ଶୃଙ୍ଖଳାର ସହ ପରୀକ୍ଷା ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ତେବେ ଏହା ଶେଷ ପରୀକ୍ଷା ନୁହେଁ, ବରଂ ପିଲାମାନଙ୍କର ଏହା ହେଉଛି ପ୍ରଥମ ପରୀକ୍ଷା। ତେଣୁ ଚାପମୁକ୍ତ ହୋଇ ପରୀକ୍ଷା ଦେବାକୁ ମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀଙ୍କ ଆତ୍ମହତ୍ୟା ଉଦ୍ୟମ

ଦିଗପହଣ୍ଡି,୬।୩(ଡି.ଏନ.ଏ.)

**ଅନ୍‌ଲାଇନ ଗେମ୍ କାଳ ହେଲା**
**ଗୁରୁତର ଅବସ୍ଥାରେ ସ୍ୱାମୀ ଡାକ୍ତରଖାନାରେ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଡେଙ୍ଗାଡି ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଅନ୍‌ଲାଇନ୍ ଗେମ୍ ଖେଳରୁ ଜୟସେନ ମହାନ୍ତି ନାମକ ଜଣେ ଶିକ୍ଷକ ତାଙ୍କ ଶିକ୍ଷୟିତ୍ରୀ ସ୍ତ୍ରୀ ନୀଳେନ୍ଦ୍ରି ସ୍ୱାଇଁଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ବେକ ଓ ବାମ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଜଣାପଡିଛି।

ପ୍ରକାଶ ଯେ, ଜୟସେନଙ୍କ ସ୍ତ୍ରୀ ନୀଳେନ୍ଦ୍ରି କଳାହାଣ୍ଡି ଜିଲା ରାମପୁରରେ ଶିକ୍ଷୟିତ୍ରୀ ଥିଲେ। ସେ ଛୁଟିରେ ଗତ କିଛିଦିନ ହେଲା ଜୟସେନଙ୍କ ପାଖକୁ ଆସିଥିଲେ। ଜୟସେନ ଅନ୍‌ଲାଇନ୍‌ରେ ଗେମ୍ ଖେଳିବା ସହ ବିଟ୍ କଏନ୍ କିଣା ବିକାରେ ଲକ୍ଷାଧିକ ଟଙ୍କା କ୍ଷତି ସହିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଜୟସେନ ଶେରଗଡ଼ ବ୍ଲକ କାଟଖଣ୍ଡି ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ବିବାହ ପୂର୍ବରୁ ଓ ପରେ ସେ ଅନ୍‌ଲାଇନ୍‌ରେ ଗେମ୍ ଖେଳିବା ସହ ଏଥିରେ ଲକ୍ଷାଧିକ ଟଙ୍କା ବରବାଦ କରୁଥିଲେ। ଘଟଣାକୁ ନେଇ ବିବାହର କିଛି ମାସ ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିବା ବେଳେ ଜୟସେନ ପ୍ରାୟ ସମୟରେ ଅନ୍‌ଲାଇନ୍ ଗେମ୍‌ରେ ବ୍ୟସ୍ତ ରହୁଥିବାରୁ ଗାଁର ବିଭିନ୍ନ ବ୍ୟକ୍ତି ଏବଂ ସାଙ୍ଗସାଥୀମାନଙ୍କଠାରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ ଆଣିଥିଲେ। ତେଣୁ ସେ ସବୁବେଳେ ଚାପଗ୍ରସ୍ତ ରହୁଥିଲେ। ସ୍ୱାମୀ ସ୍ତ୍ରୀ ଉଭୟଙ୍କ ପରିବାର ଲୋକ ଝଗଡ଼ା ବିଷୟରେ ଜାଣିବାକୁ ପାଇ ବୁଝାଶୁଝା କଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ନୀଳେନ୍ଦ୍ରିଙ୍କ ବାପା ଋଣ ଶୁଝିବା ପାଇଁ କିଛିଦିନ ପୂର୍ବେ ଜୟସେନଙ୍କୁ ୪ ଲକ୍ଷ ଟଙ୍କା ଦେଇଥିଲେ। ରବିବାର ବିଳମ୍ବିତ ରାତିରେ ଉଭୟ ଜୟସେନ ଓ ନୀଳେନ୍ଦ୍ରିଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ବେଳେ ସୋମବାର ସକାଳୁ ବନ୍ଦଘରୁ ନୀଳେନ୍ଦ୍ରିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିବା ସହ ତାଙ୍କ ଦେହର ବିଭିନ୍ନ ସ୍ଥାନରେ କଟାଦାଗ ଥିବାରୁ ତାଙ୍କୁ ସ୍ୱାମୀ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବାପାଇଁ ଉଦ୍ୟମ କରିଥିବା ନୀଳେନ୍ଦ୍ରିଙ୍କ ପରିବାର ଲୋକେ ପୋଲିସରେ ଅଭିଯୋଗ କରିଛନ୍ତି। ଖବରପାଇ ପାଟପୁର ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଡାକ୍ତରଖାନାକୁ ପଠାଇଥିଲା। ଏ ନେଇ ୧୧୯/୨୩ରେ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପାଟପୁର ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ କହିଛନ୍ତି।


DSPL-482
ଓଡ଼ିଶା ସରକାର



## ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବାର୍ତ୍ତା

ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମା'ମାନଙ୍କୁ ମୋର ଅଭିନନ୍ଦନ ଜଣାଉଛି ।

ମା'ମାନେ ଆଜି ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ସଫଳତାର ନୂଆ ଶିଖର ଛୁଇଁ ପାରିଛନ୍ତି । ନାରୀ ଅସାଧାରଣ । ସେ ଧୈର୍ଯ୍ୟ, ସାହସ ଓ ସୃଜନଶୀଳତାର ପ୍ରତିରୂପ । ମା'ମାନଙ୍କ ଅଧିକାରର ସୁରକ୍ଷା ଓ ସଶକ୍ତିକରଣ ନିମନ୍ତେ ମୋ ସରକାର ପ୍ରତିବଦ୍ଧତାର ସହ କାମ କରିଚାଲିଛି । ଏକ ନୂଆ ଓଡ଼ିଶା ଓ ସଶକ୍ତ ଓଡ଼ିଶା ଗଠନରେ ନାରୀ ଶକ୍ତି ହିଁ ଅଗ୍ରଣୀ ଭୂମିକା ନେବ, ଏ ବିଶ୍ୱାସ ମୋର ଅଛି ।

ଓଡ଼ିଶାର ମହିଳାମାନଙ୍କ ସାମଗ୍ରିକ ବିକାଶ, ନିରାପତ୍ତା ଓ ସଶକ୍ତିକରଣ କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଁ ମହିଳା ଓ ଶିଶୁ ବିକାଶ ବିଭାଗକୁ ସାଧୁବାଦ ଜଣାଉଛି ।

(ନବୀନ ପଟ୍ଟନାୟକ)

ଓଡ଼ିଶା ସରକାର



## ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବାର୍ତ୍ତା

ଅନ୍ତର୍ଜାତୀୟ ମହିଳା ଦିବସ, ୨୦୨୩ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମହିଳାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାର ସାମଗ୍ରିକ ବିକାଶରେ ମହିଳାଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ ମହିଳାକେନ୍ଦ୍ରିକ ଯୋଜନା ଯଥା ବିଜୁ କନ୍ୟା ରତ୍ନ, "ଅଦ୍ୱିକା" (Advika), ୱାନ୍ ଷ୍ଟପ୍ ସେଣ୍ଟର, ସ୍ୱଧାର ହୋମ୍ସ, ୧୮୧ ହେଲ୍ପଲାଇନ୍, ପରିପୂରକ ପୋଷଣ କାର୍ଯ୍ୟକ୍ରମ ଇତ୍ୟାଦି ଦ୍ୱାରା ମହିଳାଙ୍କ ସର୍ବାଙ୍ଗୀନ ବିକାଶ ଓ ସଶକ୍ତିକରଣ ସୁନିଶ୍ଚିତ ହୋଇପାରିଛି ।

ଚଳିତ ବର୍ଷ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ବିଷୟବସ୍ତୁ ହେଉଛି ଡିଜିଟ୍‌ଅଲ୍ : ଲିଙ୍ଗଗତ ସମାନତା ପାଇଁ ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା ("DigitAll: Innovation and Technology for Gender Equality") । ପ୍ରଯୁକ୍ତି ବିଦ୍ୟା ପ୍ରକୃତରେ ଅଧିକ ସୃଜନଶୀଳ ସମାଧାନ ସୃଷ୍ଟି କରିଛି ଏବଂ ମହିଳାଙ୍କ ଆବଶ୍ୟକତାକୁ ପୂରଣ କରିଛି । ଯାନ୍ତ୍ରିକ ବିଦ୍ୟା ତୃଣମୂଳ ସ୍ତରରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେବାରେ ଅଧିକ ସମ୍ଭାବନା ସୃଷ୍ଟି କରିଛି ।

ମୁଁ ଆଶା କରୁଛି ଯେ ଆମ ମହିଳାମାନେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା ସୁଯୋଗ ନେଇ ସେମାନଙ୍କ ସ୍ୱପ୍ନକୁ ସାକାର କରିବେ ।

(ବାସନ୍ତୀ ହେମ୍ବ୍ରମ୍ )
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି

OIPR-33001/13/0005/2223

ପ୍ରତ୍ୟେକ ବ୍ୟକ୍ତି ଭିତରେ କିଛି ଦିବ୍ୟଗୁଣ ଓ କିଛି ସ୍ୱକୀୟ ବିଶେଷତ୍ୱ ରହିଛି। ଯେତେ କ୍ଷୁଦ୍ର ପରିସର ଭିତରେ ଜଣେ ରହିଥାଉ ନା କାହିଁକି, ପୂର୍ଣ୍ଣତା ଓ ସାମର୍ଥ୍ୟ ହାସଲ ଲାଗି ତା'ପାଇଁ ମଧ୍ୟ ଏକ ଭଗବତ ସୁଯୋଗ ରହିଛି। ... କର୍ତ୍ତବ୍ୟ ହେଲା– ତାକୁ ଠାବ କରିବା, ବିକଶିତ କରିବା ଓ ପ୍ରୟୋଗ କରିବା। –ଶ୍ରୀମା

# ଚିପ୍ ଯୁଦ୍ଧ

ପୂର୍ବ ଏସିଆରେ ଅବସ୍ଥିତ ତାଇୱାନ ଏକ କ୍ଷୁଦ୍ର ରାଷ୍ଟ୍ର। ଏହାକୁ ରିପବ୍ଲିକ୍ ଅଫ୍ ଚାଇନା ତା'ର ଅଂଶ ବୋଲି ଦର୍ଶାଇଚାଲିଛି। ଅନ୍ୟପକ୍ଷରେ ତାଇୱାନ ନିଜର ସାର୍ବଭୌମତ୍ୱକୁ ବଜାୟ ରଖି ବିଶ୍ୱର ଅନ୍ୟତମ ବୃହତ୍ ଶକ୍ତିକୁ ଚ୍ୟାଲେଞ୍ଜ ଦେଉଛି। ସାମରିକ ନାଲିଆଖି ଦେଖାଇ ଡରାଇବାରେ ସଫଳ ନ ହେବା ପରେ ୫ ମାର୍ଚ୍ଚ ୨୦୨୩ରେ ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍ ତାଇୱାନକୁ 'ଶାନ୍ତିପୂର୍ଣ୍ଣ ପୁନଃ ଏକତ୍ରୀକରଣ' ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ଗଣତନ୍ତ୍ର ଓ ସ୍ୱାଧୀନତା ପ୍ରତି ତାଇୱାନବାସୀଙ୍କ ପ୍ରତିଶ୍ରୁତିବଦ୍ଧତାକୁ ବେଜିଂ ସମ୍ମାନ ଦେବା ଉଚିତ ବୋଲି କହି ତାଇୱାନ ଜବାବ ଦେଇଛି। ଏହି ଦ୍ୱୀପରାଷ୍ଟ୍ରର ଏଭଳି କଠୋର ଜବାବ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି।

ତାଇୱାନକୁ ନିଜର ଭୂଖଣ୍ଡ ଦାବି କରିଆସୁଥିବା ଚାଇନା ୩ ବର୍ଷ ହେଲା ଉକ୍ତ ଦ୍ୱୀପରାଷ୍ଟ୍ର ନିକଟରେ ସାମରିକ କାର୍ଯ୍ୟକଳାପ ବଢ଼ାଇ ଚାଲିଛି। ୨ ଅଗଷ୍ଟ ୨୦୨୨ରେ ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ସ୍ପିକର ନାନ୍ସି ପେଲୋସି ତାଇୱାନ ଗସ୍ତ କରି ସେଠାକାର ରାଷ୍ଟ୍ରପତି ଟିସାଇ ଇଙ୍ଗ୍–ୱେନ୍‌ଙ୍କୁ ଭେଟିବା ପରେ ଚାଇନା କ୍ଷୁବ୍ଧ ହୋଇଥିଲା। ସେବେଠାରୁ ତାଇୱାନକୁ ନିଜ ନିୟନ୍ତ୍ରଣ ଭିତରକୁ ଆଣିବା ଲାଗି ଚାଇନା ପ୍ରୟାସ କରିଚାଲିଛି। ହେଲେ ତାଇୱାନର ଭୌଗୋଳିକ ସ୍ଥିତି ଦେଖିଲେ ଚାଇନା ସହଜରେ ଆକ୍ରମଣ କରିବା ସମ୍ଭବ ହୋଇପାରୁ ନାହିଁ। ଇଷ୍ଟ ଚାଇନା ସି' ଭିତରେ ଥିବା ଏହି ଦ୍ୱୀପରାଷ୍ଟ୍ର ଚାଇନା ମୁଖ୍ୟଭୂଖଣ୍ଡର ସଙ୍କୀର୍ଣ୍ଣ ପାର୍ଶ୍ୱରୁ ଦେଖିଲେ ୧୨୮ କିଲୋମିଟର ବା ୭୯. ୫ ମାଇଲ ଦୂରତ୍ୱରେ ଅବସ୍ଥିତ। ତେଣୁ ପାଣି ଭିତରେ ଚାଇନାର ଯୁଦ୍ଧଜାହାଜଗୁଡ଼ିକ ଯାଇ କେଉଁ ପଟରୁ ଆକ୍ରମଣ କଲେ ତା' ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ତାହା ଆକଳନ କରିପାରୁ ନାହିଁ। ଆକାଶମାର୍ଗରୁ ତାଇୱାନକୁ ଟାର୍ଗେଟ କରିବାକୁ ଚାହିଁଲେ ତାହା ମଧ୍ୟ କଷ୍ଟକର। କାରଣ ତାଇୱାନର ରାଡାର ଅତ୍ୟନ୍ତ ଶକ୍ତିଶାଳୀ ହୋଇଥିବାରୁ ଶତ୍ରୁପକ୍ଷର ଯୁଦ୍ଧବିମାନକୁ ଠାବ କରି ଖସାଇବାରେ ସକ୍ଷମ ହେବ। ଯଦି ଅନେକ ଶହ ଜାହାଜ ନେଇ ତଇୱାନକୁ ଚାଇନା ଘେରିବାକୁ ଚେଷ୍ଟା କରିବ, ଉପଯୁକ୍ତ ବେସ୍ ନ ଥିବାରୁ ଏହାର ଅସ୍ତ୍ରଶସ୍ତ୍ର ସହ ଖାଦ୍ୟସାମଗ୍ରୀ ଭର୍ତ୍ତି ସାମରିକ ପରିବହନ ଉଡ଼ାଜାହାଜ ଲକ୍ଷ୍ୟ ହାସଲରେ ସକ୍ଷମ ହୋଇ ନ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଏଥିସହିତ ତାଇୱାନର ଭୌଗୋଳିକ ସ୍ଥିତି ଦେଖିଲେ ଘଞ୍ଚ ଅରଣ୍ୟ ସହ ପାହାଡ଼ିଆ ଅଞ୍ଚଳ ଖୁନ୍ଦି ହୋଇ ରହିଥିବାରୁ ଚାଇନାର ସୈନ୍ୟ ଯୁଦ୍ଧରେ ସଫଳ ହେବା ମଧ୍ୟ ସହଜ ମନେ ହେଉନାହିଁ। ସମ୍ଭବତଃ ଏହିସବୁ ପ୍ରତିବନ୍ଧକ ଥିବା ଲକ୍ଷ୍ୟ କରିବା ପରେ ଚାଇନା କର୍ତ୍ତୃପକ୍ଷ ଶାନ୍ତିପୂର୍ଣ୍ଣ ପୁନଃ ଏକତ୍ରୀକରଣ ଲାଗି ତାଇୱାନକୁ ପ୍ରସ୍ତାବ ଦେଇଥିବା ଅନୁମାନ କରାଯାଉଛି।

**ପାରମ୍ପରିକ ଯୁଦ୍ଧାସ୍ତ୍ର ପରିବର୍ତ୍ତେ ପ୍ରଯୁକ୍ତିସମ୍ପନ୍ନ ଲଢ଼େଇ ଲାଗି ପ୍ରସ୍ତୁତ ହେଉଥିବା ସାଇବର ଅସ୍ତ୍ର ଅଧିକ କ୍ଷତି ଘଟାଇପାରୁଛି, ଯାହା ରୁଷିଆ–ୟୁକ୍ରେନ୍ ଯୁଦ୍ଧରୁ ପ୍ରମାଣିତ ହୋଇଛି। ଯେତେବେଳେ ପ୍ରତିଟି ପ୍ରଯୁକ୍ତି ଆଧାରିତ ଯନ୍ତ୍ର ପାଇଁ ଚିପ୍‌ର ଆବଶ୍ୟକତା ରହିଛି, ତାହା ହେଲେ ତାଇୱାନ୍ ଆଗରେ ରହିବା ସ୍ୱାଭାବିକ।**

ଏବର ଭୂରାଜନୈତିକ ସ୍ଥିତି ଦେଖିଲେ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ପଡ଼ୋଶୀ ରାଷ୍ଟ୍ର ମଧ୍ୟରେ ବିବାଦ ଲାଗି ରହିଛି। ତେବେ ଏକବିଂଶ ଶତାବ୍ଦୀର ସବୁଠାରୁ ଦୀର୍ଘ ସମୟ ଧରି ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଯୁଦ୍ଧକୁ ଦେଖିଲେ ଗୋଟିଏ ବିଷୟ ସ୍ପଷ୍ଟ ହେଉଛି ଯେ, ଶକ୍ତିଶାଳୀ ରାଷ୍ଟ୍ର ଚାହିଁଲେ ମଧ୍ୟ କ୍ଷୁଦ୍ର ଦେଶଗୁଡ଼ିକୁ ନିଜ ଅକ୍ତିଆରକୁ ନେବା ସହଜ ନୁହେଁ। ୟୁକ୍ରେନ୍‌ବାସୀ ସାର୍ବଭୌମତ୍ୱ ରକ୍ଷା କରିବାକୁ ଯାଇ ଯେଭଳି ଲଢୁଆପଣ ଦେଖାଇଲେ ତାହା ବିଶ୍ୱସମୁଦାୟକୁ ତଟସ୍ଥ କରିଦେଇଛି। ଏହାର ବହୁ ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ ହେବା ସହ ସେନା ଓ ସାଧାରଣ ନାଗରିକଙ୍କ ଜୀବନ ଯାଇଥିଲେ ମଧ୍ୟ ଯୁଦ୍ଧର ବର୍ଷକ ପରେ ୟୁକ୍ରେନ୍ ଦମ୍ଭ ଧରି ରହିବା ବିଶ୍ୱକୁ ନୂଆ ବାର୍ତ୍ତା ଦେଇଛି। ସମ୍ଭବତଃ ସେଇଠାରୁ ବଳ ପାଇ ତାଇୱାନ ଭଳି ରାଷ୍ଟ୍ର ଚାଇନାକୁ କଡ଼ା ଜବାବ ଦେବା ସମ୍ଭବ ହୋଇଛି। ୫ ମାର୍ଚ୍ଚରେ ଚାଇନା ତା'ର ପ୍ରତିରକ୍ଷା ବଜେଟ ଗତବର୍ଷ ଅପେକ୍ଷା ୭.୨ ପ୍ରତିଶତ ବୃଦ୍ଧି କରି କ୍ରମାଗତ ୮ ବର୍ଷ ଧରି ସାମରିକ ବ୍ୟୟବରାଦ ବଢ଼ାଇ ଚାଲିଛି। ଆକଳନ ଅନୁସାରେ ଭାରତର ପ୍ରତିରକ୍ଷା ବଜେଟଠାରୁ ଚାଇନାର ବ୍ୟୟବରାଦ ୩ ଗୁଣ ଅଧିକ। ଚାଇନାର ପ୍ରତିରକ୍ଷା ବଜେଟ ବୃଦ୍ଧି ପାଇବା ଗଣମାଧ୍ୟମରେ ପ୍ରସାରିତ ହେବା ସତ୍ତ୍ୱେ ତାଇୱାନ ଉପରେ ତାହାର ପ୍ରଭାବ ପଡ଼ିବା ଦେଖାଯାଉ ନାହିଁ। ତାଇୱାନର ବିଶେଷତ୍ୱ ହେଉଛି ଯେ, ଏହା ବିଶ୍ୱର ସର୍ବବୃହତ୍ ଚିପ୍ ନିର୍ମାଣକାରୀ ରାଷ୍ଟ୍ର। ତାଇୱାନ ସେମିକଣ୍ଡକ୍ଟର ମାନୁଫାକଚରିଂ କମ୍ପାନୀ(ଟିଏସ୍‌ଏମ୍‌ସି) ବିଶ୍ୱରେ ଉପଲବ୍ଧ ହେଉଥିବା ଚିପ୍‌ର ୫୪ ପ୍ରତିଶତ ନିର୍ମାଣ କରୁଛି। ଏହି ଚିପ୍ ସବୁ କମ୍ପ୍ୟୁଟର, ମୋବାଇଲ ଫୋନ୍, ଉଡ଼ାଜାହାଜ, ମୋଟରଗାଡ଼ିଠାରୁ ଆରମ୍ଭକରି ପ୍ରତିଟି ପ୍ରଯୁକ୍ତିସମ୍ପନ୍ନ ଯନ୍ତ୍ରାଂଶରେ ବ୍ୟବହୃତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଶୂନ୍ୟ ଧୂଳିକଣିକା ସହ ଚିପ୍ ପ୍ରସ୍ତୁତ ଲାଗି ଥିବା ଅନୁକୂଳ ବାତାବରଣ ତାଇୱାନକୁ ସବୁଠାରୁ ଆଗରେ ରଖିଛି। ଆଜିର ସ୍ଥିତି ଦେଖିଲେ ଯୁଦ୍ଧ ପରିଭାଷା ବଦଳିବାରେ ଲାଗିଛି। ପାରମ୍ପରିକ ଯୁଦ୍ଧାସ୍ତ୍ର ପରିବର୍ତ୍ତେ ପ୍ରଯୁକ୍ତିସମ୍ପନ୍ନ ଲଢ଼େଇ ଲାଗି ପ୍ରସ୍ତୁତ ହେଉଥିବା ସାଇବର ଅସ୍ତ୍ର ଅଧିକ କ୍ଷତି ଘଟାଇପାରୁଛି, ଯାହା ରୁଷିଆ–ୟୁକ୍ରେନ୍ ଯୁଦ୍ଧରୁ ପ୍ରମାଣିତ ହୋଇଛି। ଯେତେବେଳେ ପ୍ରତିଟି ପ୍ରଯୁକ୍ତି ଆଧାରିତ ଯନ୍ତ୍ର ପାଇଁ ଚିପ୍‌ର ଆବଶ୍ୟକତା ରହିଛି, ତାହା ହେଲେ ତାଇୱାନ୍ ଆଗରେ ରହିବା ସ୍ୱାଭାବିକ।

ଅତଏବ ୟୁକ୍ରେନ୍ ଓ ତାଇୱାନ ଭଳି ରାଷ୍ଟ୍ର ପ୍ରଦର୍ଶନ କରିଥିବା ସାହସ ଆଗାମୀ ସମୟ ଲାଗି ନୂଆ ଯୁଦ୍ଧ ସମୀକରଣ ସୃଷ୍ଟି କରିଦେଇଛି। ଏଥିରୁ ଖିଅ ଧରି ଆଲୋଚନା କରାଗଲେ ଯେଉଁ ଗୋଟିଏ କଥା ସ୍ପଷ୍ଟ ହେବାକୁ ଯାଉଛି ତାହା ହେଲା, କୌଣସି ରାଷ୍ଟ୍ର ମଧ୍ୟରେ ଏକତା ଓ କାର୍ଯ୍ୟଧାରାରେ ଶୃଙ୍ଖଳା ରହିଲେ ଶତ୍ରୁ ଯେତେ ବଡ଼ ଶକ୍ତିଶାଳୀ ଥିଲେ ମଧ୍ୟ ପଛଘୁଞ୍ଚା ଦେବାକୁ ବାଧ୍ୟ।



# ଆର୍ଥିକ ସୁପରିଚାଳନାରେ ନାରୀ

ଡ. ଅନ୍ତର୍ଜିତା ନାୟକ

ଆମେ ଆର୍ଥିକ ବ୍ୟବସ୍ଥା ଓ ଏହାର ସୁପରିଚାଳନାରେ ନାରୀର ଭୂମିକା ସମ୍ପର୍କରେ ଆଲୋଚନା କରୁଛନ୍ତି, ତେବେ ଦେଶର ଅର୍ଥନୀତିରେ ଜଣେ ହାଉସୱାଇଫ ବା ଗୃହିଣୀର ଯୋଗଦାନ ଅଛି କି ନାହିଁ, ତାହା ତର୍ଜମା କରିବା ଜରୁରୀ। ଆମେ ହାଉସୱାଇଫଙ୍କ କାମକୁ ଜାତୀୟ ଆୟ ଆକଳନ କିମ୍ବା ମୋଟ ଘରୋଇ ଉତ୍ପାଦ ଗଣନାରେ ନେଉନାହାନ୍ତି କି ନେଇ ପାରୁନାହାନ୍ତି। କାରଣ, ଘରେ କାମ କରିବା ବା ଘର ଲୋକଙ୍କ ପାଇଁ କାମ କରିବାରେ କୌଣସି ମଜୁରି କ୍ଷତିପୂରଣ ନାହିଁ କି ସାମାଜିକ ପୁଞ୍ଜି ବା ମାନବ ପୁଞ୍ଜିର କୌଣସି ସରକାରୀ ପରିସଂଖ୍ୟାନରେ ରେକର୍ଡ ରଖାଯାଇ ପାରୁନାହିଁ। ଗୃହିଣୀମାନଙ୍କ ଦ୍ୱାରା ପ୍ରଦତ୍ତ ସେବାର ମୂଲ୍ୟକୁ ଅର୍ଥରେ ଠିକ୍ ଭାବରେ ମାପିବା କଷ୍ଟକର। ତା' ମାନେ ନୁହଁ ଯେ ଆମେ କହିଦେବା ହାଉସୱାଇଫ କିଛି କାମ କରେ ନାହିଁ କିମ୍ବା ତାଙ୍କର ଆର୍ଥିକ ଯୋଗଦାନ ଶୂନ। ଆଜି ମଧ୍ୟ ଭାରତରେ ପଚାଶ ପ୍ରତିଶତ ଗ୍ରାମ୍ୟ ମହିଳା ଓ କୋଡ଼ିଏ ପ୍ରତିଶତ ସହରୀ ମହିଳା ସଫା ପାଣି ଲାଗି ମାଇଲେ ଦୂରକୁ ଯାଉଛନ୍ତି। ପାଣି ପାଇଁ ଲମ୍ବା ଲାଇନରେ ଠିଆ ହେଉଛନ୍ତି। ସେମାନେ ଗୋରୁ–ଗୁହାଳ କଥା ବୁଝୁଛନ୍ତି, ଘରର ପରିଷ୍କାର ପରିଚ୍ଛନ୍ନତା, ରୋଷେଇ ବାସ, ପିଲାଙ୍କ ଯତ୍ନ ଓ ପରିବାରର ଦାୟିତ୍ୱ ବି ନିର୍ବାହ କରୁଛନ୍ତି। ତା' ଛଡ଼ା ବେଳେ ବେଳେ ଚାଷ–ବାସ ଓ ଛୋଟ–ମୋଟ ଘରୋଇ ବ୍ୟବସାୟରେ ମଧ୍ୟ ସହଯୋଗ କରୁଛନ୍ତି। କିନ୍ତୁ ଏହି ସବୁ କାମ ସକାଶେ କୌଣସି ବେତନ ବା ଦରମା ନାହିଁ। କେତୋଟି ଅଧ୍ୟୟନ ଅନୁଯାୟୀ, ମହିଳାମାନେ ପୁରୁଷଙ୍କ ତୁଳନାରେ ତିନିଗୁଣ ଅଧିକ ସମୟ ଅବୈତନିକ କାର୍ଯ୍ୟରେ ଅତିବାହିତ କରନ୍ତି। ଯଦି ଆମେ ସେଇ ଅବୈତନିକ କାର୍ଯ୍ୟର ଠିକ୍ ମୂଲ୍ୟାଙ୍କନ କରି ବୈତନିକ କାମର ଦରମା ସହିତ ସମାନ ଭାବରେ କ୍ଷତିପୂରଣ ଦେବା, ତେବେ ତାହା ଭାରତର ଆର୍ଥିକ ଉତ୍ପାଦନରେ ବର୍ଷକୁ ୩୦୦ବିଲିୟନ ୟୁଏସ୍ ଡଲାରର ସହାୟକ ରାଶି ହେବ। କିନ୍ତୁ ଆମେ ଗୃହିଣୀର ଏହି ଆର୍ଥିକ ଯୋଗଦାନକୁ କେବେ ଗଣନାକୁ ନେଇ ନ ଥାଉ। ଜଣେ ଗୃହିଣୀ ଏକ ସୁସ୍ଥ ପରିବାର ଓ ସ୍ଥିର ସମାଜର ଭିତ୍ତିଭୂମି ପ୍ରଦାନ କରି ସିଧାସଳଖ ସମାଜ ଏବଂ ଅର୍ଥନୀତିରେ ଯୋଗଦାନ କରନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଜଣେ ଗୃହିଣୀ ଏକ ମଜଭୁତ ପରିବାର ଓ ଏକ ସ୍ଥିର ସମାଜ ପାଇଁ ଏକ ସୁଦୃଢ଼ ଭିତ୍ତି ପ୍ରଦାନ କରନ୍ତି। ନିଜ ପିଲାମାନଙ୍କୁ ଠିକ୍ ତାଲିମ ପ୍ରଦାନ କରିବା ସହ ସକାରାତ୍ମକ ଭାବର ଉନ୍ମୋଚନ କରି ଆତ୍ମବିଶ୍ୱାସୀ ଓ ଦାୟିତ୍ୱବାନ୍ ଯୁବ ପିଢ଼ି ନିର୍ମାଣ କରନ୍ତି। ଏହାବାଦ୍ ପରୋକ୍ଷରେ ସମାଜର ବିକାଶରେ ମଧ୍ୟ ଯୋଗଦାନ କରିଥାନ୍ତି, ଯାହାଫଳରେ ଏକ ସୁସ୍ଥ ଅର୍ଥନୀତି ଗଢି ଉଠିବାରେ ସମ୍ଭାବନା ଅଧିକ। ସେଥିଲାଗି ଜଣେ ହାଉସୱାଇଫର ଦେଶର ଅର୍ଥନୀତି ବା ଆର୍ଥିକ ବ୍ୟବସ୍ଥାରେ କାମ କ'ଣ, ପ୍ରଶ୍ନ କରିବା ଯେତିକି ସହଜ, ତା'ର ଉତ୍ତର ଖୋଜି ପାଇବା ହୁଏତ ସେତିକି ସରଳ ନୁହେଁ।



ଗୋଟିଏ ପରିବାରରେ ଆର୍ଥିକ ସଙ୍କଟ ସମୟରେ ଆର୍ଥିକ ସୁପରିଚାଳନା ଦିଗରେ ବିଶେଷକରି ଜଣେ ନାରୀର ଭୂମିକା ଖୁବ୍ ବେଶି। ସାଧାରଣତଃ, ଆର୍ଥିକ ସଙ୍କଟର ପ୍ରଭାବ ନାରୀ ଉପରେ କ'ଣ, ତାହା ହିସାବ କରିବା ଅତି ସହଜ। କିନ୍ତୁ ଆର୍ଥିକ ସଙ୍କଟ ସମୟରେ ଆର୍ଥିକ ସୁପରିଚାଳନା ଦିଗରେ ନାରୀର ଭୂମିକା କ'ଣ ଖୋଜି ପାଇବା କିମ୍ବା ତା'ର ବିଷୟବସ୍ତୁ ବିଶ୍ଳେଷଣ କରିବା ସହ ମୌଳିକ ଭାବରେ ମାପିବା କଷ୍ଟକର। ଆପଣମାନଙ୍କର ମନେ ଥିବ, ୮ ନଭେମ୍ବର ୨୦୧୬ରେ ଯେତେବେଳେ ସରକାର ବିମୁଦ୍ରୀକରଣ ଘୋଷଣା କରିଥିଲେ, ସେତେବେଳେ କଳାବଜାରରେ ଯେତିକି ହଇଚଇ ହୋଇଥିଲା, ସେତିକି ଅସ୍ଥିରତା ଘରେ ଗୃହିଣୀମାନଙ୍କ ମଧ୍ୟରେ ବି ଦେଖିବାକୁ ମିଳିଥିଲା। କାରଣ ଗୁପ୍ତ ଭାବରେ,ଗୁପ୍ତ ଜାଗାରେ ଅର୍ଥ ସଞ୍ଚୟ କରିବା ନାରୀମାନଙ୍କର ଅତି ପୁରୁଣା ଅଭ୍ୟାସ। ବେଳେବେଳେ ସେଇ ଗୁପ୍ତ ସଞ୍ଚିତ ଧନ ଅସୁବିଧା ସମୟରେ କେତେ ଓ କେମିତି କାମରେ ଆସେ ତାହା ପ୍ରାୟତଃ ସମସ୍ତେ ଜାଣନ୍ତି। ଅଳ୍ପରେ ଚଳିବା ବା ସମସ୍ତଙ୍କୁ ଚଳେଇବା ଦକ୍ଷତା ନାରୀ ପାଖରେ ଅଛି। ଯେତେବେଳେ କରୋନା ଯୋଗୁ ଲକ୍‌ଡାଉନ ଚାଲିଥିଲା, ସେତେବେଳେ ଯାହା ଯେତିକି ମିଳୁଥିଲା ସେତିକିରେ ଘର ଚଳାଇବା,ଅଳ୍ପ ଆୟରେ ଘରର ବ୍ୟୟକୁ ସମ୍ଭାଳିବା ଭଳି ଗୁରୁଦାୟିତ୍ୱ ନାରୀ ହିଁ ତୁଲାଉଥିଲା। ସମସ୍ତଙ୍କୁ କାମ–ଦାମ, ସ୍କୁଲ–କଲେଜରୁ ଛୁଟି ମିଳିଥିବା ସମୟରେ ନାରୀ ହିଁ କେବଳ ଛୁଟି ପାଉ ନ ଥିଲା। ଅଳ୍ପ ଅର୍ଥରେ ବହୁତ ଜଣଙ୍କୁ ବହୁତ ଦିନ ଲାଗି କେମିତି ଚଳାଇ ହେବ,ତା'ର ସୁପରିଚାଳନା ନାରୀ ହିଁ କରୁଥିଲା। ଆମେ ଦେଖିବା ଭିତରେ କରୋନା ଭଳି ଏକ ସଙ୍କଟାପନ୍ନ ସ୍ଥିତିରେ ନାରୀର ଭୂମିକା ଥିଲା ଅତୁଳନୀୟ।

ଆଜିକାଲିକା ଆଧୁନିକ ପିଲାମାନଙ୍କର ଅର୍ଥର ଆବଶ୍ୟକତା କିମ୍ବା ଚାହିଦାକୁ ଦୃଷ୍ଟିରେ ରଖି ଆର୍ଥିକ ନିୟନ୍ତ୍ରଣ ଦିଗରେ ଜଣେ ମା'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କୁ ପିଲାଦିନରୁ ଅର୍ଥର ମୂଲ୍ୟ ବୁଝାଇବା ଦାୟିତ୍ୱ ସର୍ବଦା ମା'ମାନଙ୍କର । ମୁଠାଏ ଅନ୍ନ, ନିର୍ମଳ ବାୟୁ, ସ୍ୱଚ୍ଛ ଜଳ ମାଗଣାରେ ମିଳି ନ ଥାଏ। ଆମକୁ ତାହା ଅର୍ଜନ କରିବାକୁ ପଡ଼େ। ଆମ ପାଖରେ ସବୁ କିଛି ସହଜରେ ଉପଲବ୍ଧ ହେଉଛି ବୋଲି ତାହା ନୁହେଁ ଯେ ଆମେ ସେସବୁ ନଷ୍ଟ କରିବା। ଏହି ଭଳି କଥା ସବୁ ଅର୍ନୈତିକ ବୋଲି ପିଲାମାନଙ୍କ ମନରେ ରୋପଣ କରିବାର ଦାୟିତ୍ୱ ହେଲା ମା'ମାନଙ୍କର। ଧନ ଉପାର୍ଜନ କରିବାର କଷ୍ଟ, ଧନ ଖର୍ଚ୍ଚ କରିବାର ସୁଖଠାରୁ ବେଶି ବୋଲି ପିଲାମାନେ ପିଲାଦିନରୁ ଶିଖିଥିଲେ ଆଗକୁ ଯାଇ କ'ଣ ଆବଶ୍ୟକ , କ'ଣ ଆବଶ୍ୟକ ନୁହେଁ ବା କ'ଣ ନ ହେଲେ ମଧ୍ୟ ଚଳେଇନେଇ ହେବ, ତା'ର ଠିକ୍ ବିଚାର କରିପାରିବେ। ଇଂଲିଶରେ ଗୋଟିଏ ପ୍ରଚଳିତ ବାକ୍ୟ ଅଛି 'MY DAD IS AN ATM'। ବାପା ATM ହୁଅନ୍ତୁ କିମ୍ବା ATM କାର୍ଡ ହୁଅନ୍ତୁ,କିନ୍ତୁ ମୋ ମତରେ ସେଇ ସବୁ ATMର ପିନ୍ ମା' ପାଖରେ ରହିଲେ ପିଲାମାନଙ୍କର ଆର୍ଥିକ ନିୟନ୍ତ୍ରଣ ଠିକ୍ ଭାବେ କରିହେବ।

ଆର୍ଥିକ ସୁପରିଚାଳନାରେ ନାରୀର ଭୂମିକା ବିଷୟରେ ତର୍ଜମା କରି ଏତିକି ବାଟ ପହଞ୍ଚିବା ଭିତରେ ଅନେକ ଭାବୁଥିବେ ଯେ ଏବେକା ନାରୀ ଓ ସେବେକା ନାରୀ ଭିତରେ ବ୍ୟତିକ୍ରମ ଘଟି ସାରିଛି। ଆଜିକାଲି ନାରୀମାନେ କର୍ମଜୀବୀ ଓ ଆତ୍ମନିର୍ଭରଶୀଳ ହୋଇଗଲେଣି। ପରିବାରକୁ ବା ସମାଜକୁ ଚଳାଇବାର ପଦ୍ଧତି ଏବଂ ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ ଆସିଗଲାଣି। ତାହା ସତ, କିନ୍ତୁ ଆଜି ବି ଟୁଥ୍ ପେଷ୍ଟ ସରିଯିବା ପରେ ତାକୁ ଚିପି–ଚିପି ଆଉ ଦୁଇଦିନ ଚଳାଇବା, ତେଲକୁ ବୋତଲରେ ପୂରାଇଲା ପରେ ଜରିକୁ ଓଲଟାଇ ତେଲ ନିଗାଡିବା, ସରି ଯାଇଥିବା ଶାମ୍ପୁ ବୋତଲରେ ପାଣି ପୂରାଇ ତାକୁ ବ୍ୟବହାର କରିବା, ରାନ୍ଧିଥିବା ଖାଦ୍ୟ ନ ଅଣ୍ଟିଲେ ପେଟ ଖରାପର ବାହାନା ଦେଖେଇ ନ ଖାଇବା, ଅନ୍ୟମାନଙ୍କୁ ମାଛ ଝୋଳର ମାଛ ପରଷି ଦେଇ ମୁଣ୍ଡ–ଲାଞ୍ଜ ଖାଇ ଚଳାଇନେବା ଭଳି ଛୋଟ ଛୋଟ ଖର୍ଚ୍ଚକାଟ କାମରେ ଆର୍ଥିକ ସୁପରିଚାଳନାରେ ନାରୀକୁ କେହି ପାରିବେ ନାହିଁ। ଜଣେ ନାରୀ ଗୃହିଣୀ ଭାବେ ଗୋଟେ ଘର ବା ପରିବାରର ଗୃହମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ସହିତ ସମାନ। ଘରର ଏହି ତିନୋଟି ମନ୍ତ୍ରାଳୟ ନାରୀ ହାତରେ ରହିଲେ ପରିବାରର ବ୍ୟୟ ଉପରେ କର ଲାଗିଯାଏ, ଯାହାଫଳରେ ପରିବାରର ଆର୍ଥିକ ପରିଚାଳନା ସୁଚାରୁ ରୂପେ ହୋଇପାରେ। ଅର୍ଥ, ଅର୍ଥନୀତି ବା ଆର୍ଥିକ ବ୍ୟବସ୍ଥାଠାରୁ ନାରୀ ଅଲଗା ନାହିଁ କି କେହି ତାକୁ ଅଲଗା କରିପାରିବେ ନାହିଁ। ଏଥିରୁ ନାରୀ ଅଲଗା ହୋଇଗଲେ ଆର୍ଥିକ ବ୍ୟବସ୍ଥା ଭୁଶୁଡ଼ିବାର ସମ୍ଭାବନା ଅଧିକ।

**ସାମାଜିକ ବିଜ୍ଞାନ ଗବେଷିକା**
**ମୋ: ୬୩୭୦୯୦୫୯୪୭**



# ଲଭ୍...ଧୋକା

ଡ. କୁଳାଙ୍ଗାର

ଗାଁରୁ ସହର, ବଜାରରୁ ଶିକ୍ଷାନୁଷ୍ଠାନ ସବୁଆଡ଼େ ପ୍ରେମର ପ୍ରାବଲ୍ୟ ତ ଦେଖୁଛେ। ପ୍ରେମୀଯୁଗଳମାନେ ଯେତିକି ଉଚ୍ଛୃଙ୍ଖଳ ଆମେ ସେତିକି ସଂଯମ ଅବଲମ୍ବନ କରୁଛେ। ପ୍ରେମ ତ ବିଶ୍ୱାସର କଥା। ସେ ବିଶ୍ୱାସର ସଂଘର୍ଷରେ ଏବେ ମଣିଷ ନିଃଶ୍ୱାସ ନେବାପାଇଁ ସଂଘର୍ଷ କରୁଛି। ଦାଣ୍ଡ ଦରଜା ଖୋଲିଲେ ସାମ୍ନାରେ ପ୍ରେମୀଯୁଗଳ, ପଛ ଝରକା ଖୋଲିଲେ ପାଚେରି କଡ଼ରେ ପ୍ରେମୀଯୁଗଳଙ୍କୁ ଦେଖିବାକୁ ମିଳୁଛି। ପ୍ରେମାଳୁମାନଙ୍କଠାରେ ପ୍ରେମର ଗତି ଏବଂ ମାତ୍ରା ଏତେ ବୃଦ୍ଧି ପାଉଛି ଯେ ସେମାନେ ଆଉ ମିଛିମିଛିକା ହୃଦୟ ଦିଆନିଆ ନ ହୋଇ ପ୍ରେମିକମାନେ ସତରେ ପ୍ରେମିକାର ଛାତି ଚିରି ହୃଦୟକୁ ଛୁଉଁଥିବାର ଘଟଣାମାନ ଦେଖିବାକୁ ମିଳୁଛି।

ପ୍ରେମିକ ପ୍ରେମିକାକୁ ହାଣି ଖଣ୍ଡଖଣ୍ଡ କରୁଥିବାର, ପୁଣି ହାଣ୍ଡିରେ ତାକୁ ଖଣ୍ଡଖଣ୍ଡ କରୁଥିବାର ଖବର ପଢ଼ି ଅନେକେ ବିଚଳିତ ହେଲେ। ପ୍ରେମିକାଟି ପ୍ରତି ଦୟାଶୀଳ ହୋଇ ଲୋକେ ଆହା ଚୁ ଚୁ କଲେ। ଆଉ ହତ୍ୟାକାରୀ ପ୍ରେମିକକୁ ନୃଶଂସ, ରାକ୍ଷସ, ପିଶାଚ ଆଦି ଉପମା ଦେଲେ। ହେଲେ ଆମେ ତ ହେଲୁ ଜଣେ ସକାରାତ୍ମକ ଲୋକ! ତେଣୁ ପ୍ରେମିକ ଏମିତି କାହିଁକି କଲା ? ଉକ୍ତ ପ୍ରଶ୍ନ ଆମକୁ ଆନ୍ଦୋଳିତ କଲା। ଦେଖନ୍ତୁ, ପ୍ରେମିକାଟି ତ ସେଇ ଯାବତୀୟ ଖରାପ ପୁରୁଷଟିକୁ ହିଁ ଭଲ ପାଉଥିଲା। ମାଆବାପା ଏବଂ ଅନ୍ୟାନ୍ୟ ନିଜ ଲୋକମାନଙ୍କୁ ପର କରି ତାଆରି ସହିତ ଏକାଠି ରହିଥିଲା। ଅତଏବ ସିଏ ମନ, ତନ ନେବା ପରେ ପ୍ରାଣ ମଧ୍ୟ ନେଇଗଲା!

ଏଥି ସମ୍ପର୍କରେ ଅଧିକ ଗବେଷଣାରୁ ଜାଣିବାକୁ ମିଳିଛି କି ପ୍ରେମିକାମାନେ ଲିଭ୍ ଇନ୍‌ରେ ରହିବା ପରେ ସ୍ତ୍ରୀ ହେବା ପାଇଁ ପ୍ରୟାସ କରନ୍ତେ ବିଚରା ପ୍ରେମିକମାନେ ଆତଙ୍କିତ ହୋଇ ପଡ଼ିଥାଆନ୍ତି। ସେମାନେ ଭାବନ୍ତି ମୋର ତ ପ୍ରେମିକ ହେବାର ବୟସ ଯାଇନାହିଁ। ପ୍ରେମିକା ଏମିତି ଉତଲା ହୋଇ ପଡୁଛି କାହିଁକି? ତାଆଠି ଆଉ ପ୍ରେମ ସରିଗଲା କି? ସେଇ ପ୍ରେମ କାଇଁ କୋଉଠି ଅଛି ବୋଲି ପ୍ରେମିକାକୁ ଖଣ୍ଡ ଖଣ୍ଡ କରି ବୋଧ ହୁଏ ଖୋଜୁଛନ୍ତି! ତାହା ନ ମିଳିଲା ଫଳରେ ପ୍ରେମ ଅତି ସୂକ୍ଷ୍ମ ଭାବି ପ୍ରେମିକମାନେ ପ୍ରେମିକା ଶରୀରର କ୍ଷୁଦ୍ରାଂଶକୁ ପୁନଶ୍ଚ ଗୁଣ୍ଡକରି ପ୍ରେମର ସନ୍ଧାନ କରୁଛନ୍ତି। ଅତଏବ ପୁଲିସି ପ୍ରେମ ହତ୍ୟା ଓ ଖଣ୍ଡଖଣ୍ଡର ତଦନ୍ତ କାଳରେ କେବଳ ଗଣମାଧ୍ୟମର ଚାପରେ ପ୍ରଭାବିତ ନ ହୋଇ ଏ ସବୁ ଦିଗ ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ। ପ୍ରେମିକାକୁ ହତ୍ୟାକରିବା ପରେ ବହୁ କ୍ଷେତ୍ରରେ ହତ୍ୟାକାରୀ ପ୍ରେମିକ ମୃତଦେହକୁ ରେଫ୍ରିଜରେଟରରେ ରଖିବାର ଦେଖିବାକୁ ମିଳୁଛି। ଏଥିରେ ମଧ୍ୟ କେବଳ ପ୍ରମାଣକୁ ଲୁଚେଇବା ପାଇଁ ନଚେତ୍ ଗନ୍ଧରୁ ମୁକୁଳିବା ପାଇଁ ଏପରି କରିଥିଲା ବୋଲି ଆମକୁ କୁହାଯାଉଛି!

ସିଧାସଳଖ ହତ୍ୟା ନ କରି କେତେକ କ୍ଷେତ୍ରରେ ପ୍ରେମିକମାନେ ପ୍ରେମିକାକୁ ହତ୍ୟା କରିବାକୁ ପ୍ରବର୍ତ୍ତାଇ ସେଥିରେ ସଫଳ ହୋଇଥିବାର ଖବର ମଧ୍ୟ ଦେଖିବାକୁ ମିଳୁଛି। ଏହିପରି ମାମଲାରେ ସରଳ ବିଶ୍ୱାସୀ ପ୍ରେମିକମାନଙ୍କୁ ଅପରାଧୀ ଭାବରେ ବିବେଚନାକରି ଦଣ୍ଡିତ କରାଯାଉଛି।




ସିଏ କ'ଣ କ'ଣ ସବୁ ଚାଟିଂ କରିଥିଲେ, ଭିଡିଓ କଲ୍‌ରେ କ'ଣ କ'ଣ ସବୁ କହିଥିଲେ ତାହାର ପ୍ରଚାର ପ୍ରସାର ହୁଏ। କିନ୍ତୁ ପ୍ରେମିକାର ଚାଟିଂ ଓ ଭିଡିଓ କଲ୍‌ର ବିଷୟଗୁଡ଼ିକ ଉଭେଇଯାଏ।

ମୁଁ ତମକୁ ଜୀବନଠୁ ଅଧିକ ଭଲ ପାଉଛି ବୋଲି କହିବା ଓ ଲେଖିବା ତ ପ୍ରେମିକାମାନଙ୍କର ପୁରୁଣା ଡାଇଲଗ୍ ବା ସଂଳାପ। ବାସ୍ ,ଦେଖିବା ଜୀବନ ଦେଲୁ ବୋଲି ପ୍ରେମିକ ଯଦି ପଚାରିଦେଲା ତାକୁ ପୁଲିସି ବାନ୍ଧି ପକାଉଛି। ତୁ ତାକୁ ମରିବାକୁ ପ୍ରେରିତ କରିଛୁ ବୋଲି ନାନା ଦଫା ଲଗାଉଛି। ତମ ବିନା ମୁଁ ବଞ୍ଚିପାରିବି ନାହିଁ ବୋଲି ପ୍ରେମିକାମାନେ ବହୁ ସମୟରେ କହିଥାଆନ୍ତି। ଏହା ସତ କି ନାହିଁ ଜାଣିବା ପାଇଁ ପ୍ରେମିକ ଯଦି କିଛି ହାଁକିକରି କହିଦେଲା ଏବଂ ପରେ ନିଜର ମୋବାଇଲ ଫୋନ୍ ଅଫ୍ କରିବା ସହିତ ପ୍ରେମିକାକୁ ସାମାଜିକ ଗଣମାଧ୍ୟମରେ ବନ୍ଧୁ ତାଲିକାରୁ କାଟି ପକାଇଲା ତେବେ ପ୍ରେମିକା ବଞ୍ଚିବା ଛାଡ଼ିଦେଉଛି ଏବଂ ସେ ମାମଲାରେ ମଧ୍ୟ ପ୍ରେମିକକୁ ପୁଲିସି ବାନ୍ଧୁଛି।

ପ୍ରେମ ଦିନକୁ ଦିନ ଏହି ବହୁଦଳୀୟ ବ୍ୟାପାରରେ ପରିଣତ ହେଉଥିବାରୁ ପ୍ରେମର ସରକାର ବାରମ୍ବାର ଭୁଶୁଡ଼ି ପଡୁଛି ଏବଂ ଏପରି ବିଶ୍ୱାସଘାତ ଦେଖିବାକୁ ମିଳୁଛି। ଆଇ ଲଭ୍ ୟୁ ଅର୍ଥାତ୍ ମୁଁ ତୁମକୁ ଭଲପାଏ ସହିତ ମିସ୍ ୟୁ ବୋଲି ନିଜର ଷ୍ଟାଟସ୍ ମେସେଜରେ ଲେଖିଦେଲା ପରେ ସବୁ ପ୍ରେମିକ ଭାବୁଛନ୍ତି ଏଇଟା ନିଶ୍ଚୟ ମୋ ପାଇଁ ଲେଖିଚି। ଯଦି କିଏ ସେୟା ପଚାରେ, ପ୍ରେମିକା କିଛି ନ କହି ହସି ଦେଉଛି। ବାପା ମାଆ ଯଦି ଏମିତି କ'ଣ ଲେଖିଚୁ ବୋଲି ପଚାରୁଛନ୍ତି , ଏଇଟା ତମ ପାଇଁ ଲେଖିଚି ବୋଲି ଝିଅ ବୁଝାଇଦେଉଛି। ବହୁ ପ୍ରେମିକ ପ୍ରେମିକାର ପ୍ରତାରଣାରେ ଜର୍ଜରିତ ହୋଇ ଆତ୍ମହତ୍ୟା କରୁଛନ୍ତି। କେତେକ କ୍ଷେତ୍ରରେ ପ୍ରେମିକା, ଅନ୍ୟ ପ୍ରେମିକମାନଙ୍କ ସହାୟତାରେ ପ୍ରେମିକକୁ ହତ୍ୟା କରୁଛି। କିନ୍ତୁ ଲୋକଲଜ୍ଜା ଭୟରେ ଓ ଏକପାଖିଆ ସାମାଜିକ ଚିନ୍ତାଧାରାର ଚାପରେ ଏପରି ଘଟଣା ସବୁ କାଳଗର୍ଭରେ ହଜିଯାଉଛି।

ପ୍ରେମରୋଗ ଶବ୍ଦଟି ଆଗରୁ ଶୁଣିଲା ବେଳେ ଯେଉଁମାନେ ଚକିତ ହେଉଥିଲେ ଏବେ ସେମାନେ ବୁଝିପାରୁଛନ୍ତି କି ବିଜ୍ଞଜନେ ପ୍ରେମକୁ କାହିଁକି ରୋଗ ବୋଲି କହିଛନ୍ତି। ରୋଗର ଚିକିତ୍ସା ଆବଶ୍ୟକ ଏବଂ ହେଳା କଲେ ତାହା ପ୍ରାଣଘାତୀ ହୋଇପାରେ। ସେୟା ହିଁ ହେଉଛି। ପ୍ରେମରୋଗରେ ଆକ୍ରାନ୍ତ ବହୁ ମାନବ ଓ ମାନବୀଙ୍କର ମୃତ୍ୟୁ ହେଉଥିବାର ଖବର ମିଳୁଛି! ପ୍ରେମକରି କେବଳ ଝିଅମାନେ ଜୀବନ ହାରୁନାହାନ୍ତି, ବହୁ ପୁଅ ଓ ସେମାନଙ୍କର ପରିବାର ମଧ୍ୟ ତଳିତଳାନ୍ତ ହେଉଛନ୍ତି।

ପ୍ରେମ ବା ଲଭ୍‌ରେ ସବୁକିଛି ସମର୍ପିଦେଲା ପରେ ବିବାହ ପାଇଁ ଆଉ କିଛି ବଳକା ରହୁନି। ଅତଏବ ଲିଭ୍ ଇନ୍ ନାମକ ବ୍ୟବସ୍ଥାରେ ପ୍ରେମର ବ୍ୟାଟେରି ସରିଯାଉଛି। ତାହାକୁ ବଦଳେଇ ଦେବାପାଇଁ ପ୍ରେମିକ ପ୍ରୟାସ କରିବା ପରେ ଧୋକ୍କା ଶବ୍ଦର ଉଚ୍ଚାରଣ ପ୍ରତିଧ୍ୱନିତ ହେଉଛି।

**ନରସିଂହପୁର, କଟକ**
**ମୋ: ୮୮୯୫୮୨୫୮୬୩**

## ଏଇ ଭାରତରେ

ଦେଶର ବିଭିନ୍ନ ଅଞ୍ଚଳରେ ହୋଲି ପାଳନର ନିଆରା ପରମ୍ପରା ରହିଥିବାବେଳେ ଅନେକ ସ୍ଥାନରେ ଏହା ପାଳନ କରା ନ ଯିବାର ମଧ୍ୟ ଅଜବ ପ୍ରଥା ଓ ଅନ୍ଧବିଶ୍ୱାସ ରହିଆସିଛି। ଏଭଳି ଏକ ଗାଁ ହେଉଛି ବିହାରର ମୁଙ୍ଗେର ଜିଲା ଅସରଗଞ୍ଜ ବ୍ଲକର ସତୀସ୍ଥାନ ଗାଁ। ସଜୁଆ ପଞ୍ଚାୟତ ଅନ୍ତର୍ଗତ ଏହି ଗାଁର ନାମକରଣ ବି ସତୀଦାହ ପ୍ରଥାରୁ ହୋଇଛି ଓ ଏହି ପ୍ରଥାକୁ ନେଇ ଗାଁଲୋକେ ହୋଲି ପାଳନ କରିବାକୁ ଡରୁଛନ୍ତି। ଏଥିପାଇଁ ୧୫୫୦ ଜନସଂଖ୍ୟାବିଶିଷ୍ଟ ଉକ୍ତ ଗାଁରେ ଲୋକେ ହୋଲି ଆସିବା କ୍ଷଣି ସତର୍କ ହୋଇଯାଆନ୍ତି। ସେମାନେ ରଙ୍ଗ ଖେଳରୁ ଦୂରେଇ ରହନ୍ତି। ଏମିତିକି ଆଖପାଖ ଗାଁର ଲୋକେ ମଧ୍ୟ ସେହି ଗାଁର ଲୋକଙ୍କୁ ରଙ୍ଗ କରିବାକୁ ଆସନ୍ତି ନାହିଁ। ଏଭଳି ଅନ୍ଧବିଶ୍ୱାସ ପଛରେ ଏକ କାହାଣୀ ଅଛି। ସେହି ଗାଁରେ ପତି ପତ୍ନୀ ଦୁହେଁ ରହୁଥିଲେ। ହୋଲି ଦିନ ପତିଙ୍କ ମୃତ୍ୟୁପରେ ଲୋକେ ଶ୍ମଶାନକୁ ନେଉଥିବା ମୃତଦେହ ବାରମ୍ବାର କୋକେଇରୁ ତଳକୁ ଖସିପଡୁଥିଲା। ଘରେ ବନ୍ଦ ହୋଇଥିବା ପତ୍ନୀଙ୍କୁ ଖୋଲିଦେବା ପରେ ସେ ଶ୍ମଶାନକୁ ଗଲେ ଓ ସେଠାରେ ତାଙ୍କ ଲାଗି ଚିତା ପ୍ରସ୍ତୁତ କରାଗଲା। ତାଙ୍କ କନିଷ୍ଠ ଆଙ୍ଗୁଳିରୁ ଅଗ୍ନି ବାହାରି ଉଭୟ ଚିତା ଜଳିଗଲା। ଏହି ଘଟଣା ପରେ ସେହି ଗାଁରେ ସେହିଦିନଠାରୁ ଦୁଇଶତାବ୍ଦୀ ହେଲା ଲୋକେ ଆଉ ହୋଲି ପାଳନ କରୁନାହାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ମାର୍ଚ୍ଚ ୧୯୯୮

- ରୁଷିଆ ରାଷ୍ଟ୍ରପତି ବୋରିସ ୟେଲଟସିନ୍ ନିଜ କର୍ତ୍ତୃତ୍ୱାଧୀନ ଶକ୍ତିଶାଳୀ ନିରାପତ୍ତା ପରିଷଦକୁ ଭାଙ୍ଗିଦେଇ ଜାତୀୟ ନିରାପତ୍ତା ପରିଷଦରେ ମିଶାଇ ଦେଇଛନ୍ତି।
- ୧୧୩ କୋଟି ଟଙ୍କାର ୟୁରିଆ ଦୁର୍ନୀତି ମାମଲାରେ ଇଡି ପକ୍ଷରୁ ଜାରି ସମନକୁ ଫାଙ୍କିବା ଯୋଗୁ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ପୁତ୍ର ପି.ଭି. ପ୍ରଭାକର ରାଓଙ୍କ ବିରୁଦ୍ଧରେ ଗିରଫ ପରୱାନା ଜାରି।
- ନନ୍ଦପ୍ରୟାଗ ନିକଟବର୍ତ୍ତୀ ମନ୍ଦାକିନୀ ନଦୀ ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ିବା ଫଳରେ ୨୪ ଜଣଙ୍କ ମୃତ୍ୟୁ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | 2 | | | 4 | |
| | | | | | | | 9 | 5 |
| 2 | 5 | | | | | 1 | | |
| | | | | 3 | 8 | | | |
| 1 | | | | | | 5 | | 9 |
| | | | | | 4 | 7 | | 3 |
| | | | | | 9 | | | |
| | 4 | | | 7 | 3 | | | |
| 5 | | 1 | 8 | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 7 | 9 | 4 | 1 | 8 | 3 | 5 |
| 8 | 9 | 3 | 7 | 2 | 5 | 1 | 4 | 6 |
| 4 | 5 | 1 | 8 | 6 | 3 | 2 | 7 | 9 |
| 1 | 7 | 8 | 4 | 5 | 9 | 3 | 6 | 2 |
| 5 | 4 | 2 | 6 | 3 | 8 | 9 | 1 | 7 |
| 3 | 6 | 9 | 1 | 7 | 2 | 4 | 5 | 8 |
| 2 | 3 | 4 | 5 | 9 | 6 | 7 | 8 | 1 |
| 9 | 8 | 6 | 3 | 1 | 7 | 5 | 2 | 4 |
| 7 | 1 | 5 | 2 | 8 | 4 | 6 | 9 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନତା କମ୍, ଜରିମାନା ବେଶି

ମହାଶୟ,

ଉଭୟ ବାଇକ ଚାଳକ ଓ ଗାଡ଼ିରେ ବସିଥିବା ବ୍ୟକ୍ତି ହେଲମେଟ ପିନ୍ଧିବା ନିୟମ ସମ୍ପର୍କରେ କଟକରେ ସଚେତନତା ଅଭିଯାନ କରାଯାଇନାହିଁ କହିଲେ ଚଳେ। କିନ୍ତୁ ଏ ବାବଦରେ ଅଧିକ ଜରିମାନା ଆଦାୟ କରାଯାଉଛି। ମୋଟର ଭେହିକିଲ ଆଇନ ଅନୁଯାୟୀ ଗାଡ଼ି ଚାଳକ ଏବଂ ତାଙ୍କ ସହ ବସିଥିବା ବ୍ୟକ୍ତି ଉଭୟେ ହେଲମେଟ ପିନ୍ଧିବା ବାଧ୍ୟତାମୂଳକ । ଚାରି ବର୍ଷରୁ ଅଧିକ ପିଲାଙ୍କ କ୍ଷେତ୍ରରେ ହେଲମେଟ ପିନ୍ଧିବାକୁ ଏହି ନିୟମରେ କୁହାଯାଇଛି। ଏହା ପଳନ ନ କଲେ ୧ ହଜାର ଟଙ୍କା ଜରିମାନା ଏବଂ ୩ ମାସ ଲାଗି ଲାଇସେନ୍ସ ବାତିଲ କରାଯିବାର ପ୍ରାବଧାନ ଅଛି। ଟ୍ରାଫିକ ନିୟମ ଅନୁସାରେ କେଉଁଠି ଟ୍ରାଫିକ ପୋଲିସ ତ ଆଉ କେଉଁଠି ରାଜପଥରେ ଲାଗିଥିବା କ୍ୟାମେରାର ଫଟୋଚିତ୍ରକୁ ଆଧାର କରି ଚାଲାଣ କଟାଯାଉଛି। ଆଉ କେଉଁଠି ଏନ୍‌ଏଚ୍‌ରେ ଇଣ୍ଟରସେପ୍ଟର ଗାଡ଼ି ଦ୍ୱାରା କିମ୍ବା ଟୋଲ୍ ଗେଟ୍ କ୍ୟାମେରାରୁ ମଧ୍ୟ ଚାଲାଣ କଟାଯାଉଛି। ସାଧାରଣ ଗାଡ଼ି ଚାଳକଙ୍କ କହିବା ଅନୁଯାୟୀ, ନିୟମ ଲାଗୁ କରାଯିବା ପୂର୍ବରୁ ଲୋକଙ୍କୁ ଭଲ ଭାବେ ସଚେତନ କରାଯିବା କଥା। କିନ୍ତୁ କଟକ ସହରରେ ଡବଲ ହେଲମେଟ ନିୟମ ସମ୍ପର୍କରେ ସେଭଳି ସଚେତନ କରାଯାଇନାହିଁ। ବିନା ସଚେତନତାରେ ଚାଲାଣ କଟାଯାଉଥିବାରୁ ପ୍ରତିକ୍ରିୟା ସୃଷ୍ଟି ହେଉଛି।

–ତ୍ରିନାଥ ଓଝା, ଧବଳେଶ୍ୱର ଗଡ଼ା, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆକାଶ ଧରା ଅଭେଦ ସମ
ନୟନେପଥେ ଭାତିଲା ମମ
ସେ ଗୀତ ଆଜି ଦୂରତା ସବୁ
ନିମିଷେ ଦେଲା ନାଶି
ଶରତ–ଧଳା ବଉଦ ସମ ଚକିତେ ଗଲା ଭାସି।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଦେଓଗାଁ ସରପଞ୍ଚ ସ୍ୱାମୀଙ୍କ ପରଲୋକ

ଦେଓଗାଁ,(ଡି.ଏନ.ଏ):ଦେଓଗାଁ ବ୍ଲକ ସଦର ପଞ୍ଚାୟତର ସରପଞ୍ଚ ନୀନା ଛତ୍ରିଆଙ୍କ ସ୍ୱାମୀ ହଜାରୁ ଛତ୍ରିଆ (୬୭)ଙ୍କ ପରଲୋକ ହୋଇଛି। ସୋମବାର ସାନ୍ଧ୍ୟ ଭ୍ରମଣରୁ ଫେରିବା ପରେ ଅସୁସ୍ଥତା ଅନୁଭବ କରବାରୁ ହଜାରୁଙ୍କୁ ଭୀମ ଭୋଇ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିୟୋଗରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ବିଡିଓ ସୁରେନ୍ଦ୍ର କୁମାର ମେହେର, ବ୍ଲକ ବିଜେଡି ସଭାପତି ଶୁଶିଲ ଚାନ୍ଦ, ଯୁବନେତା ବିଶ୍ୱଜିତ ପାତ୍ର,ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, କୈଳାସ ତାଣ୍ଡି ଶୋକବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଜଳିଗଲା ବାଇକ୍

**ଖଡ଼ିଆଳ,୬।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆହାର କେନ୍ଦ୍ର ସମ୍ମୁଖରେ ଥିବା ଏକ ୱେଲ୍ଡିଂ ଗ୍ୟାରେଜ ସମ୍ମୁଖରେ ଏକ ଦୁଇ ଚକିଆ ଯାନ କୌଣସି କାରଣରୁ ଜଳି ଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଖଡ଼ିଆଳ ଥାନା ବିରିଘଟ ଗ୍ରାମର ସୁଦର୍ଶନ ହଂସଙ୍କ ଗାଡ଼ି (ନଂ. ଓଡି୦୩ଭି ୬୮୫୦) ପଲସର ସମ୍ପର୍କୀୟମାନେ ଖଡ଼ିଆଳକୁ କୌଣସି କାର୍ଯ୍ୟରେ ଆସିଥିଲେ। ସେମାନେ ସହରର ଏକ ୱେଲ୍ଡିଂ ଗେରେଜ ସମ୍ମୁଖରେ ବାଇକ୍ ଆହାର କେନ୍ଦ୍ର ସମ୍ମୁଖ ରଖି ଖାଇବାକୁ ଯାଇଥିଲେ। ଏହି ସମୟରେ ଗାଡିରେ ହଠାତ୍ ନିଆଁ ଲାଗି ଯାଇଥିଲା। ଏହାକୁ ଦେଖି ପାଖରେ ଥିବା ଲୋକେ ନିଆଁକୁ ଆୟତ କରିବା ସହ ଦମକଳ ବାହିନୀକୁ ଯୋଗାଯୋଗ କରିଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦାୟିତ୍ୱରେ ଥିବା ଦମକଳ ବାହିନୀ ଅଧିକାରୀ ଗୌତମ କିଶନଙ୍କୁ ପଚାରିବାରୁ ଲୋକଙ୍କ ଅଭିଯୋଗ ଅନୁସାରେ ଏହା ସର୍ଟସର୍କିଟ ଯୋଗୁ ଗାଡ଼ି ପୋଡ଼ି ଯାଇଥିବା କହିଛନ୍ତି। ଦମକଳ ବାହିନୀର ରାଜେଶ କୁମାର ସେଠୀ, ଚୋଲାମନି ସାହୁ, ମନୋଜ କୁମାର ଭୋଇ, ହରିହର ବରିହା, କ୍ଷୀରୋଦ୍ର ଧରୁଆ ପ୍ରମୁଖ ନିଆଁକୁ ନିୟନ୍ତ୍ରଣ କରିଥିଲେ।

### ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

**ଟିଟିଲାଗଡ଼, ୬।୩(ଡି.ଏନ.ଏ.):** ଟିଟିଲାଗଡ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ବାଟିକା ବିଭାଗର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ସହପ୍ରଧାନାଚାର୍ଯ୍ୟ ନୃପରାଜ ସେଠ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। ପରିଚାଳନା ସମିତି ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ତିନିଜଣ ମହିଳା ସମାଜସେବୀ ଅତିଥିଭାବେ ଯୋଗଦେଇ ଥିଲେ। ଅର୍ଚ୍ଚନା ଗୋଏଲ ଶିଶୁଙ୍କ ବିକାଶ ପ୍ରସଙ୍ଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଡମ୍ବରୁଧର କର୍ମୀ ଶିଶୁ ବିକାଶର ମାପଦଣ୍ଡ ଓ ପିତାମାତାଙ୍କ ଭୂମିକା ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ଆଚାର୍ଯ୍ୟ ପଙ୍କଜ ବେହେରା ମଞ୍ଚ ପରିଚାଳନା କରିଥିଲେ।

### ମୁକୁନ୍ଦିଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

**କଣ୍ଟାବାଞ୍ଜି, ୬।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମୁକୁନ୍ଦିଲାଲ ଅଗୱାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୦ତମ ବାର୍ଷିକ ଉତ୍ସବ ତଥା ଯୁକ୍ତ ୨ ଶେଷବର୍ଷ ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଞ୍ଜିତା ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ପ୍ରତିଷ୍ଠାତା ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି, ମୁଖ୍ୟବକ୍ତାଭାବେ କେଭି କଲେଜ ଅବସରପ୍ରାପ୍ତ ଅଧକ୍ଷ ସତ୍ୟବ୍ରତ ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟର ପରମ୍ପରା ମୁତାବକ ବାର୍ଷିକ ଉତ୍ସବ ପାଳନ ସହ ଯୁକ୍ତ ୨ର ଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟବକ୍ତା ମିଶ୍ର ବିଦ୍ୟାଳୟର ଶିକ୍ଷାଦାନ ପ୍ରଣାଳୀ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ଅଧାପିକା, ଅଧାପକଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତି ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରୀ କର

### ଜଙ୍ଗଲ ଜମି ସୁରକ୍ଷା ସମିତିର ୫ ଦଫା ଦାବି

**ବଲାଙ୍ଗୀର ଅଫିସ, ୬।୩**



ସମ୍ପୂର୍ଣ୍ଣ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ ଦାବିରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଜଙ୍ଗଲ ଜମି ସୁରକ୍ଷା ସମିତି ଏବଂ ବନ ଓ ଗ୍ରାମ ବିକାଶ କମିଟି ମୁରିବାହାଲ ପକ୍ଷରୁ ସୋମବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭ ପ୍ରଦର୍ଶନ ପରେ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା। ୨୦୦୬ ମସିହାରୁ ଏହି ଆଇନ କାର୍ଯ୍ୟକାରୀ ହେଲେ ମଧ୍ୟ ଆଦିବାସୀ ଏବଂ ପାରମ୍ପରିକ ବନବାସୀଙ୍କୁ ସୁଫଳ ମିଳୁ ନାହିଁ। ସରକାରଙ୍କ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ, ରାଜସ୍ୱ ଏବଂ ଜଙ୍ଗଲ ବିଭାଗର ଚରମ ଅବହେଳା ଏବଂ ଉଦାସୀନତା ଯୋଗୁଁ ଗତ ୧୮ବର୍ଷ ହେଲା ଏହି ଆଇନ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିନାହିଁ। ଗୋଷ୍ଠୀଗତ ଏବଂ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଉପରେ କୌଣସି ପଦକ୍ଷେପ ନିଆନଯିବା ଫଳରେ ହିତାଧିକାରୀମାନେ ଜଙ୍ଗଲ ଅଧିକାର ଆଇନର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମସଭା ଦ୍ୱାରା ନିଆଯାଉଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମନମୁଖୀ ଭାବେ ଜିଲାସ୍ତରୀୟ କମିଟିରେ କାଟି ଦିଆଯାଉଛି। ଗ୍ରାମସଭା ନିଷ୍ପତ୍ତି କାଟ୍ କରାଯିବା ପରେ କେଉଁ କାରଣରୁ ଏହାକୁ କାଟ୍ କରାଗଲା ସେନେଇ ଗ୍ରାମସଭାକୁ ଅବଗତ କରାଯାଉନାହିଁ। ମନମୁଖୀ ଭାବେ ଏଭଳି ନିଷ୍ପତ୍ତି ନିଆଯାଉଥିବାରୁ ବର୍ଷ ବର୍ଷ ଧରି ଆଦିବାସୀ ଏବଂ ପାରମ୍ପରିକ ବନବାସୀମାନେ କୌଣସି ସୁଫଳ ପାଇପାରୁ ନାହାନ୍ତି। ଜଙ୍ଗଲ ଅଧିକାର ଆଇନରେ ଜଙ୍ଗଲ ଜମି ଦଖଲ ଏବଂ ଭୋଗ କରୁଥିବା ଲୋକଙ୍କୁ ଜମି ଅଧିକାର ଦେବା ପରିବର୍ତ୍ତେ ସେମାନଙ୍କୁ କିଭଳି ବେଦଖଲ କରାଯିବ ସେନେଇ ଉଦ୍ୟମ କରାଯାଉଥିବା ଯୋଜନା ମାନ କରାଯାଉଥିବା ଅଭିଯୋଗ କରିଛନ୍ତି। ନୂତନ ବନୀକରଣ ନାଁରେ ଜଙ୍ଗଲ ବିଭାଗ ମନମୁଖୀ ଲୋକଙ୍କ ଭୋଗଦଖଲ ଜମିକୁ ଛଡାଇ ନିଆଯାଉଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜଙ୍ଗଲ ଅଧିକାର ଆଇନ ୨୦୦୬ ଏବଂ ସଂଶୋଧନ ନିୟମାବଳୀ ୨୦୧୨ ସଠିକ୍ କାର୍ଯ୍ୟାନ୍ୱୟନ ସକାଶେ କମିଟି ଦାବି କରିଛି।

ଦାବି ଗୁଡିକରେ ଗ୍ରାମସଭା ବିନା ସହମତିରେ ବୃକ୍ଷରୋପଣ ବନ୍ଦ କରିବା, ୨୦୧୨ ମସିହା କେନ୍ଦ୍ର ସରକାରଙ୍କ ନୟମାବଳୀ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା, ୨୦୨୨ ସେପ୍ଟେମ୍ବର ଶେଷ ସୁଦ୍ଧା ବଲାଙ୍ଗୀର ଜିଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ଦ୍ୱାରା ନାକଚ ଘୋଷଣା କରାଯାଇଥିବା ୪୩୦୧ଟି ବ୍ୟକ୍ତିଗତ ଦାବିପତ୍ର ଗୁଡିକୁ ସମ୍ପୃକ୍ତ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ତଥା ଗ୍ରାମସଭାକୁ ପୁର୍ନବିଚାର ପାଇଁ ଫେରାସ୍ତ କରାଯିବା, ନାକଚ ହୋଇଥିବା ଗୋଷ୍ଠୀଗତ ଜଙ୍ଗଲ ଅଧିକାରକୁ ପୁର୍ନବିଚାର କରାଯିବା, ସମସ୍ତ ଭୂମିହୀନ ପରିବାରକୁ ଭୂମିହୀନ ପ୍ରମାଣ ପତ୍ର ଦିଆଯିବା ଓ ଜଙ୍ଗଲ ସଂରକ୍ଷଣ ନୀତି ୨୦୨୨କୁ ପ୍ରତ୍ୟାହାର କରାଯାଇ ଗ୍ରାମସଭା ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଯିବା ଅଧିକାର ସୁନିଶ୍ଚିତ କରାଯିବାକୁ ଦାବି କରାଯାଇଛି। ଟିଟିଲାଗଡ, ମୁରିବାହାଲ ଅଞ୍ଚଳର ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା କମିଟି ଏବଂ ଜଙ୍ଗଲ ଜମି ସୁରକ୍ଷା ସମିତିର ବହୁ ସଦସ୍ୟ ବିକ୍ଷୋଭ ସମାବେଶରେ ଯୋଗ ଦେଇଥିଲେ।

# ସମବାୟ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା



ବଲାଙ୍ଗୀର ସମବାୟ ବ୍ୟାଙ୍କିଙ୍ଗ୍ ସେବା ଏବଂ ଋଣ କର୍ମଶାଳାରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୬।୩**

ବଲାଙ୍ଗୀର ସମବାୟ ବିଭାଗ ଏବଂ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଏବଂ ଋଣ କର୍ମଶାଳା ଆୟୋଜିତ ହୋଇଥିଲା। ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଅତିଥିଭାବେ ଓଡିଶା ସମବାୟ ବିଭାଗ ଯୁଗ୍ମ ନିବନ୍ଧକ ଡ. ସୁଶାନ୍ତ କୁମାର ପଣ୍ଡା, ଜିଲା ପରିଷଦ ସଭାପତି ଦେବକୀ ସାହୁ, ସମବାୟ ସମିତି ସମୂହ ଉପନିବନ୍ଧକ ଦମୟନ୍ତୀ ସିଂ, ନାବାର୍ଡ ଡିଡିଏମ୍ ଲକ୍ଷ୍ମଣ ସଏ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ ନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ଦାଶ, ବ୍ୟାଙ୍କ ଉପସଭାପତି ଦୀପ୍ତିମୟୀ ସାହୁ, ମତ୍ସ୍ୟ, ପ୍ରାଣୀଧନ ଏବଂ ଉଦ୍ୟାନ ବିଭାଗ ଅଧିକାରୀ ମଞ୍ଚାସୀନ ଥିଲେ। ଅତିଥିମାନେ ସମବାୟ ବ୍ୟାଙ୍କିଙ୍ଗ ସେବା କିଭଳି ଜନକଲ୍ୟାଣକାରୀ ତା ଉପରେ ସୂଚନା ଦେଇଥିଲେ। କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ଲକ୍ଷ୍ମଣ କୁମାର ମେହେର ଓ ଚିନ୍ତାମଣି ଭୋଇ ସମବାୟ ବ୍ୟାଙ୍କର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସମବାୟ ସମିତିର ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ। ଜିଲାର ଉତ୍ତମ ଚାଷୀ ଭାବେ କ୍ଷୀରୋଦ୍ର ପଧାନ ଏବଂ ରଙ୍ଗାଧର ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ସମବାୟ ବ୍ୟାଙ୍କରୁ ଋଣ ନେଇ ଲାଭାନ୍ୱିତ ହୋଇଥିବା ୬ ଏସ୍ଏଚ୍‌ଜିଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମଶାଳାରେ ସରକାରଙ୍କ ଦ୍ୱାରା ଆଦୃତ ବିଭିନ୍ନ କୃଷିଭିତ୍ତିକ ଯୋଜନା ସିଧାସଳଖ କିଭଳି ସମବାୟ ବ୍ୟାଙ୍କ ଜରିଆରେ ଚାଷୀମାନେ ଲାଭବାନ ହେବେ ତାହା ଉପରେ ଆଲୋଚନା କରାଯାଇଥିଲା। ଗତ ୨୦୨୨ ମସିହାରୁ ୧ ଲକ୍ଷ ଟଙ୍କା କୃଷିଋଣ ଉଠାଣରେ ଶୂନ୍ ପ୍ରତିଶତ ସୁଧ ଏବଂ ଏସ୍ଏଚ୍‌ଜି ମହିଳାଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ସୁଧ ଛାଡ କରିବା ନେଇ ସରକାରଙ୍କ ଆଭିମୁଖ୍ୟ, ମହିଳା ସଶକ୍ତିକରଣ ଏବଂ ମୁଖ୍ୟମନ୍ତ୍ରୀଙ୍କ ମହତାଦର୍ଶ ସମ୍ପର୍କରେ ଅତିଥିମାନେ ସୂଚନା ଦେଇଥିଲେ।

# ଜିଲାପାଳଙ୍କ ଜନଶୁଣାଣି ଶିବିର

**ଭବାନୀପାଟଣା,୬।୩(ସ୍ୱ.ପ୍ର.)**

ଭବାନୀପାଟଣା ଜିଲାପାଳଙ୍କ ସଦଭାବନା ସଭାଗୃହରେ ସୋମବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଜୟ କୁମାର ନନ୍ଦ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ୍ ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୭୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ରଦାଖଲ କରିଥିଲେ। ସେଥିମଧ୍ୟରୁ ୬୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୧୬ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଦୁର୍ଘଟଣା ଜନିତ ସହାୟତା ନିମନ୍ତେ ରେଡକ୍ରସ ପକ୍ଷରୁ ଗୋଲାମୁଣ୍ଡା ବ୍ଲକ ଧାମନପୁର୍ ଗ୍ରାମର ରାମେଶ୍ୱର ନାଏକଙ୍କୁ ୧୫୦୦୦ ଟଙ୍କା ମଞ୍ଜୁର କରାଯାଇଥିଲା।

# ମହିଳା ସଶକ୍ତୀକରଣ ସଚେତନତା ଶୋଭାଯାତ୍ରା

**ଦେଓଗାଁ, ୬।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସେକ୍ଟର କ୍ଷେତ୍ର ପରିଦର୍ଶିକା ସୁବାସିନୀ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଯୋଗଦେଇ ମହିଳା ସଶକ୍ତିକରଣ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ଦିଆଯାଉଥିବା ଅଗ୍ରାଧିକାର ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉପରଝର ସମିତି ସଭ୍ୟା ବୀଣାପାଣି ବିଶ୍ୱାଳ, ସରପଞ୍ଚ ଯଶୋବନ୍ତୀ ନାଏକ, ମୁକୁନ୍ଦପୁର ସରପଞ୍ଚ ଜାନକୀ ସାହୁ ଯୋଗଦେଇଥିଲେ। ଏହି ଅବସରରେ ଉପରଝର ସେକ୍ଟରର ସମସ୍ତ ଅଙ୍ଗନୱାଡି କର୍ମୀ, ସିଆରପିସିଏମ, ଆଶାକର୍ମୀ ସ୍ୱଂୟ ସହାୟକ ଦଳ ସଦସ୍ୟାମାନେ ମହିଳା ସଶକ୍ତିକରଣ, ଶିଶୁ ଭ୍ରୁଣହତ୍ୟା, କୁପୋଷଣ ଦୂର ତଥା ବାଲ୍ୟ ବିବାହ ଉଚ୍ଛେଦ ଉପରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ପରିସରରେ ମା'ମାନଙ୍କୁ ନେଇ ହୁଳହୁଳି ପ୍ରତିଯୋଗିତା ଓ ବାଳିକାମାନଙ୍କୁ ନେଇ ପୁଚିଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଅଙ୍ଗନୱାଡି କର୍ମୀ ମମତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲ ନିଆଁରୁ ଜଳିଗଲା ଫଡ଼ିଘର

**ଲୋଇସିଂହା,୬।୩(ଡି.ଏନ.ଏ)**



ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାନିପାଲି ପଞ୍ଚାୟତ ଅନ୍ତର୍ଗତ ବବଜା ଗ୍ରାମଠାରୁ ୪ କିମି ଦୂର ଛେନା ଡୁଙ୍ଗରି ନିକଟରେ ଥିବା ଏକ କେନ୍ଦୁପତ୍ର ଫଡିଘର ସୋମବାର ନିଆଁ ଲାଗି ଜଳିଯାଇଛି। ଡୁଙ୍ଗରିରେ ଲାଗିଥିବା ନିଆଁ ବ୍ୟାପି ବବଜା-ବାନିପାଲି ରାସ୍ତାର ବବଜା ଗ୍ରାମରେ ଥିବା ଫଡି ଘରେ ପୂର୍ବାହ୍ନ ପାୟ ୧୧ଟାରେ ଲାଗି ଯାଇଥିଲା । ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ ପାଇଁ ଉଦ୍ୟମ କରିଥିଲେ । ହେଲେ ପବନ ବୋହୁଥିବାରୁ ପ୍ରଖର ଗତିରେ ନିଆଁ ଲାଗି ଫଡିଘର ନଡା ଛପର ଏବଂ କାଠଖୁଣ୍ଟ ସବୁ ଜଳିଯାଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ଲୋଇସିଂହା ଅଗ୍ନିଶମ ବିଭାଗ କର୍ମଚାରୀ ସେଠାରେ ଅପରାହ୍ନ ପ୍ରାୟ ଦେଢଟାରେ ପହଞ୍ଚି ନିଆଁକୁ ଲିଭାଇଥିଲେ।

# ଦୋଳପୂର୍ଣ୍ଣିମା ଉପଲକ୍ଷେ କବିତା ଆସର



ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ଆୟୋଜିତ କବିତା ଆସରରେ ଅତିଥିମାନେ।

**ବଲାଙ୍ଗୀର ଅଫିସ, ୬।୩**

ବଲାଙ୍ଗୀର ଯାଦବ ସମାଜ ପକ୍ଷରୁ ଦୋଳ ପୂର୍ଣ୍ଣିମା ଓ ହୋଲି ଉପଲକ୍ଷେ ସ୍ଥାନୀୟ ଯାଦବ ଭବନଠାରେ ସ୍ୱତନ୍ତ୍ର କବିତା ଆସର ଆୟୋଜିତ ହୋଇଛି। ବଲାଙ୍ଗୀର ପୌରାଞ୍ଚଳ ଯାଦବ ସଭାପତି ପଙ୍କଜ ସେଲମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ସମ୍ମାନିତ ଅତିଥି ଆନନ୍ଦ ଚନ୍ଦ୍ର ସାହୁ, ମଧୁସୂଦନ ନାଏକ, ରାଜେଶ ଦଣ୍ଡସେନା ମଞ୍ଚାସୀନ ହୋଇଥିଲେ। ଦୋଳ ପୂର୍ଣ୍ଣିମା ରଙ୍ଗ ପର୍ବ ହୋଲିର ଐତିହ୍ୟ, ପରମ୍ପରା ଏବଂ ବର୍ତ୍ତମାନ ସମୟରେ ଏହାର ପ୍ରାସଙ୍ଗିକତା ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଳାକାର ଚୈତନ୍ୟ ମଟାରୀଙ୍କୁ ଯାଦବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭାକୁ କବିରାଜ ଭୋଇ ପରିଚାଳନା କରିଥିଲେ। ବୀରେନ୍ଦ୍ର ପାଣ୍ଡେ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଶାନ୍ତ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ରୌପ୍ୟ ଜୟନ୍ତୀ ନେଇ ଆଲୋଚନା



ବନ୍ଧୁ ମିଳନରେ ସମ୍ବର୍ଦ୍ଧିତ ଶିକ୍ଷକମାନେ।

**ଲୋଇସିଂହା, ୬।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲର ୧୯୮୭ ପ୍ରଥମ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁ ମିଳନ ଗାଇଖାଇ ଜଳପ୍ରକଳ୍ପରେ ଅନୁଷ୍ଠିତ ହୋଇଯାଇଛି। ରାଘବଚନ୍ଦ୍ର ଗୁଡଆ, ବେଲାରସେନ ସାହୁ, ଖୁସିରାମ ନାଏକ, ଦିଲୀପ ଥନାପତି, ଅମରୀଶ ବାରିକ, ବୁଦ୍ଧଦେବ ବାରିକ, ମୂରଲୀ ସାହୁ, ଭାଗିରଥୀ ସାହୁଙ୍କ ସମେତ ୧୬ଜଣ ଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ବନ୍ଧୁ ମିଳନରେ ଶିକ୍ଷକ ନାରାୟଣ ସାହୁ, ପ୍ରତାପ ବହିଦାର, ସାରଥୀ ସାହୁ, ହିମାଂଶୁ ସାହୁ, ଗୁଣନିଧି ପାଇକ ଓ କର୍ମଚାରୀ କ୍ଷମାନିଧି ଭୋଇ ପ୍ରମୁଖ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିଲେ। ସହପାଠୀ ଏବଂ ଶିକ୍ଷକମାନେ ଭାବର ଆଦନପ୍ରଦାନ ସହ ସ୍କୁଲଦିନର ସ୍ମୃତି ଚାରଣ କରିଥିଲେ। ଶିକ୍ଷାନୁଷ୍ଠାନକୁ ୪୦ ବର୍ଷ ବିତିଥିଲେ ବି ବିଭିନ୍ନ କାରଣରୁ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ହୋଇ ପାରିନାହିଁ। ଜୟନ୍ତୀ ପାଳନ ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଆଲୁମିନି କମିଟି ଗଠନ କରି ଖୁବଶୀଘ୍ର ପ୍ରସ୍ତୁତି ଆଗେଇବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଶିକ୍ଷକ ଏବଂ କର୍ମଚାରୀଙ୍କୁ ପୁରାତନ ଛାତ୍ରମାନେ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# କେଏମ୍ଏମ୍ ଫାଇଟର୍ସ ଚାମ୍ପିୟନ

### ବଲାଙ୍ଗୀର ସାମାଜିକ ଅନୁଷ୍ଠାନ ପ୍ରିମିୟର ଲିଗ୍

**ବଲାଙ୍ଗୀର ଅଫିସ, ୬।୩**

ବଲାଙ୍ଗୀର ଜିଲାର ସାମାଜିକ ସଙ୍ଗଠନମାନଙ୍କୁ ନେଇ ସ୍ଥାନୀୟ ଗାନ୍ଧୀ ଷ୍ଟଡିୟମଠାରେ ଚାଲିଥିବା ଦୁଇଦିନିଆ ସାମାଜିକ ଅନୁଷ୍ଠାନ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ବଲାଙ୍ଗୀର ଜିଲାର ବିଭିନ୍ନ ସାମାଜିକ ଅନୁଷ୍ଠାନ ମାନଙ୍କୁ ନେଇ ବନ୍ଧୁତାପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ଟି ସଙ୍ଗଠନ ଯୋଗ ଦେଇଥିଲେ। ବିଙ୍ଗ୍ ହ୍ୟୁମନ ଫାଉଣ୍ଡେସନ, ବଲାଙ୍ଗୀର ୟୁଥ୍ ଆକ୍ସନ କମିଟି, ସ୍ମାଇଲ ଫର ଅଲ, କୋସଲ ମୁକ୍ତି ମୋର୍ଚ୍ଚା, ବଜରଙ୍ଗ ଦଳ, ପଶ୍ଚିମ ଓଡିଶା ଯୁବ ମଞ୍ଚ, ମାହେଶ୍ୱରୀ ସେନା, ଯୁବ ପ୍ରତାପୀ ସେନା ପ୍ରମୁଖ ଦଳ ଭାଗ ନେଇଥିଲେ। ଫାଇନାଲରେ ଯୁବ ପ୍ରତାପୀ ସେନା ଓ କେଏମ୍ଏମ୍ ଫାଇଟର୍ସ ମଧ୍ୟରେ ଖେଳ ହୋଇଥିଲା। ଏଥିରେ କେଏମ୍ଏମ୍ ଫାଇଟର୍ସ ଦଳ ବିଜୟୀ ହୋଇଥିଲା। ପରେ କାଉନସିଲର-୧୧ ଓ ସାମାଜିକ କର୍ମୀ -୧୧ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କାଉନସିଲର-୧୧ ବିଜୟଲାଭ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପୌରାଧକ୍ଷା ଲିକା ସାହୁ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଚାମ୍ପିୟନ କେଏମ୍ଏମ୍ ଫାଇଟର୍ସ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

# ପ୍ରକଳ୍ପ କାମ ବିଳମ୍ବିତ ନେଇ ଉଦ୍‌ବେଗ

### କ୍ଷେତ୍ର ପରିଦର୍ଶନ କଲେ ୱାର୍କଷ୍ଟାଣ୍ଡିଂ କମିଟି ସଦସ୍ୟ

**ଲୋଇସିଂହା,୬।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ୱାର୍କଷ୍ଟାଣ୍ଡିଂ କମିଟି ସଦସ୍ୟ ସୋମବାର ଆଗଲପୁର ବ୍ଲକ ଗସ୍ତ କରିଥିଲେ। କମିଟି ଅଧ୍ୟକ୍ଷା ମିଥିଳା ମାଝିଙ୍କ ନେତୃତ୍ୱରେ ଆସିଥିବା ଟିମ୍‌ରେ ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ଜିଲା ପରିଷଦ ସଭ୍ୟା ବୀଣାପାଣି ଦାଶ, ସୁମତି ସେଠ, ସଂଯୁକ୍ତା ମେହେର, ସବିତା ସେଠ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଲା ପରେ ବିଡିଓ ଶଙ୍କର କେରକେଟା ସ୍ୱାଗତ ଜଣାଇଥିଲେ। ଏହି ସମୟରେ ବ୍ଲକ ଉପାଧ୍ୟକ୍ଷା ନିରୂପମା ପଧାନ ଉପସ୍ଥିତ ଥିଲେ। ଏହା ପରେ ଟିମ୍ ସଦସ୍ୟ ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ମାଣାଧୀନ ମିଶନ ଶକ୍ତି ଗୃହ ଏବଂ ବ୍ଲକ ନିକଟରେ ଚାଲିଥିବା ଆଦର୍ଶ ବିଦ୍ୟାଳୟ ଏବଂ ହଷ୍ଟେଲ ପରିଦର୍ଶନରେ କରିଥିଲେ । ଏଠାରେ ନିୟମିତ ପାଣି ଦିଆ ଯାଉ ନଥିବା ଏବଂ ଓଭର ସାଇଜ ଗେଟି ଏବଂ ନିମ୍ନମାନର ଇଟା ବ୍ୟବହୃତ ହେଉଥିବା ଦେଖି ଟିମ୍ ସଦସ୍ୟ ଅସନ୍ତୋଷବ୍ୟକ୍ତ କରିଥିଲେ । ଏହାପରେ ସାଲେଭାଟକୁ ଆସି ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ନିରୀକ୍ଷଣ କରିଥିଲେ। ପିଚୁ ମିଶ୍ରଣରେ ଅନିୟମିତତା, ରାସ୍ତାରେ ପାଣି ସିଞ୍ଚନ କରାଯାଉ ନ ଥିବାରୁ ଧୂଳି ଉଡୁଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହେଉଥିବା ଜଣାପଡିଥିଲା। ରାସ୍ତାପାର୍ଶ୍ୱରେ ମୋରମ ଫିଲିଂ କରାଯାଇ ନ ଥିବାରୁ ଦୁର୍ଘଟଣା ବଢୁଥିବାରୁ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏ ବିଷୟରେ ସେଠାରେ ଉପସ୍ଥିତ ବିଭାଗୀୟ ଏସ୍‌ଡିଓଙ୍କୁ କମିଟି ସଦସ୍ୟ ପ୍ରଶ୍ନ କରିବାରୁ ସେ ନିରୁତ୍ତର ରହିଥିଲେ । ପର୍ଯ୍ୟଟନର ମାନ୍ୟତା ପାଇଥିବା ସାଲେଭଟା ନିକଟ ଗାଇଖାଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ବୁଲି ଦେଖିଥିଲେ କମିଟି ସଦସ୍ୟ। ୨୦୨୦-୨୧ ଆର୍ଥିକ ବର୍ଷରେ ମାଟି ପୁନରୁଦ୍ଧର କାର୍ଯ୍ୟ ସନ୍ତୋଷଜନକ ହୋଇ ନ ଥିବା ପରିଦର୍ଶନ କାଳରେ ଜଣା ପଡିଥିଲା। ବୁର୍ଡା-ବେଡଟିକା ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ରାସ୍ତା କାମ ଧାର୍ଯ୍ୟ ସମୟ ବିତି ଯାଇଥିଲେ ମଧ୍ୟ ରାସ୍ତା ଅଧାପନ୍ତରିଆ ରହିଥିବାରୁ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ଭରସୁଜା ସ୍ଥିତ ଓଭରହେଡ ପାଣି ଟାଙ୍କି କାମ ବିଳମ୍ବ ହେବାକୁ ନେଇ କମିଟି ସଦସ୍ୟ ଅସନ୍ତୋଷ ଝାଡିଥିଲେ। କମିଟି ସଦସ୍ୟଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ବିଡିଓ, କ୍ଷୁଦ୍ର ଜଳସେଚନ ବିଭାଗ, ଆରଡବ୍ଲୁଏସଏସ, ଏନ୍ଏଚ, ବ୍ଲକ ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ।



ଡୁଡୁକା ସ୍ଥିତ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି କମିଟି ସଦସ୍ୟ।

## ସଂକ୍ଷେପରେ

### ବ୍ରଦର୍ସ ଗ୍ରୁପ୍ ସାମାଜିକ ସଙ୍ଗଠନ ଗଠିତ

ଅମରପାଲି, ୬।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସଦର ଚମ୍ପାପୁର ଯୁବଗୋଷ୍ଠୀକୁ ନେଇ ଏକ ସାମାଜିକ ସଙ୍ଗଠନ ବ୍ରଦର୍ସ ଗ୍ରୁପ ଗଠିତ ହୋଇଛି। ବାଗବର ଗାୟତ୍ରୀ ମଠ ପରିସରରେ ଅନୁଷ୍ଠିତ ବୈଠକରେ ସଙ୍ଗଠନର କର୍ମକର୍ତ୍ତା ଚୟନ କରାଯାଇଛି। ଏହି ସଙ୍ଗଠନ ଚମ୍ପାପୁର ସମେତ ଆଖପାଖ ଅଞ୍ଚଳର ନିସ୍ପେସିତ ଲୋକଙ୍କ ଉତ୍ଥାନକୁ ପ୍ରାଥମିକତା ଦେବ। ସଙ୍ଗଠନ ସଭାପତିଭାବେ ଗିରିଜା ଶଙ୍କର ପଣ୍ଡା, ଅଜିତ କୁମାର ଦାସ ସମ୍ପାଦକ, ସତ୍ୟନାରାୟଣ ପଣ୍ଡାଙ୍କୁ କୋଷାଧକ୍ଷ ଚୟନ କରାଯାଇଛି। ଉକ୍ତ ସଂଗଠନରେ ସେବା ମନବୃତ୍ତି ରଖୁଥିବା ୩୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ସାମିଲ କରାଯାଇଛି। ସମାନ ଚିନ୍ତାଧାରା ରଖୁଥିବା ଯୁବଗୋଷ୍ଠୀଙ୍କୁ ପର୍ଯ୍ୟାୟକ୍ରମେ ସାମିଲ କରାଯିବ ବୋଲି ବ୍ରଦର୍ଶ ଗ୍ରୁପ ପକ୍ଷରୁ ସୂଚନା ଦେଇଛି।

### ସିଡିପିଓ, ଅଙ୍ଗନୱାଡି କର୍ମୀ ପୁରସ୍କୃତ

ବିନିକା, ୬।୩ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଆଇସିଡିଏସ ଅଫିସର ସିଡିପିଓ ଲକ୍ଷ୍ମୀପ୍ରିୟା ମିଶ୍ର ଓ ଭ୍ରମରପାଲି ଅଙ୍ଗନୱାଡି କର୍ମୀ ସନ୍ତୋଷିନୀ ବାଘ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପୁରସ୍କୃତ ହୋଇଛନ୍ତି। ଜିଲା କାର୍ଯ୍ୟାଳୟ ସଭାଗୃହରେ ଉଭୟଙ୍କୁ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାସ ମାନପତ୍ର ସହ ନଗଦ ୫ ହଜାର ଟଙ୍କା ଲେଖାଏ ଦେଇ ପୁରସ୍କୃତ କରିଛନ୍ତି। ପ୍ରକାଶଥାଉକି କର୍ମୀ ସନ୍ତୋଷିନୀ ବାଘ ଗତ ଗଣତନ୍ତ୍ର ଦିବସରେ ମନ୍ତ୍ରୀ ପ୍ରଦୀପ ଅମାତଙ୍କଠାରୁ ଶ୍ରେଷ୍ଠ କର୍ମୀ ଭାବେ ସମ୍ମାନିତ ହୋଇଥିଲେ।

### ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ

ବିନିକା, ୬।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ କୁଇବାହାଲ ହାଇସ୍କୁଲଠାରେ ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପିଏଚଇଓ ବିନ୍ଦୁ ଲୋହାରଙ୍କ ସଂଯୋଜନା ଏବଂ ସ୍କୁଲ ପ୍ରଧାନଶିକ୍ଷକ ମୂରଲୀଧର ବିଶ୍ୱାଳଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡାକ୍ତର ଗୀତାଞ୍ଜଳି ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ତମାଖୁ ସେବନର ଅପକାରିତା ଓ ତାଠାରୁ ଆମେ କିପରି ଦୂରେଇ ରହିବା ତାହା ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ଡୁଙ୍ଗୁରିପାଲି, ୬।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଖୁଣ୍ଟପାଲି ବସ୍‌ଷ୍ଟାଣ୍ଡ ନିକଟରେ ହରିଜନପଡ଼ାବାସୀ ଓ ଗ୍ରାମବାସୀ ସହଯୋଗରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ସ୍ଥାନୀୟ ପୋଖରୀରୁ ପାଣି ଆଣି ନାମଯଜ୍ଞ ମଣ୍ଡପରେ ପହଞ୍ଚିବା ପରେ ଅଧିବାସ ହୋଇଥିଲା। କର୍ତ୍ତାଭାବେ ଜୀବନ୍ୟାସ ପାଲ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳି ପାଲ ଦାୟିତ୍ୱ ତୁଲାଉଥିବା କମିଟିର ଭୁଜରାଜ ବାରିକ ପ୍ରକାଶ କରିଛନ୍ତି।

### ୭ ଅଭିଯୋଗର ତତ୍କାଳ ସମାଧାନ

ସୋନପୁର,୬।୩(ନି. ପ୍ର ): ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଡିଆରଡିଏ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ୧୯ ପଞ୍ଜିକୃତ ଅଭିଯୋଗର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୭ଟିର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ସୋନପୁର ଏବିଡିଓ ଶଶୀଭୂଷଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ନିହାର ରଞ୍ଜନ କହଁର, ଉପଜିଲାପାଳ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅବକାରୀ ଅଧିକ୍ଷକ ସୁମତୀ ତ୍ରିପାଠୀ, ତହସିଲଦାର ନବୀନ କିଶୋର ପାଢ଼ୀ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ ପ୍ରମୁଖ ଉପସ୍ଥିତ ଥିଲେ।

# ନାରୀ ଦୁର୍ବଳା ନୁହେଁ, ସବଳା

## ଜିଲାସ୍ତରୀୟ ଆଇନ ସଚେତନତା ଶିବିର

ସୋନପୁର,୬।୩(ନି. ପ୍ର )



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ସୋନପୁର ସହର ଶାନ୍ତି ନଗର ଅଙ୍ଗନୱାଡି କେନ୍ଦ୍ରଠାରେ ଏକ ଜିଲାସ୍ତରୀୟ ଆଇନ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ନାରୀମାନଙ୍କ ଉପରେ ଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ନାରୀ ଦୁର୍ବଳା ନୁହେ ସବଳା ବୋଲି ସଚିବ ମୁଦୁଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବସୁମତୀ ଚୌଧୁରୀ, ଡ. ମାନସ ରଞ୍ଜନ ଦନ୍ଦପାଟ, ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ମୀନା ମହାରଣା ପ୍ରମୁଖ ଯୋଗଦେଇ ନାରୀ ମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଏବଂ ମହିଳା ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଅଙ୍ଗନୱାଡ଼ି କର୍ମୀ ଜ୍ୟୋତିଶ୍ରୀ ବେହୁରା ସୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଶିବିରରେ ଅଙ୍ଗବାଡି କର୍ମୀ ଗୀତାଞ୍ଜଳି ରଣା, ପ୍ରତିଭା ପାଢ଼ୀ, ହାଡିବନ୍ଧୁ ଖମାରି ଏବଂ ଜନସାଧାରଣ ଯୋଗଦାନ କରିଥିଲେ। ଶିବିର ପରିଚାଳନାରେ ଜିଲ୍ଲା ଆଇନସେବା ପ୍ରାଧିକରଣର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, କମଳ ଲୋଚନ ବେହେରା, ବେଣୁଧର ମଲିକ ଏବଂ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଯୁବତୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରି ଯୁବକ ଗିରଫ

ତରଭା, ୬।୩(ଡି.ଏନ.ଏ.)

ଯୁବତୀଙ୍କ ସହ ସୋସିଆଲ ମିଡିଆରେ ସମ୍ପର୍କ ସ୍ଥାପନ କଲେ। ପରେ ସମ୍ପୃକ୍ତ ଯୁବତୀଙ୍କୁ ଟଙ୍କା ମାଗି ବ୍ଲାକମେଲ କରିଥିଲେ। ଏଥିରେ ସଫଳ ନ ହେବାରୁ ଶେଷରେ ଆପତ୍ତିଜନକ ଫଟୋ ସବୁ ଭାଇରାଲ କରିବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲା କମସରା ଫାଣ୍ଡି ପୋଲିସ ବୌଦ୍ଧ ଜିଲା ମନୁମୁଣ୍ଡା ଥାନା ଅଧିନ ଖମ୍ଭେଶ୍ୱରୀପାଲି ଗ୍ରାମର ପଦ୍ମନାଭ ରଣା(୨୧)ଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିଲା। ତରଭା ଜେଏମ୍‌ଏଫସି ଜାମିନ ନାମଞ୍ଜୁର କରିବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ବନ୍ଧରେ ସୋମବାର ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗି ତରଭା ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ରବିବାର ପୀଡିତାଙ୍କ ଏତଲା ଅନୁଯାଇ ତରଭା ଥାନା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏସଆଇ ଯଯାତି କେଶରୀ ସାହୁ, ଏଏସଆଇ ନିମାଇଁ ଚରଣ ବାରିକ ଖମ୍ଭେଶ୍ୱରୀପାଲିକୁ ଯାଇ ପଦ୍ମନାଭଙ୍କୁ ଥାନାକୁ ଉଠାଇ ଆଣିଥିଲେ। ଉକ୍ତ ଘଟଣାରେ ବ୍ୟବହୃତ ମୋବାଇଲ ଜବତ ହୋଇଛି। ଅଭିଯୁକ୍ତ ଭିଡିଓ କଲକୁ ରେକଡିଙ୍ଗ କରି ପୀଡିତାଙ୍କୁ ଟଙ୍କା ମାଗିବା ସହ ନ ଦେଲେ ଇନଷ୍ଟାଗ୍ରାମରେ ପୋଷ୍ଟ କରାଯିବ ବୋଲି ଧମକ ଦେଇଥିଲେ। ଶେଷରେ ଅଶ୍ଳିଳ ଭିଡିଓ ସବୁକୁ ପୋଷ୍ଟ କରିଦେଇଥିଲେ ବୋଲି ଏସ୍‌ଡିପିଓ ନିଙ୍ଗୀ ସୂଚନା ଦେଇଛନ୍ତି। ପୀଡ଼ିତାଙ୍କ ଏତଲାକୁ ଭିତ୍ତି କରି ତରଭା ଥାନାରେ ଏକ ମାମଲା(୪୨/୨୩) ରୁଜୁ ହୋଇଛି।

# ସୁବର୍ଣ୍ଣପୁର ଜିଲାରେ ୮୯୪୫ ପରୀକ୍ଷାର୍ଥୀ

ସୋନପୁର,୬।୩(ନି.ପ୍ର.)

## ୧୦ରୁ ମାଟ୍ରିକ୍ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଆସନ୍ତା ୧୦ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଏହା ମାର୍ଚ୍ଚ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ମାଟ୍ରିକ୍ ପରୀକ୍ଷା ପାଇଁ ସୁବର୍ଣ୍ଣପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତ ବର୍ଷ ଜିଲାରେ ୮ହଜାର ୯୪୫ଜଣ ମାଟ୍ରିକ୍ ପରୀକ୍ଷାର୍ଥୀ ରହିଥିବା ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ତନ୍ମଧରେ ୨୬୭ଜଣ ଏକ୍ସ ରେଗୁଲାର ପିଲା ରହିଛନ୍ତି। ସେହିପରି ଚଳିତ ବର୍ଷ ୬୫ଟି ସରକାରୀ ସ୍କୁଲକୁ ମିଶାଇ ଜିଲାର ମୋଟ ୧୨୬ସ୍କୁଲ ପିଲାଙ୍କ ପାଇଁ ୪୮ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ସଂସ୍କୃତ ସ୍କୁଲରେ ପଢୁଥିବା ୯୦ଜଣ ଛାତ୍ରୀଛାତ୍ର ମଧ୍ୟମା ପରୀକ୍ଷା ଦେବେ। ସେହିପରି ଷ୍ଟେଟ୍ ଇନଷ୍ଟିଚ୍ୟୁଟ ଅଫ ଅପନ ସ୍କୁଲିଂ(ଏସଆଇଓଏସ) ପକ୍ଷରୁ ୬୭ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପ୍ରଶ୍ନପତ୍ର ରଖିବା ପାଇଁ ସୋନପୁର ମହାରାଜା ହାଇସ୍କୁଲ, ଡୁଙ୍ଗୁରିପାଲି ହାଇସ୍କୁଲ, ନୋଡାଲ ହାଇସ୍କୁଲ ରାମପୁର, ବିନିକା ହାଇସ୍କୁଲ ବିନିକା, ତରଭା ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ସମିତି ହାଇସ୍କୁଲ ଉଲୁଣ୍ଡା ଓ ବୀରମହାରାଜପୁର ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ଏହି କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିଯିବ। ନୋଡାଲ ସେଣ୍ଟରରୁ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ନେବା ପାଇଁ ୧୫ଟି ଡେସପାଚ୍ ଟିମ ଗଠନ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ପ୍ରତି ନୋଡାଲ ସେଣ୍ଟର ପାଇଁ ଜଣେ ଲେଖାଏ ପଏଣ୍ଟ ଅଫିସର ନିଯୁକ୍ତି ଦିଆଯାଇଛି। ପ୍ରଶ୍ନପତ୍ର ନୋଡାଲ ସେଣ୍ଟରରେ ପହଞ୍ଚିବା ଓ ସିଲ୍ ହୋଇ ସବୁ ପରୀକ୍ଷା କେନ୍ଦ୍ରକୁ ଯିବା ଦାୟିତ୍ୱ ପଏଣ୍ଟ ଅଫିସରଙ୍କ ଉପରେ ନ୍ୟସ୍ତ କରାଯାଇଛି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ର ପାଇଁ ଅବଜରଭର ନିଯୁକ୍ତ ଦିଆଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ ସ୍କ୍ୱାଡ ଗଠନ କରାଯାଇଛି। ଏହି ସ୍କ୍ୱାଡ ସବୁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିବେ। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ସମସ୍ତ ତହସିଲଦାର ଓ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା କେନ୍ଦ୍ରଗୁଡିକରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ରହିବେ। ସେହିପରି ନୋଡାଲ ସେଣ୍ଟରଗୁଡିକରେ ୨୪ଘଣ୍ଟିଆ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ କହିଛନ୍ତି।

# ବୌଦ୍ଧରେ ଜିଲାପାଳଙ୍କ ଜନଶୁଣାଣି ଶିବିର



ବୌଦ୍ଧରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଧିକାରୀ ଓ ଜନସାଧାରଣ।

ବୌଦ୍ଧ, ୬।୩(ସ୍ୱ.ପ୍ର.)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣିଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସମୁଦାୟ ୫୮ଟି ଆପତ୍ତି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୫୧ଟି ବ୍ୟକ୍ତିଗତ ମାମଲା ଓ ୭ଟି ବିଭିନ୍ନ ଗ୍ରାମର ସାମୂହିକ ମାମଲା ରହିଥିଲା। ରେଡକ୍ରସ ପାଣ୍ଠିରୁ ଦୁଇ ଜଣଙ୍କୁ ୧୫ହଜାର ଟଙ୍କା ଦିଆଯାଇଥିଲା। ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୫ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଶିବିରରେ ୩୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ତହସିଲଦାର ଦେବୀ ପ୍ରସାଦ ଦାଶ, ବୌଦ୍ଧ ବିଡିଓ ଅବିନାଶ ପାଣ୍ଡିଆ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗଞ୍ଜେଇ, ବାଇକ୍ ଜବତ : ୨ ଗିରଫ

ସୋନପୁର, ୬।୩(ନି.ପ୍ର.)

ସୁବର୍ଣ୍ଣପୁର ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ପକ୍ଷରୁ ସୋନପୁର ଥାନା ଖମ୍ଭେଶ୍ୱରୀପାଲି ଛକ ନିକଟରେ ସୋମବାର ଚଢାଉ କରାଯାଇ ୨ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗଞ୍ଜେଇ ବ୍ୟବସାୟୀ ବାଇକରେ ବରଗଡ ଅଭିମୁଖେ ଗଞ୍ଜେଇ ଚୋରାଚାଲାଣ କରୁଥିଲେ। ଏହି ଘଟଣାରେ ଗଞ୍ଜେଇ ବ୍ୟବସାୟୀ ବରଗଡ ଜିଲା ଭେଡେନ ଥାନା ମହୁଲେ ଗ୍ରାମର କଳାକାହ୍ନୁ ପଟେଲ(୪୨) ଓ ରୁଖୁଡା ଗ୍ରାମର ଅରୁଣ ଦାସ(୩୯)ଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ନିକଟରୁ ୨୦କିଲୋ ଗଞ୍ଜେଇ ଓ ହିରୋ ହୁଣ୍ଡା ସିଡି ଡିଲକ୍ସ ବାଇକ୍ ନମ୍ବର ସିଜି୦୪ଡିସି-୯୦୫୭ ଜବତ ହୋଇଛି। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ନିରୀକ୍ଷକ ପ୍ରକାଶ କୁମାର ସା, ଉପନିରୀକ୍ଷକ ବଲବୀର ଗଡନାୟକ, ପୃଥ୍ୱୀରାଜ କୁଅଁର, ଆକାଶ କୁମାର ସାହୁ ଓ ଗୌପତି ପଣ୍ଡା ଚଢାଉରେ ସାମିଲ ଥିଲେ।

# ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୬।୩

ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ଓଡ଼ିଆ ବିଭାଗ)ରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଶ୍ଚିମ ସମ୍ଭାଗ ଶୈକ୍ଷିକ ସଂଯୋଜକ ଲୋକନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ପରିଚାଳନା ସମିତି ସଦସ୍ୟା ବିଷ୍ଣୁପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ମେଘନାଥ ତାଜେନ, ଶିବପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ଭାବେ ନାମ ଲେଖାଇଥିବା ଶିଶୁମାନଙ୍କ ୧୦୪ଜଣ ଅଭିଭାବିକା, ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଗୁରୁମା ମଞ୍ଜୁଳା ସାହୁ, ସୌଦାମିନୀ ପଟ୍ଟନାୟକ, କାଦମ୍ବିନୀ ଲେଙ୍କା ୩ଟି କାଳାଂଶରେ ଅଭିଭାବକଙ୍କୁ ପ୍ରତ୍ୟକ୍ଷ ଅନୁଭୂତି କରାଇଥିଲେ। ସହପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋବିନ୍ଦ ଥିଲେ ସାରସ୍ୱତ କ୍ଷେତ୍ରର ଉଜ୍ଜ୍ୱଳ ଜ୍ୟୋତିଷ୍କ



ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତାଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ସୋନପୁର,୬।୩(ନି. ପ୍ର )

ସ୍ୱର୍ଗତ ପ୍ରଫେସର ଗୋବିନ୍ଦ ଚନ୍ଦ୍ର ଉଦଗାତା ଥିଲେ ସାରସ୍ୱତ କ୍ଷେତ୍ରରେ ଏକ ଉଜ୍ଜ୍ୱଳ ତାରକା। ଅଧ୍ୟାପନା କ୍ଷେତ୍ରରେ ଜଣେ ଛାତ୍ରବତ୍ସଳ, ନୀତିନିଷ୍ଠ ତଥା କର୍ମଠ ଅଧ୍ୟାପକ ଯାହାଙ୍କ ଦ୍ୱାରା ଉପକୃତ ହୋଇ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଅନେକ ବ୍ୟକ୍ତି ପ୍ରତିଷ୍ଠା ଲାଭ କରି ପାରିଛନ୍ତି। ତାଙ୍କର ୧୦୩ ତମ ଜୟନ୍ତୀ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ ଅତିଥିମାନେ। ଏହି ଉପଲକ୍ଷେ ସୁବର୍ଣ୍ଣପୁର ମହାରାଜା ଉଚ୍ଚ ବିଦ୍ୟାଳୟ ଶତାବ୍ଦୀ ସମ୍ମିଳନୀ କକ୍ଷରେ ପୁରାତନ ଛାତ୍ର ସଂଘ ସଭାପତି ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଥିଲା। ଯହିଁରେ ପଦ୍ମଶ୍ରୀ ଡ: ନରସିଂହ ପ୍ରସାଦ ଗୁରୁ ମୁଖ୍ୟ ଅତିଥି, ପଦ୍ମଶ୍ରୀ ଡ: ଶ୍ରୀନିବାସ ଉଦଗାତା ବିଶିଷ୍ଟ ସମ୍ମାନିତ ଅତିଥି, ଡ.ଗୋପବନ୍ଧୁ ରଥ ମୁଖ୍ୟବକ୍ତା, ସାମ୍ବାଦିକ ବୀରେନ୍ଦ୍ର କୁମାର ଖାଙ୍କର ସମ୍ମାନୀତ ବକ୍ତା, ସୁଶ୍ରୀ ରେଣୁକା ମିଶ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ଶିକ୍ଷାବିତ୍ ବ୍ରଜମୋହନ ଦାନୀ, ମୀନା ମହାରଣା, ଇନ୍ଦୁମତୀ ପୁରୋହିତ, ପ୍ରହ୍ଲାଦ ମିଶ୍ର, ଯୋଗୀନ୍ଦ୍ର ପଣ୍ଡା, ପଙ୍କଜ ମେହେର, ବିରଞ୍ଚି ନାରାୟଣ ମହାନ୍ତି, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଆଶୀଷ ରଞ୍ଜନ ରଥ ବିବରଣୀ ପାଠ କରିଥିବା ବେଳେ ସଂଘର ସମ୍ପାଦକ ବ୍ୟୋମକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରକାଶଥାଉକି ପଦ୍ମଶ୍ରୀ ଡ: ନରସିଂହ ପ୍ରସାଦ ଗରୁ ମହାରାଜା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଏହି ଅବସରରେ ତାଙ୍କୁ ସ୍ୱତନ୍ତ୍ର ଭାବେ ପୁରାତନ ଛାତ୍ର ସଂଘ ତଥା ବିଦ୍ୟାଳୟର ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଶିକ୍ଷକଙ୍କ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ବିଜୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

ତରଭା, ୬।୩(ଡି.ଏନ.ଏ.)

ବିଜୁ ବାବୁ ଥିଲେ ଯୁଗ ପୁରୁଷ। ରାଜ୍ୟ ଓ ଦେଶ ପାଇଁ ସେ ଯେଉଁ କାମ କରି ଯାଇଛନ୍ତି ଲୋକେ ତାଙ୍କୁ ସବୁଦିନ ପାଇଁ ମନେ ରଖିବେ। ତରଭା କୃଷ୍ଣାର୍ଜୁନ କଳାମଣ୍ଡପରେ ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜନ୍ମଜୟନ୍ତୀ ସମାରୋହରେ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତ ରଖିଛନ୍ତି। ଜିଲା ବିଜେଡି ସଭାପତି ସରୋଜ କୁମାର କମ୍ପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ବିଜୁ ବାବୁଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ ପରେ ଖୁବଶୀଘ୍ର ରାଜ୍ୟରେ ୫୦୦୦ ଡାକ୍ତର, ୯୦୦୦ ନର୍ସ ଓ ୪୦୦୦ ଏଏନଏମ ନିଯୁକ୍ତ କରାଯିବ ବୋଲ କହିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ସରପଞ୍ଚ ସଂଘ ସଭାପତି ଶଙ୍କର ପ୍ରସାଦ ସା, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାଏକ, ବିଜେଡି ନେତା କଇରୁ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା, ବିଜେଡି ଛାତ୍ର ଜିଲା ସଭାପତି ଶାଶ୍ୱତ ମିଶ୍ର, ରମେଶ ପୂଜାରୀ, ଅଭିମନ୍ୟୁ କୁଶଲ, ତରଭା ନଗରପାଳ ବନ୍ଦିତା ନାୟକ, ଉପନଗରପାଳ ଗଗନ କୁମାର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେରେ ବିଜୁ ପ୍ରେମୀ ଲଖନ ତ୍ରିପାଠୀ, ଲଳିତ ମୋହନ ପଣ୍ଡା, ଗୋଲକ ନାଏକ ପ୍ରମୁଖ ୧୦ ଜଣଙ୍କୁ ମନ୍ତ୍ରୀ ପୂଜାରୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ।

# ଶିକ୍ଷା ଜୀବନର ମୂଳମନ୍ତ୍ର

ଅମ୍ବାଭୋନା,୬।୩

## ବ୍ଲକ କଲୋନି ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

ଗଙ୍ଗାର ଉତ୍ସ ହିମାଳୟ ଓ ଜ୍ଞାନର ବିଦ୍ୟାଳୟ। ମଣିଷ ତିଆରି କାରଖାନାରେ ଶିଶୁମାନଙ୍କୁ କଞ୍ଚାମାଲ ଭାବେ ବ୍ୟବହାର କରି ଏକ ସୁସ୍ଥ, ସମୃଦ୍ଧ ସମାଜ ଗଠନ କରି ଭବିଷ୍ୟତ ପିଢ଼ି ସୁନାଗରିକ ଗଢିବା ଶିକ୍ଷାର ମୂଳ ଉଦ୍ଦେଶ୍ୟ। ଅମ୍ବାଭୋନା ବ୍ଲକ ଭୁକ୍ତା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ବ୍ଲକ କଲୋନୀ ପରିସରରେ ଆୟୋଜିତ ବାର୍ଷିକ ଉତ୍ସବରେ ନିମନ୍ତ୍ରିତ ଅତିଥିଗଣ ଏହା ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ଚରଣ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ବିଇଓ ଟେମରାମ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ଜୀବନର ମୂଳମନ୍ତ୍ର ବୋଲି ମତପୋଷଣ କରିଥିଲେ। ଏବିଇଓ ଲାଲମୋହନ ସିଂହ, ସ୍କୁଲ ପରିଚାଳନା କମିଟି ସଭାପତି ମୋହନ ସିଂ ପଟେଲ, ସିଆରସିସି କେଦାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ସିଆରସିସି ମହେନ୍ଦ୍ର ପଧାନ ମଞ୍ଚ ପରିଚାଳନା କରିଥିବାବେଳେ ରାମେଶ୍ୱର ଭୋଇ ସହଯୋଗ କରିଥିଲେ। ଶିକ୍ଷକ ଆକୁଳ ବାଗ ବିବରଣୀ ପଠନ କରିଥିବା ବେଳେ ଶିକ୍ଷୟିତ୍ରୀ ବବଲି ବେସ୍ରା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମାନସୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶଫାଲ ଲୋକକଳା ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

ଅମରପାଲି, ୬।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଧର୍ମଶାଳାଠାରେ ଚାଲିଥିବା ଚତୁର୍ଥ ଦେଶଫାଲ ଲୋକକଳା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ପଦ୍ମଲୋଚନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବେ ବରଗଡ଼ ଏମ୍‌ପି ସୁରେଶ ପୂଝାରୀ, ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା। ବଲାଙ୍ଗୀର ଜିଲା ସମବାୟ ସମିତି ସମ୍ପାଦକ ସ୍ମାରକ ମିଶ୍ର, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ମୁଣ୍ଡଘାଟ ସରପଞ୍ଚ କେଶନ ଜଗଦଲା ଓ ମହୋତ୍ସବ କମିଟି ସମ୍ପାଦକ ଶ୍ରୀନିବାସ ଚାନ୍ଦ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କୁ ସ୍ମୃତିଫଳକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସର ରେ ଓଡ଼ିଶା ରାଜ୍ୟ ମାନବ ଅଧିକାର ଆୟୋଗ ଅଧ୍ୟକ୍ଷ ଶତ୍ରୁଘ୍ନ ପୂଝାରୀଙ୍କୁ ଦେଶଫାଲ ଗୌରବ ସମ୍ମାନ, ବୀରମହାରାଜପୁରର ପୂର୍ବତନ ବିଧାୟକ ସ୍ୱର୍ଗତ ବୈଷ୍ଣବ ପଧାନଙ୍କୁ ମରୋଣତ୍ତରଭାବେ ଦେଶଫାଲ ବିକାଶ ସମ୍ମାନ, ଡକ୍ଟର ଆମୋଦ ଚନ୍ଦ୍ର ମହାକୁରଙ୍କୁ ଦେଶଫାଲ ସମାଜ ସେବା ସମ୍ମାନ, ହୃଦରୋଗ ବିଶେଷଜ୍ଞ ଡକ୍ଟର ବିକ୍ରମାଦିତ୍ୟ ପାଢ଼ୀଙ୍କୁ ଦେଶୋଫାଲ ଯୁବ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ମହୋତ୍ସବ କମିଟି ବରିଷ୍ଠ ସଦସ୍ୟ ବଳଦେବ ବେଦବାକ, ଦ୍ୱିତିକୃଷ୍ଣ ପଣ୍ଡା ଓ ଲକ୍ଷ୍ମୀନାରାୟଣ ସାହୁ ସଭାକାର୍ଯ୍ୟକୁ ସଂଯୋଜନା କରିଥିବା ବେଳେ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ପରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଟଙ୍କା ଲୁଟ ଘଟଣାରେ ୨ ଗିରଫ



ଦେବଗଡ଼, ୬।୩(ଡି.ଏନ୍.ଏ.): ଦେବଗଡ଼ର ବିଭିନ୍ନ ଅଞ୍ଚଳରୁ ଟଙ୍କା ଲୁଟ କରୁଥିବା ୨ ଯୁବକଙ୍କୁ ଗିରଫ କରିଛି ଦେବଗଡ଼ ପୋଲିସ। ସେମାନେ ହେଲେ କଂଗ୍ରେସପୁର ଗାଁର ବଳରାମ ପାତ୍ର, ରମାକାନ୍ତ ପାତ୍ର। ସେମାନଙ୍କ ନିକଟରୁ ପୋଲିସ ୧୬ହଜାର ଟଙ୍କା ଜବତ କରିବା ସହତ ବ୍ୟବହୃତ ମୋଟର ସାଇକେଲ ଏବଂ ଏକ ମାରଣାସ୍ତ୍ର ଜବତ କରିଛି। ଗତ ମାର୍ଚ୍ଚ ୨ରେ ଝୁମ୍ପୁରା ଗ୍ରାମର ଗଙ୍ଗାଧର ସାହୁ ନାମକ ଜଣେ ବ୍ୟବସାୟୀଙ୍କଠାରୁ ରାସ୍ତାରୁ ଏହି ଦୁଇ ଅଭିଯୁକ୍ତ ୨୦ହଜାର ଟଙ୍କା ଲୁଟ କରି ନେଇଯାଇଥିଲେ। ପରେ ଏନେଇ ଗଙ୍ଗାଧର ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ପରେ ସେମାନେ ଦେବଗଡ଼ ଥାନା କଂଗ୍ରେସପୁର ଗ୍ରାମର ଜାଣିବାକୁ ପାଇଥିଲା। ଦେବଗଡ଼ ପୋଲିସ ଗିରଫ କରି ଅଧିକ ତଦନ୍ତ ପରେ ସେମାନେ ଆଉ ଦୁଇଟି ଲୁଟ ମାମଲାରେ ସାମିଲ ଥିବା ଜାଣିବାକୁ ପାଇଥିଲା। ପୂର୍ବରୁ ଭାରତ ଫାଇନାନ୍ସ ଏବଂ ଦେବାନନ୍ଦ ସାହୁଙ୍କ ପାଖରୁ ହୋଇଥିବା ଟଙ୍କା ଲୁଟରେ ଏମାନଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି। ଅଭିଯୁକ୍ତଙ୍କୁ ପରେ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ଦେବଗଡ଼ ଆଇଆଇସି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ହାପି ଟୁ ହେଲ୍ପ ଫାଉଣ୍ଡେଶନ ସଙ୍ଗଠନ ସମ୍ମାନିତ

ଦେବଗଡ଼, ୬।୩(ଡି.ଏନ୍.ଏ.): ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୩ ଉପଲକ୍ଷେ ଶିଶୁ ସୁରକ୍ଷା ବିଭାଗ ତରଫରୁ ପ୍ରଧାନପାଟ ସ୍ଥିତ ବଡ଼ବଗିଚାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା, ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅମ୍ଳାନସୁ ପୂଜାରୀ ଓ କାଉନସିଲର ଯତୀନ ନାୟକଙ୍କ ସମେତ ହାପି ଟୁ ହେଲ୍ପ ଫାଉଣ୍ଡେସନ ସଙ୍ଗଠନକୁ ସମ୍ମାନିତ କରାଯାଇଛି। ଫାଉଣ୍ଡେସନ ସଦସ୍ୟ ଶୁକଦେବ ଭଞ୍ଜ, ରାଜକିଶୋର ଦାସ, ବିଷ୍ଣୁ ପ୍ରସାଦ ନାୟକ, ଦୀପକ ଷଣ୍ଢ, ଆଲୋକ ଅମାନ୍ତ, ମନୋଜ ମୁଣ୍ଡା, ଶୈଳେନ୍ଦ୍ର ବ୍ରିନେଦ, ସୁକେନ ମୁଖି, ଚଗଲା ପୃଷ୍ଟି, କଳିତ କର, ପ୍ରଭାତ ସାହୁ, ବିକାଶ ନାୟକ, ସିକି ରଣା ଉପସ୍ଥିତ ଥିଲେ।

### କୁଆଁରମୁଣ୍ଡାରେ ଖାଦ୍ୟ ସୁରକ୍ଷା ଲାଇସେନ୍ସ ପ୍ରଦାନ ଶିବିର

କୁଆଁରମୁଣ୍ଡା,୬।୩(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ରାଉରକେଲା ମହାନଗର ନିଗମ ପାର୍ଶ୍ୱବର୍ତ୍ତୀ କୁଆଁରମୁଣ୍ଡା ବଜାରର ବ୍ୟବସାୟୀ, ଖାଦ୍ୟ ଉତ୍ପାଦନକାରୀ ପ୍ରତିଷ୍ଠାନଗୁଡିକ ଆଗମୀ ଦିନରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟି ଦେଇ ଉତ୍ତମ ଗୁଣବତ୍ତା ବିଶିଷ୍ଟ ଖାଦ୍ୟ ଉତ୍ପାଦନ ଓ ପ୍ରସ୍ତୁତ କରିବା ନିମନ୍ତେ ଏକ ଶିବିର କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ ଶ୍ରୀମନ୍ତ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ କୁଆଁରମୁଣ୍ଡା ବଜାରର ୧୫୦ରୁ ଉର୍ଦ୍ଧ୍ୱ ଖାଦ୍ୟ ସାମଗ୍ରୀ ବ୍ୟବସାୟୀ ଉପସ୍ଥିତ ରହି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତିବେଳେ ଆବଶ୍ୟକୀୟ ସତର୍କତା ବିଷୟରେ ଅବଗତ ହୋଇଥିଲେ। ଶେଷରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଅତିଥିଭାବେ ଯୋଗଦେଇ ଶିବିର ପରିଦର୍ଶନ କରି ଉପସ୍ଥିତ ଅଧିକାରୀ ଓ ବ୍ୟବସାୟୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ସୁନ୍ଦରଗଡ ଖାଦ୍ୟ ସୁରକ୍ଷା ଅଧିକାରୀ ମୋନାଲି ମଧୁସ୍ମିତା ବେହେରାଙ୍କ ସହ ରାଜଗାଙ୍ଗପୁର ଖାଦ୍ୟ ସୁରକ୍ଷା ଅଧିକାରୀ କୁନ୍ଦନ ଲୁହାର, ମନୋଜ କୁମାର ଗୋଏଲ, ବିନୋଦ ପ୍ରଫୁଲ୍ଲ ବାର୍ଲା ପ୍ରମୁଖ ଉପସ୍ଥିତ ରହି ସହାୟତା କରିଥିଲେ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଉମାକାନ୍ତ ପତି, ଦେବାଶିଷ ସାହୁ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ସଞ୍ଚାଳନ କରିଥିଲେ।

### ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି

ସୁନ୍ଦରଗଡ଼, ୬।୩(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୋମବାର ସ୍ଥାନୀୟ ସଦଭାବନା ଭବନଠାରେ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୧୫୬ଟି ଅଭିଯୋଗ ଆସିଥିଲା।

# ଦେଶୀ ରଙ୍ଗରେ ଝଲସିବେ ରାଧାକୃଷ୍ଣ

## ରାଉରକେଲାରେ ୯ମ ଦୋଳ ମେଳଣ ପର୍ବ

ରାଉରକେଲା ଅଫିସ, ୬।୩



ଖବରଦାତା ସମ୍ମିଳନୀରେ ସମିତି କର୍ମକର୍ତ୍ତାମାନେ ।

ରାଉରକେଲା ସେକ୍ଟର-୭ ସ୍ଥିତ ଦୁର୍ଗାପୂଜା ପଡିଆରେ ଆସନ୍ତା ୯ତାରିଖରୁ ଆରମ୍ଭ ହେବାକୁ ଯାଉଛି ଭାଇଚାରାର ମହାନ ପର୍ବ ଦୋଳ ମେଳଣ। ଚଳିତବର୍ଷ ଏହା ନବମ ବର୍ଷରେ ପଦାର୍ପଣ କରିଛି। ଦେଶୀ ରଙ୍ଗରେ ଏହି ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରାଯିବ ବୋଲି ରାଉରକେଲା କେନ୍ଦ୍ରୀୟ ଦୋଳ ମେଳଣ ସମିତି ଅଧ୍ୟକ୍ଷ ହରିହର ରାଉତରାୟ ସୋମବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ରଙ୍ଗର ପର୍ବ ହୋଲି ଉପଲକ୍ଷେ ଆୟୋଜିତ ହେବାକୁ ଥିବା ୯ମ ଦୋଳ ମେଳଣ ପର୍ବରେ ଜିଲାର ବିଭିନ୍ନ ପ୍ରାନ୍ତରୁ ୪୦ଟି ରାଧାକୃଷ୍ଣଙ୍କ ସୁସଜ୍ଜିତ ଦୋଳ ବିମାନ ମୁଖ୍ୟ ଆକର୍ଷଣ ସାଜିବ। ବିଶେଷ କରି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ଆୟୋଜିତ ହେବ। ପ୍ରତ୍ୟେହ ରାତି ୯ଟାରେ ସାମୂହିକ ଆଳତୀ ହେବ। ଶ୍ରଦ୍ଧାଳୁ ଭକ୍ତଙ୍କର ପାଇଁ ଅନ୍ନକୋଟ ବ୍ୟବସ୍ଥା ରହିଥିବା ସୂଚନା ଦିଆଯାଇଥିଲା।

୨୦୧୫ରେ ବିଷ୍ଣୁ ଚରଣ ବିଶ୍ୱାଳ, ସୁଶାନ୍ତ ପଧାନ, ଈଶ୍ୱର ଭଞ୍ଜ ଓ ଅମୂଲ୍ୟ ବିଶୋଇଙ୍କୁ ନେଇ ପ୍ରଥମ କରି ଆରମ୍ଭ ହୋଇଥିଲା ଦୋଳ ମେଳଣ। ଧାର୍ମିକ, ସାଂସ୍କୃତିକ ଓ ପାରମ୍ପରିକ ସମ୍ପର୍କକୁ ଏକତା ସୂତ୍ରରେ ବାନ୍ଧିବା ଉଦ୍ଦେଶ୍ୟରେ ସମିତି ପକ୍ଷରୁ ପ୍ରତିବର୍ଷ ଦୋଳ ପର୍ବ ପାଳନ କରାଯାଉଛି। ମାତ୍ର ଦୁଇବର୍ଷ ଧରି କରୋନା କାରଣରୁ ପର୍ବ ପାଳନ ବନ୍ଦ ରହିଥିଲା। ଚଳିତବର୍ଷ ମେଳଣରେ ଲାଠିକଟା, ବନ୍ଧମୁଣ୍ଡା, ବିଶ୍ରା ଆଦି ଅଞ୍ଚଳରୁ ୩୫ରୁ ୪୦ ଦୋଳ ବିମାନ ଏକାଠି ହେବେ ବୋଲି କେନ୍ଦ୍ରୀୟ ଦୋଳ ମେଳଣ ସମିତି ସଭାପତି ଶଙ୍କର ଜେନା, ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସାମଲ, ପ୍ରମୋଦ କୁମାର ପଧାନ, ପ୍ରଦୀପ ପଟ୍ଟନାୟକ, ପ୍ରସନ୍ନ କୁମାର ତ୍ରିପାଠୀ, କପିଳେଶ୍ୱର ମିଶ୍ର, ଜୟନ୍ତୀ ବିଶ୍ୱାଳ, ସୁମିତ୍ରା ସ୍ୱାଇଁ, ରେଖା କୋଠାରୀ, ପ୍ରିୟବ୍ରତ ଭଞ୍ଜ, ସୁଶାନ୍ତ ପଧାନ ପ୍ରମୁଖ ପ୍ରକାଶ କରିଛନ୍ତି।

# ସୁନାଫୁଲ ସାହିତ୍ୟ ସଂସଦର ସେବା ଦିବସ

ରାଉରକେଲା ଅଫିସ,୬।୩

ରାଉରକେଲାର ସାଂସ୍କୃତିକ ସଙ୍ଗଠନ ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ଜୟନ୍ତୀ ଉପଲକ୍ଷେ କଳିଙ୍ଗ ବିହାର ସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘ ଗୃହରେ ସେବା ଦିବସ ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ସୁଦାମ ଦାଶ ମୁଖ୍ୟଅତିଥି, ସାମାଜିକ କର୍ମୀ ବିଚିତ୍ରାନନ୍ଦ ସାହୁ ମୁଖ୍ୟବକ୍ତା ଏବଂ ଶିକ୍ଷାବିତ୍ ପାରେଶ୍ୱର ବିଶ୍ୱାଳ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଆ ଭାଷାର ପ୍ରଚାର ପ୍ରସାର ଓ ବିକାଶ କ୍ଷେତ୍ରରେ ବିଜୁବାବୁଙ୍କ ଅତୁଳନୀୟ ଅବଦାନ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଓଡିଆ ଭାଷାର ପ୍ରଚାର ପ୍ରସାର ୧୧ଜଣ ଶିଶୁ ପ୍ରତିଭା ଏବଂ କିଶୋର ଓଡିଆ କବିତା ପଠନ କରିଥିଲେ। ପରେ ସମାଜସେବୀ ଅଭୟ ଦାଶଙ୍କୁ ସୁନାଫୁଲ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ସୁନୀଲ ମହାନ୍ତି ଆବାହକତ୍ୱରେ ସଂସଦର ଲୋକସମ୍ପର୍କ ଅଧିକାରୀ ମହେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁଗ୍ମ ସମ୍ପାଦକ ବ୍ରହ୍ମାନନ୍ଦ ପାଢୀ ଉପସ୍ଥିତ ଥିଲେ। ଏହି ଅବସରରେ ସୁନୀଲ ମହାନ୍ତିଙ୍କ ରଚିତ କିଶୋର ଉପନ୍ୟାସ 'ଲିଟିଲ ବୁଲୁଛି ରାଇଜ ସାରା' ଅତିଥି ମାନଙ୍କର ଦ୍ୱାରା ଉନ୍ମୋଚିତ ହୋଇଥିଲା। ପାରେଶ୍ୱର ବିଶ୍ୱାଳ ପୁସ୍ତକର ସମୀକ୍ଷା କରିଥିଲେ। ମହେନ୍ଦ୍ର ମିଶ୍ର ସେବା ଦିବସର ପରିସମାପ୍ତି ଘୋଷଣା କରିଥିଲେ।

# ଦେବଗଡ଼ରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉ

## ଶିଳ୍ପ ବିହୀନ କୃଷିପ୍ରଧାନ ଦେବଗଡ଼ ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏବିଭିପିର ଦାବି

ଦେବଗଡ଼,୬।୩(ଡି.ଏନ୍.ଏ.)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଶିଳ୍ପବିହୀନ କୃଷିଭିତ୍ତିକ ଦେବଗଡ଼ ଜିଲାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦାବି କରିଛି। କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ସୋମବାର ଏବିଭିପି ପକ୍ଷରୁ ଛାତ୍ର ସମାବେଶ ଓ ରାଲି ଅନୁଷ୍ଠିତ ହୋଇଥିଲା। ଜିଲା ସଂଯୋଜକ ସୁଜିତ କୁମାର ଖଡିରତ୍ନଙ୍କ ନେତୃତ୍ୱରେ ସ୍ଥାନୀୟ ଶନି ମନ୍ଦିର ନିକଟ କଲ୍ୟାଣ ମଣ୍ଡପରୁ ଏବିଭିପି ପକ୍ଷରୁ ଏକ ରାଲି ନଗର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ୧୯ ଦଫା ଦାବିନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ଉକ୍ତ କଲ୍ୟାଣ ମଣ୍ଡପରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସଂଯୋଜକ ସୁଜିତ କୁମାର ଖଡ଼ିରତ୍ନ ସଭାପତିତ୍ୱ କରିଥିବାବେଳେ ସାଇ ସଂଦୀପ୍ତା ଜ୍ୟୋତିଷ ପରିଚାଳନା କରିଥିଲେ। ରାଜ୍ୟ ସମ୍ପାଦକ ଅରଜିତ ପଟ୍ଟନାୟକ ମୁଖ୍ୟଅତିଥି, ରାଜ୍ୟ ସହ ସମ୍ପାଦକ ଶ୍ୱେତାଂଶୁ ଶେଖର ବରେଇ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଜୟ କୁମାର ଦେହୁରୀ, କୌଶିଷ ପ୍ରଧାନ, ନିକୁଞ୍ଜ ବିହାରୀ ପଣ୍ଡା, ଅବିନାଶ ମହାପାତ୍ର ମଞ୍ଚାସୀନ ଥିଲେ। ଶେଷରେ ସୌମ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଂସର, ରିଆମାଲ, ବାରକୋଟ, ବୁଢ଼ାପାଳ, ସୁଗୁଡା ଅଞ୍ଚଳର ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ଥିବା କଲେଜର ଛାତ୍ରୀଛାତ୍ର ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।




ଏବିଭିପି ପକ୍ଷରୁ ଦେବଗଡ଼ରେ ଶୋଭାଯାତ୍ରା।

### ଟ୍ରାକ୍ଟର ମାଡ଼ିଯାଇ ଜଣେ ମୃତ, ୩ ଗୁରୁତର

ରାଜଗାଙ୍ଗପୁର, ୬।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରେଳ ଫାଟକରେ ସୋମବାର ଏକ ଟ୍ରାକ୍ଟର ମାଡିଯାଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ୩ଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦିନ ୨ଟାରେ ରାଜଗାଙ୍ଗପୁର ରେଳ ଫାଟକ ବନ୍ଦ ରହି ଖୋଲିଥିଲା। ଏହି ସମୟରେ ଏକ ଟ୍ରାକ୍ଟର ନଂ. ଓଡି ୧୬ ଏଚ ୨୮୨୪ ଅତର୍କିତ ଭାବେ ଆଗକୁ ମାଡ଼ିଯାଇଥିଲା। ଫଳରେ ସେଠାରେ ଛିଡ଼ା ହୋଇଥିବା ୪ ଜଣଙ୍କ ଉପରକୁ ଟ୍ରାକ୍ଟର ଚଢିଯିବା ଦ୍ୱାରା ମାଲିଡିହି ଗ୍ରାମର ଇସଥାନିସଲାଲ ଟେଟେ (୭୫)ଙ୍କ ମୃତ୍ୟୁ ଘଟିଥିଲା। ଡେଙ୍ଗୁରପାଣି ଗ୍ରାମର ୨ ଓ ଢୁଡି ଗ୍ରାମର ଜଣଙ୍କ ଅବସ୍ଥା ଗମ୍ଭୀର ଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟ ଓ ପରେ ରାଉରକେଲାକୁ ପଠାଯାଇଛି। ରାଜଗାଙ୍ଗପୁର ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ଅର୍ଥନୈତିକ ମହାଘୋଟାଲାର ତଦନ୍ତ ଦାବିରେ କଂଗ୍ରେସର ଗଣଧାରଣା

ସୁନ୍ଦରଗଡ଼,୬।୩(ଡି.ଏନ.ଏ.)

ଦେଶରେ ଆଦାନୀ-ମୋଦି ଅର୍ଥନୈତିକ ମହାଘୋଟାଲାର ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ ଦାବିରେ ପ୍ରଦେଶ କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ଟାଉନ କଂଗ୍ରେସ ପକ୍ଷରୁ ସୋମବାର ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଟାଉନ ସଭାପତି ନେପାଳ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଏହି ମହାଘୋଟାଲା ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ପର୍ଯ୍ୟବେକ୍ଷକ ବିଧୁ ଭୂଷଣ ତ୍ରିପାଠୀ, ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ଉପସଭାପତି ଅଜିତ ପ୍ରସାଦ ଯୋଗଦେଇଥିଲେ। ଜନତାଙ୍କ ଟଙ୍କାରେ ଦେଶରେ ଆଦାନି, ଅମ୍ବାନୀଙ୍କ ରାଜୁତି ଚାଲିଛି ବୋଲି ଅଭିଯୋଗ କରିଥିଲେ। ସାଧାରଣ ସମ୍ପାଦକ କାଳୀପଦ ସାମଲ, ସଞ୍ଜୟ ସାହୁ, ପର୍ଶୁରାମ ସରାଫ, ମୁନୁ ସରାଫ, ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପଟ୍ଟନାୟକ, ଶିବ ମୁଣ୍ଡା, ଲବଣୀ ବାଗ, ସୁନ୍ଦରଲାଲ ଶର୍ମା, ତଥା ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ।



କଂଗ୍ରେସ କର୍ମୀମାନେ ଧାରଣା ଦେଇଛନ୍ତି।

# ୧୦ରୁ ୨୪ତମ ସ୍ୱଦେଶୀ ମେଳା




ଖବରଦାତା ସମ୍ମିଳନୀରେ ଆୟୋଜକ ମଣ୍ଡଳୀ ସୂଚନା ଦେଉଛନ୍ତି।

ରାଉରକେଲା ଅଫିସ, ୬।୩

ଭାରତ ବିପଣନ ବିକାଶ କେନ୍ଦ୍ର (ସିବିଏମ୍‌ଡି) ଓ ସ୍ୱଦେଶୀ ଜାଗରଣ ମଞ୍ଚ ରାଉରକେଲାର ମିଳିତ ସହଭାଗିତାରେ ଆୟୋଜିତ ହେବାକୁ ଯାଉଛି ୨୪ତମ ସ୍ୱଦେଶୀ ମେଳା। ଏହି ମେଳା ଆସନ୍ତା ୧୦ରୁ ୨୦ତାରିଖ ଯାଏ ୧୧ଦିନ ଧରି ସେକ୍ଟର-୧୩ ମେଳଣ ପଡିଆରେ ହେବ ବୋଲି ସୋମବାର ବ୍ରାହ୍ମଣୀ କ୍ଲବ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମେଳାର ଅଧ୍ୟକ୍ଷ ଶୁଭ ପଟ୍ଟନାୟକ ସୂଚନା ଦେଇଛନ୍ତି। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାର ସ୍ୱଦେଶୀଙ୍କ ହାତ ତିଆରି ଆକର୍ଷଣୀୟ ସାମଗ୍ରୀଗୁଡିକ ୩ଶହ ଷ୍ଟଲରେ ପ୍ରଦର୍ଶିତ କରାଯିବ। ବିଦ୍ୟୁତ୍‌ଜନିତ ଘରୋଇ ସରଞ୍ଜାମ, ବାସନକୁସନ, ବ୍ୟଞ୍ଜନ, ରିଏଲ ଇଷ୍ଟେଟ, ମ୍ୟାଟ୍ରେସ, ଏଫ୍‌ଏମ୍‌ସିଜି, କାର୍ପେଟ, ଜୁଏଲେରୀ, କୁକେରୀ, ଇ-ବାଇକ୍ କାର, ଟୁ ହ୍ୱିଲର୍ସ, ହ୍ୟାଣ୍ଡିକ୍ରାଫ୍ଟ, ହ୍ୟାଣ୍ଡଲୁମ୍, ପ୍ରସାଧନ ସାମଗ୍ରୀ ପ୍ରଦର୍ଶିତ ଏବଂ ବିକ୍ରୟ ମଧ୍ୟ ହେବ। ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ଛୋଟ ପିଲାଙ୍କୁ ନେଇ ବିବିଧ ପ୍ରତିଯୋଗିତା କରାଯିବ। କୃତୀ ପ୍ରତିଯୋଗୀମାନଙ୍କୁ ମେଳାର ଅନ୍ତିମ ଦିବସରେ ପୁରସ୍କୃତ କରାଯିବ। ତେବେ ୨୪ତମ ସ୍ୱଦେଶୀ ମେଳାର ବିଶେଷ ଆକର୍ଷଣରେ ଘଣାପେଶା ତେଲର ଲାଇଭ୍ ଡେମୋ ଓ ଟେରାକୋଟା ଲାଇଭ୍ ଡେମୋ ରହିବ ବୋଲି ପଟ୍ଟନାୟକ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ମେଳା ସଂଯୋଜିକା ନିହାରିକା ବସ୍ତିଆ, ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ସାଧାରଣ ସମ୍ପାଦକ ସୁନୀଲ କାୟଲ, ରାଜ୍ୟ ସଂଯୋଜକ ମନୋଜ ନାୟକ, ଜିଲା ସଂଯୋଜକ ଭରତ ଗୌଡ, ସିବିଏମ୍‌ଡି ମାର୍କେଟିଂ ହେଡ୍ ମନୋଜ କୁମାର ନାୟକ, ପ୍ରମୋଦ ଜେନା, ସରୋଜ ମହାପାତ୍ର, ଦିନେଶ ଭୋଲ, ଆକାଶ ଯାଦବ ଉପସ୍ଥିତ ଥିଲେ।

### ରାଜଗାଙ୍ଗପୁରରେ ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

ରାଜଗାଙ୍ଗପୁର, ୬।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ସୋମବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ପୌରାଞ୍ଚଳରେ ପରିବାର ସହିତ ବାସ କରୁଥିବା ନାବାଳିକା (୧୭) ଏକ ବାହାଘରକୁ ଯିବା ପାଇଁ ଗତ ୧ ତାରିଖ ରାତିରେ ଜଣେ ବନ୍ଧୁଙ୍କ ସହ ଘର ପାଖରେ କଥାବାର୍ତ୍ତା କରୁଥିଲେ। ଏହି ସମୟରେ ୩ଜଣ ଯୁବକ ପହଞ୍ଚି ନାବାଳିକାଙ୍କ ପାଟି ବନ୍ଦକରି ଜୋରଜବରଦସ୍ତି ଉଠାଇନେଇ କିଛି ଦୂରରେ ଥିବା ଏକ ଭଙ୍ଗା ଘରେ ଗଣବଳାତ୍କାର କରିଥିଲେ। ଏହି ଘଟଣା ପ୍ରକାଶ ନ କରିବା ପାଇଁ ଧମକ ଦେଇଥିଲେ। ନାବାଳିକା ଜଣଙ୍କ ଘରକୁ ଫେରି ସବୁ ଘଟଣା ପ୍ରକାଶ କରିଥିଲେ। ପରିବାର ଲୋକ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିବା ପରେ ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନାବାଳିକାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜମି ବିବାଦକୁ ନେଇ ଠେଙ୍ଗାରେ ପିଟି ହତ୍ୟା

ଲହୁଣୀପଡ଼ା, ୬।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ମହୁଲପଦା ଥାନା ଅନ୍ତର୍ଗତ ହାତୀଶୁଳ ଗ୍ରାମରେ ଜମି ବିବାଦକୁ ନେଇ ଠେଙ୍ଗାରେ ପିଟି ଜଣକୁ ହତ୍ୟା କରାଯାଇଛି। ମୃତକ ହେଲେ ଚଇତୁ ନାଏକ(୩୬)। ହତ୍ୟା ଅଭିଯୋଗରେ ପୋଲିସ କୋଲ ନାଏକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ରବିବାର ଦିନ ପ୍ରାୟ ୨ ଟାରେ ଗ୍ରାମରେ ଥିବା ବହୁମୁଖୀ ଗୋଷ୍ଠୀ କେନ୍ଦ୍ରରେ ଅନ୍ୟମାନଙ୍କ ସହ ଚଇତୁ ଓ କୋଲ ବସି କଥା ହେଉଥିଲେ। ଏହି ସମୟରେ ଜମିବାଡିକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ଝଗଡା ହେବା ସହିତ ଉଗ୍ର ରୂପ ଧାରଣ କରିଥିଲା। କୋଲ ରାଗିଯାଇ ଏକ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଚଇତୁଙ୍କ ମୁଣ୍ଡକୁ ବାରମ୍ବାର ପ୍ରହାର କରିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ମହୁଲପଦା ପୋଲିସ ଓ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି।

# ଘରୋଇ ରୁଟ୍‌ରେ ମୋ ବସ୍ ସେବାକୁ ବିରୋଧ

ରାଉରକେଲା ଅଫିସ,୬।୩

ଗତ ହକି ବିଶ୍ୱକପ୍ ବେଳେ ଯାତାୟାତ ସୁବିଧା ପାଇଁ ରାଜ୍ୟ ସରକାର ରାଉରକେଲାରେ ପ୍ରଥମ ପର୍ଯ୍ୟାୟରେ ୩୦ଟି ବସ୍ ଚଳାଚଳ କରିଥିଲେ। ଏହି ବସ୍ ଚାହିଦା ବୃଦ୍ଧି ପାଇବାରୁ ବର୍ତ୍ତମାନ ଏହା ୫୨ରେ ପହଞ୍ଚିଛି। ତେବେ ଏହି ବସ୍ ରାଜଗାଙ୍ଗପୁର, ଲାଠିକଟା, ବିଶ୍ରା, ବୀରମିତ୍ରପୁର ଭଳି ବ୍ଲକ ଅଞ୍ଚଳକୁ ଯାତାୟାତ କରୁଛି। ଫଳରେ ସହରରେ ଥିବା ଘରୋଇ ବସ୍‌ଗୁଡ଼ିକ ଉପରେ ଏହାର ପ୍ରଭାବ ପଡୁଥିବାରୁ କେବଳ ସହର ଭିତରେ ମୋ ବସ୍ ଚଳାଚଳ କରାଇବାକୁ ଘରୋଇ ବସ୍ ମାଲିକ ସଂଘ ଦାବି କରିଛି। ଏ ନେଇ ଘରୋଇ ବସ ମାଲିକ ସଂଘ ସଭାପତି ପ୍ରକାଶ ଜେନାଙ୍କୁ ପଚାରିବାରୁ ସେ କହିଥିଲେ, ବିଭିନ୍ନ ବ୍ଲକ ଓ ଘରୋଇ ବସ୍ ରୁଟ୍‌ରେ ମୋ ବସ୍ ଚାଲୁଛି। ତେଣୁ ଆମେ ଯଥାଶୀଘ୍ର ମୋ ବସ୍‌କୁ ଘରୋଇ ବସ୍ ରୁଟରେ ନ ଯିବା ପାଇଁ ଦାବି କରିବୁ। ସରକାର ଆମ କଥା ନ ଶୁଣିଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଜେନା ଚେତାବନୀ ଦେଇଛନ୍ତି।

# ଉଦିତନଗର ପରେଡ୍ ଗ୍ରାଉଣ୍ଡ ଖୋଲିଲା



ଖେଳପଡ଼ିଆରେ ପିଲାଏ ଖେଳୁଛନ୍ତି।

ରାଉରକେଲା ଅଫିସ,୬।୩

ରାଉରକେଲା ଉଦିତନଗର ପରେଡ ଗ୍ରାଉଣ୍ଡ ବନ୍ଦ ରହିବା ଯୋଗୁ କ୍ରୀଡାବିତ୍ ଏବଂ ସ୍ଥାନୀୟ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଖେଳକୁଦରେ ସମସ୍ୟା ଉପୁଜୁଥିଲା। ଏ ନେଇ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ପରେଡ ଗ୍ରାଉଣ୍ଡ ବନ୍ଦ, ଖେଳକୁଦରେ ସମସ୍ୟା' ଶୀର୍ଷକ ଏକ ଖବର

**ଧରିତ୍ରୀ ପ୍ରଭାବ**

ପ୍ରକାଶିତ ହୋଇଥିଲା। ଏହାପରେ ସ୍ଥାନୀୟ ପ୍ରଶାସନ ତତ୍ପରତା ପ୍ରକାଶ କରି ବନ୍ଦ ଗ୍ରାଉଣ୍ଡକୁ କ୍ରୀଡାବିତ୍‌ମାନଙ୍କ ପାଇଁ ଖୋଲି ଦେଇଛି। ବର୍ତ୍ତମାନ ପଡିଆରେ କ୍ରୀଡାବିତ୍‌ମାନେ ଖେଳକୁଦ କରିବା ସୁଯୋଗ ପାଇ ଖୁସି ଅଛନ୍ତି।

# ଜିଲାସ୍ତରୀୟ ଲୋକ ସେବା ଦିବସ

ସୁନ୍ଦରଗଡ଼, ୬।୩(ଡି.ଏନ.ଏ.)

ସ୍ଥାନୀୟ ବିକାଶ ଭବନଠାରେ ଜିଲା ସ୍ତରୀୟ ପଞ୍ଚାୟତିରାଜ ଦିବସ ତଥା ଲୋକ ସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାର ଉତ୍ତମ ଗ୍ରାମ ପଞ୍ଚାୟତ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଜିଲାର ୩ଟି ଉତ୍ତମ ଗ୍ରାମ ପଞ୍ଚାୟତ ଭାବେ କୁଆଁରମୁଣ୍ଡା ବ୍ଲକର କଚାରୁ ଗ୍ରାମ ପଞ୍ଚାୟତ, କୋଇଡ଼ା ବ୍ଲକର ଟେନ୍‌ସା ପଞ୍ଚାୟତ ଓ କୋଇଡ଼ା ଗ୍ରାମ ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ବର୍ଗ ଯଥା ଲେଫ୍ରିପଡ଼ା ବ୍ଲକର ସର୍ଗିପାଲି ଗ୍ରାମ ପଞ୍ଚାୟତକୁ ଦାରିଦ୍ର୍ୟ ମୁକ୍ତ ଓ ଉନ୍ନତ ଜୀବିକାପୂର୍ଣ୍ଣ ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଥିଲା। ନୂଆଗାଁ ବ୍ଲକର କୁସୁମବେଡା ଗ୍ରାମ ପଞ୍ଚାୟତକୁ ସୁସ୍ଥ ପଞ୍ଚାୟତ, ଗୁରୁଣ୍ଡିଆ ବ୍ଲକର କୁଣ୍ଢେଇଡିହା



ଲୋକ ସେବା ଦିବସ ପାଳନ ଅବସରରେ ଅତିଥି ଓ ପୁରସ୍କୃତ ପଞ୍ଚାୟତର ପ୍ରତିନିଧି।

ଗ୍ରାମ ପଞ୍ଚାୟତକୁ ଶିଶୁପ୍ରିୟ ପଞ୍ଚାୟତ, ବଣାଇଗଡ଼ ବ୍ଲକର ବଣାଇଗଡ଼ ଗ୍ରାମ ପଞ୍ଚାୟତକୁ ପର୍ଯ୍ୟାପ୍ତ ଜଳ ପଞ୍ଚାୟତ, କୁଆଁରମୁଣ୍ଡା ବ୍ଲକର କଚାରୁ ଗ୍ରାମ ପଞ୍ଚାୟତକୁ ପରିଷ୍କାର ଓ ସବୁଜ ପଞ୍ଚାୟତ, କୋଇଡ଼ା ବ୍ଲକର ଟେନସା ଗ୍ରାମ ପଞ୍ଚାୟତକୁ ଆତ୍ମନିର୍ଭରଶୀଳ ଭିତ୍ତିଭୂମି ଥିବା ପଞ୍ଚାୟତ, ଲହୁଣୀପଡ଼ା ବ୍ଲକର ରାଜାମୁଣ୍ଡା ଗ୍ରାମ ପଞ୍ଚାୟତକୁ ସାମାଜିକ ଭାବେ ସୁରକ୍ଷିତ ପଞ୍ଚାୟତ, ରାଜଗାଙ୍ଗପୁରର ଲାଇଙ୍ଗ ଗ୍ରାମ ପଞ୍ଚାୟତକୁ ସୁଶାସନ ଥିବା ପଞ୍ଚାୟତ ଏବଂ ଲହୁଣୀପଡ଼ା ବ୍ଲକର ଦରଜିଙ୍ଗ ଗ୍ରାମ ପଞ୍ଚାୟତକୁ ମହିଳା ଅନୁକୂଳ ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୁରସ୍କୃତ ହୋଇଥିବା ଗ୍ରାମ ପଞ୍ଚାୟତଗୁଡ଼ିକୁ ଶୁଭେଚ୍ଛା ଜଣାଇବା ସହିତ ପରବର୍ତ୍ତୀ ବର୍ଷମାନଙ୍କରେ ଅନ୍ୟାନ୍ୟ ଗ୍ରାମ ପଞ୍ଚାୟତଗୁଡ଼ିକ ମଧ୍ୟ ପ୍ରତ୍ୟେକ କ୍ଷେତ୍ରରେ ନିଜର ଉତ୍ତମ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ ମହାଜନ, ଜିଲା ପଞ୍ଚାୟତ ଅଧିକାରୀ ଗଜେନ୍ଦ୍ର ସାହୁ, ଜିଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ, ସହାୟକ ନିର୍ଦ୍ଦେଶକ ପ୍ରଦୀପ ତିର୍କୀ, ବିଭିନ୍ନ ବିଭାଗର ଅଧିକାରୀ, ଜିଲା ପରିଷଦ ସଭ୍ୟ ତଥା ପିଆର୍‌ଆଇ ସଭ୍ୟମାନେ ଯୋଗଦାନ କରିଥିଲେ।

**ବୁଢ଼ାରଜା ପାହାଡ଼ରେ ବୃକ୍ଷ ସହିତ ହୋଲି ଖେଳ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ବୁଢ଼ାରଜା ପାହାଡ଼ରେ ସ୍ଥାନୀୟ ବନ ସଂରକ୍ଷଣ ସମିତି ପକ୍ଷରୁ ନିଆରା ଢଙ୍ଗରେ ବୃକ୍ଷକୁ ପୂଜାର୍ଚ୍ଚନା କରାଯାଇ ହୋଲି ଉତ୍ସବ ପାଳନ ହୋଇଥିଲା। ବୁଢ଼ାରଜା ବନ ସଂରକ୍ଷଣ ସମିତି ସଭାପତି ପ୍ରକୃତିବନ୍ଧୁ ମେଘୁ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପଣ୍ଡିତ ନାରାୟଣ ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ବୈଦିକ ରୀତିରେ ପୂଜାର୍ଚ୍ଚନା ପରେ ବୃକ୍ଷ ସହ ହୋଲି ଖେଳ ହୋଇଥିଲା। ଅନ୍ତର୍ଯାମୀ ତ୍ରିପାଠୀ, ମାୟାଧର ଜେନା, ପାର୍ବତୀ ଧନୁଆର, ଫୁଲକୀ ଜାଲ ଉପସ୍ଥିତ ଥିଲେ।

# ବିପିସିଏଲ୍‌ର ଇଭି ଫାଷ୍ଟ ଚାର୍ଜିଂ ସେଣ୍ଟର ଲୋକାର୍ପଣ

- ପୂର୍ବ ଭାରତରେ ପ୍ରଥମ
- ସଞ୍ଚୟ ହେବ ୭୦% ଖର୍ଚ୍ଚ



ଖବରଦାତା ସମ୍ମିଳନୀରେ ବିପିସିଏଲ୍ କମ୍ପାନୀର ଅଧିକାରୀ।

ସମ୍ବଲପୁର,୬।୩(ବ୍ୟୁରୋ)

ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ବିପିସିଏଲ୍) ପକ୍ଷରୁ ରବିବାର ସମ୍ବଲପୁର-ନାଗପୁର ରୋଡ୍‌ରେ ଥିବା ନିଜ କମ୍ପାନୀର ପେଟ୍ରୋଲ ପମ୍ପରେ ଇଲେକ୍ଟ୍ରିକ୍ ଭେହିକଲ (ଇଭି) ଫାଷ୍ଟ ଚାର୍ଜିଂ ସେଣ୍ଟର ଲୋକାର୍ପଣ କରାଯାଇଛି। ଦେଶରେ ଷଷ୍ଠ ଓ ପୂର୍ବ ଭାରତରେ ଏହା ପ୍ରଥମ କରି ଗ୍ରାହକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୫ ଗୋଟି ଚାର୍ଜିଂ ପଏଣ୍ଟ ଖୋଲାଯାଇଛି। ଆଗାମୀ ଦିନରେ ସମସ୍ତ ପମ୍ପରେ ଏହା ଖୋଲାଯିବ। ପ୍ରତି ପମ୍ପରେ ପେଟ୍ରୋଲ, ଡିଜେଲ ସହିତ ହାଇଡ୍ରୋଜେନ ରିଫାଇନ ଓ ଆମୋଦପ୍ରମୋଦ ବ୍ୟବସ୍ଥା ରହିବ। ଗ୍ରାହକମାନଙ୍କ ସୁବିଧା ପାଇଁ କମ୍ପାନୀ ପମ୍ପଗୁଡ଼ିକୁ ଏବେ ଏନର୍ଜି ପଏଣ୍ଟରେ ରୂପାନ୍ତର କରିବାକୁ ଯାଉଛି ବୋଲି ସମ୍ବଲପୁରର ଏକ ହୋଟେଲରେ ଉଦ୍‌ଘାଟନୀ ଉତ୍ସବ ପରେ ଖବରଦାତା ସମ୍ମିଳନୀରେ କମ୍ପାନୀର ନିର୍ବାହୀ ନିର୍ଦ୍ଦେଶକ (ରିଟେଲ) ପି.ଏସ୍. ରବି କହିଥିଲେ।

ସେ ଆହୁରି କହିଥିଲେ, ପ୍ରାକୃତିକ ସମ୍ପଦ ସଞ୍ଚୟ, ପ୍ରଦୂଷଣ ରୋକିବା ପାଇଁ ଯାନବାହନ ତିଆରି କରୁଥିବା କମ୍ପାନୀ ବିଦ୍ୟୁତ୍‌ଚାଳିତ ଗାଡ଼ି ତିଆରି କରୁଛନ୍ତି। ନୂତନ ଜ୍ଞାନକୌଶଳ ଓ ଭରସାଯୋଗ୍ୟ କମ୍ପାନୀ ଗାଡ଼ି ବିକ୍ରି କରିବା ଫଳରେ ଏହାର ଚାହିଦା ବୃଦ୍ଧି ପାଉଛି। ବର୍ତ୍ତମାନ ଦେଶରେ ପ୍ରତି ମାସରେ ୫ରୁ ୬ ହଜାର ବିଭିନ୍ନ କମ୍ପାନୀର କାର୍ ବିକ୍ରି ହେଉଛି। କମ୍ପାନୀ ପକ୍ଷରୁ ଉତ୍ତମ ମାଇଲେଜ ଓ ଅନ୍ୟାନ୍ୟ ସୁବିଧା ଦିଆଯାଉଛି। ବିପିସିଏଲ୍ କମ୍ପାନୀ ଗାଡ଼ି ରିଚାର୍ଜ କରିବା ପାଇଁ ପମ୍ପଗୁଡ଼ିକରେ ଫାଷ୍ଟ ଚାର୍ଜିଂ ପଏଣ୍ଟ ଖୋଲିଛି। ଏହି ଚାର୍ଜିଂ ପଏଣ୍ଟରେ କୌଣସି କମ୍ପାନୀର ଗାଡ଼ି ଚାର୍ଜ କରାଯାଇପାରିବ। ଗୋଟିଏ କାର୍ ପୂରା ଚାର୍ଜ କରିବା ପାଇଁ ପ୍ରାୟ ୧ ଘଣ୍ଟା ସମୟ ଲାଗିବ। ଏହି ଏକଘଣ୍ଟା ସମୟ ଅତିବାହିତ କରିବା ପାଇଁ ପମ୍ପରେ ଆମୋଦପ୍ରମୋଦ ସୁବିଧା ଯଥା କଫି ଷ୍ଟଲ, ଗାର୍ଡେନ ନିର୍ମାଣ କରାଯାଇଛି। ଏହା ଦେଶର ଅନ୍ୟ ୫ଟି ସ୍ଥାନରେ ଶେଷ ହୋଇଛି। ଏବେ ଜାତୀୟ ରାଜପଥରେ ଲମ୍ବା ରାସ୍ତା ଅତିକ୍ରମ କରିବାକୁ ଆଉ ଭୟ ରହିବ ନାହିଁ। ସମ୍ବଲପୁର-ନାଗପୁର ପ୍ରାୟ ୧୧ଶହ କି.ମି. ରାସ୍ତା ମଧ୍ୟରେ ୧୫ରୁ ଅଧିକ ଚାର୍ଜିଂ ପଏଣ୍ଟ ଖୋଲାଯାଇଛି। ପ୍ରତି ୧୨୦ରୁ ୧୫୦କି.ମି. ଦୂରତା ଭିତରେ ଏହି ଷ୍ଟେଶନ ରହିଛି। ପେଟ୍ରୋଲ ଓ ଡିଜେଲ ତୁଳନାରେ ଏହାର ଖର୍ଚ୍ଚ ପ୍ରାୟ ୭୦ ପ୍ରତିଶତ ସଞ୍ଚୟ ହୋଇଯିବ। ଯାନବାହନ ସୁବିଧା ଓ ପାୱାର ଅନୁସାରେ କିଲୋମିଟର ପିଛା ୧୦ରୁ ୧୫ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏବେ ଇଭି ଗାଡ଼ିରେ କି.ମି. ପିଛା ୩ରୁ ୪ ଟଙ୍କା ଭିତରେ ଖର୍ଚ୍ଚ ହେବ। ଚାର୍ଜିଂ କରିବା ସମୟରେ ଗ୍ରାହକମାନେ କମ୍ପାନୀର ମାଏ ବିପିସିଏଲ୍ ଆପ୍ ବ୍ୟବହାର କରିପାରିବେ। ଏହା ସହ ଚାର୍ଜିଂ ପଏଣ୍ଟରେ ଅନ୍‌ଲାଇନ ମାଧ୍ୟମରେ ଟଙ୍କା ପୈଠ କରିବାର ସୁବିଧା ରହିଛି। ପ୍ରଥମ ପର୍ଯ୍ୟାୟରେ ଚେନ୍ନାଇ- ତ୍ରିଚି-ମଦୁରାଇ ରାସ୍ତାରେ ଚାର୍ଜିଂ ପଏଣ୍ଟ ସ୍ଥାପନ କରାଯାଇଥିଲା। ଏଥିରେ ସଫଳତା ମିଳିବା ପରେ ଚେନ୍ନାଇ-ବେଙ୍ଗାଲୁର, ବେଙ୍ଗାଲୁର-ଦୁର୍ଗ, ଦିଲ୍ଲୀ-ଜଲନ୍ଧର, ଦିଲ୍ଲୀ- ଶ୍ରୀନଗର ଓ ଏବେ ସମ୍ବଲପୁର-ନାଗପୁର ରାସ୍ତାରେ ଖୋଲାଯାଇଛି ବୋଲି ସେ କହିଥିଲେ। ବିପିସିଏଲ୍ ପୂର୍ବାଞ୍ଚଳ ମୁଖ୍ୟ (ରିଟେଲ) ଦେବାଶିଷ ନାୟକ କହିଥିଲେ, ଖୁବ୍‌ଶୀଘ୍ର ଦେଶର ୧୭ ରାଜ୍ୟରେ ଚାର୍ଜିଂ କରିଡର ସ୍ଥାପନ ଯୋଜନା ରହିଛି। ଓଡ଼ିଶାରେ ଭୁବନେଶ୍ୱର-ସମ୍ବଲପୁର, ଭୁବନେଶ୍ୱର-ବାଲେଶ୍ୱର, ଭୁବନେଶ୍ୱର-କଲିକତା ଭଳି ରାଜପଥରେ ଥିବା ପମ୍ପଗୁଡ଼ିକରେ ଚାର୍ଜିଂ ପଏଣ୍ଟ ଖୋଲାଯିବ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିପିସିଏଲ୍ ଓଡ଼ିଶା ମୁଖ୍ୟ (ରିଟେଲ) ପ୍ରିୟଦର୍ଶୀ ପଣ୍ଡା, ମହାପ୍ରବନ୍ଧକ ଦୀପକ ଜୈନ ଉପସ୍ଥିତ ଥିଲେ।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ରେଢ଼ାଖୋଲ,୬।୩(ଡି.ଏନ.ଏ.)

ରେଢ଼ାଖୋଲ ଏନ୍ଏସିର ୨ନଂ ୱାର୍ଡରେ ଅବ୍ୟବସ୍ଥା ନେଇ ୱାର୍ଡବାସୀ ଉପଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ସେମାନେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଉପଜିଲାପାଳ ପବିତ୍ର ବେହେରାଙ୍କ ଠାରେ ହୋଇଥିବା ଅଭିଯୋଗକ୍ରମେ ସାଲେସିଂ, ପାତୁଲିପାଲି, ଶୁଣ୍ଠିମୁଣ୍ଡା ଗ୍ରାମକୁ ନେଇ ଗଠିତ ୨ନଂ ୱାର୍ଡ ଅବ୍ୟବସ୍ଥାରେ ରହିଛି। ଦୀର୍ଘଦିନ ହେବ ରାସ୍ତାଘାଟ, ନାଳନର୍ଦ୍ଦମା ସଫା କରାଯାଉନାହିଁ। କୁଢ଼ କୁଢ଼ ଆବର୍ଜନା ପଡ଼ିରହିବା ଫଳରେ ମଶା ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କେତେକ ଅଞ୍ଚଳରେ ଷ୍ଟ୍ରିଟଲାଇଟ ମଧ୍ୟ ଜଳୁନାହିଁ। ଅଭିଯୋଗପତ୍ରରେ ୨ନଂ. ୱାର୍ଡର ରଞ୍ଜନ ନାୟକ, ଅଜିତ ପ୍ରଧାନ, ଜଗନ୍ନାଥ ପ୍ରଧାନ, ନନ୍ଦୁ ମିରୀ, ରବୀନ୍ଦ୍ର ସାହୁ, ଦିତିକୃଷ୍ଣ ପୃଷ୍ଟି, ପ୍ରକାଶ ଚାଉଳିଆଙ୍କ ସମେତ ଶତାଧିକ ଅଧିବାସୀଙ୍କ ସ୍ୱାକ୍ଷର ରହିଛି।

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

ସମ୍ବଲପୁର,୬।୩(ବ୍ୟୁରୋ)

ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଜିଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହେଇଯାଇଛି। ବୈଠକରେ ଜିଲାପାଳ ଅନନ୍ୟା ଦାସ, ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଜିଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶ୍ରେଷ୍ଠ ଅଙ୍ଗନୱାଡ଼ି ଭାବେ ମାନେଶ୍ୱର ବ୍ଲକ ତେନ୍ତୁଲିଟିକ୍ରା ଅଙ୍ଗନୱାଡ଼ି ସେଣ୍ଟରର ପ୍ରମିଳା ସିଂ ପ୍ରଥମ, ଜମନକିରା ବ୍ଲକ କଦଳୀମୁଣ୍ଡା ସେଣ୍ଟରର କନିକା ପ୍ରଧାନ ଦ୍ୱିତୀୟ, ନାକଟିଦେଉଳ ବ୍ଲକ ଚରଡାପୋଷି ସେଣ୍ଟରର ସୌଦାମିନୀ ରାଉଳ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ହେଇଥିଲେ। ଶ୍ରେଷ୍ଠ ସୁପରଭାଇଜର ଭାବେ ସମ୍ବଲପୁର ଅମରିପଡା ସେକ୍ଟରର ସାଧନା ସିଂ ପ୍ରଥମ, ରେଢ଼ାଖୋଲ ବ୍ଲକ ତ୍ରିବନପୁର ସେକ୍ଟରର ରୋଜନି ସାହୁ ଦ୍ୱିତୀୟ ଓ ଜମନକିରା ବ୍ଲକ ହାତୀବାରୀ ସେକ୍ଟରର ପଙ୍କଜିନୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହେଇଥିଲେ। ଶ୍ରେଷ୍ଠ ସଖୀ ଭାବେ ନାକଟିଦେଉଳର ରାଣୀ ସାହୁ ଏବଂ ସହେଲି ଭାବେ ଯୁଯୁମୁରା ବ୍ଲକର ଆକାଂକ୍ଷା ମହାକୁଡ଼ଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ସିଡିପିଓ ଭାବେ ବାମରା ବ୍ଲକ ସିଡିପିଓ ମୀନତି ମିଶ୍ର ସମ୍ମାନିତ ହୋଇଥିଲେ। ଭୁବନେଶ୍ୱରଠାରେ ସମ୍ବଲପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ ରାଜ୍ୟରେ ଶ୍ରେଷ୍ଠ ଡିସିପିଓ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ସମ୍ମାନିତ ହେଇଥିଲେ। ଏହି ପରିପ୍ରେକ୍ଷୀରେ ତାଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା।

## ୫-ଟି ହାଇସ୍କୁଲ ଉଦ୍‌ଘାଟନ ଓ ବାର୍ଷିକୋତ୍ସବ

କୁଚିଣ୍ଡା,୬।୩(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଗୋଛରାସ୍ଥିତ ଦୀନବନ୍ଧୁ ହାଇସ୍କୁଲର ହୋଇଥିବା ୫-ଟି ରୂପାନ୍ତରୀକରଣର ସୋମବାର ଶୁଭ ଉଦ୍‌ଘାଟନ ହୋଇଯାଇଛି। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଥିଲେ। ଏହି ଅବସରରେ ହାଇସ୍କୁଲର ବାର୍ଷିକୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଏକ୍କାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉତ୍ସବରେ ବିଧାୟକ ନାଏକ ମୁଖ୍ୟଅତିଥି, ପ୍ରାଧ୍ୟାପକ ଡ. ଅମିୟ କୁମାର ପାତ୍ର ମୁଖ୍ୟବକ୍ତା, କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ସରପଞ୍ଚ ଥନେଶ୍ୱର ନାଏକ, ସମିତିସଭ୍ୟା ସୁକାନ୍ତି ସେଠ, ହାଇସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ମନୋଜ ସିଂ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ପ୍ରଶାନ୍ତ ଦାସ ସଭା ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ୬ ସଂସ୍ଥାର ମାଲିକ ଜିଲାପାଳଙ୍କ ଦ୍ୱାରସ୍ଥ

### ୫-ଟି ସ୍କୁଲ ନିର୍ମାଣ କରି ଟଙ୍କା ପାଇନାହାନ୍ତି

ସମ୍ବଲପୁର,୬।୩(ବ୍ୟୁରୋ): ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ସ୍କୁଲଗୁଡ଼ିକୁ ୫-ଟି ଯୋଜନାରେ ସାମିଲ କରି ରୂପାନ୍ତରୀକରଣ କରୁଛନ୍ତି। ସ୍କୁଲରେ ବ୍ୟବହୃତ ଲ୍ୟାବ ସାମଗ୍ରୀ, ଟେବୁଲ, ମନିଟର, ବିଜ୍ଞାନ ପାଠ୍ୟକ୍ରମ ପାଇଁ ସାମଗ୍ରୀ ଯୋଗାଣ ପାଇଁ ରାଜ୍ୟସ୍ତରର କମ୍ପାନୀମାନଙ୍କୁ ଦିଆଯାଉଛି। ଭିତ୍ତିଭୂମି ବିକାଶ କାମ ବ୍ଲକ ପ୍ରଶାସନ ଜରିଆରେ ସ୍ଥାନୀୟ ଠିକା ସଂସ୍ଥାକୁ ନିୟୋଜିତ କରାଯାଇ ବିଭାଗୀୟ ନାମରେ କାମ ହେଉଛି। ହେଲେ କାମ ସରିବାର ବର୍ଷାଧିକ କାଳ ବିତିଯାଉଥିଲେ ମଧ୍ୟ ଠିକା ସଂସ୍ଥାକୁ ବିଲ୍ ଟଙ୍କା ଦିଆଯାଉ ନାହିଁ। ସମ୍ବଲପୁର ଜିଲାର ଅଧିକାଂଶ ବ୍ଲକରେ ଏଭଳି ହୋଇଥିବା ବେଳେ ଧନକଉଡା ବ୍ଲକରେ କାର୍ଯ୍ୟ କରିଥିବା ୬ ସଂସ୍ଥାର ମାଲିକ ସୋମବାର ଜିଲାପାଳ ଅନନ୍ୟା ଦାସଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ସରକାରୀ ବାଳିକା ବିଦ୍ୟାଳୟ ବୁର୍ଲା, ସରକାରୀ ବାଳକ ବିଦ୍ୟାଳୟ ବୁର୍ଲା, ପଞ୍ଚାୟତ ହାଇସ୍କୁଲ ଟିପିଲିମା, ପଞ୍ଚାୟତ ହାଇସ୍କୁଲ ଗୋଶାଳା, ଆ କଟାପାଲି ହାଇସ୍କୁଲ, କିଲାସମା ସ୍କୁଲରେ ୫-ଟି ଯୋଜନାରେ ସ୍କୁଲ ରୂପାନ୍ତରୀକରଣ କାମ କରିଛନ୍ତି। ସେ ସମୟରେ ବିଡିଓ ଜେଇ କାମ କରିବା ଓ ସାମଗ୍ରୀ ଯୋଗାଇବାକୁ କହିଥିଲେ। ଅଧା ଟଙ୍କା ମିଳିଥିବା ବେଳେ ପ୍ରାୟ ୨ବର୍ଷ ହେବ ବାକି ଟଙ୍କା ମିଳିନାହିଁ। ଏହି ୬ ସ୍କୁଲର ସମୁଦାୟ ଟଙ୍କା ୧ କୋଟି ହୋଇଯିବ। ଏତେ ଟଙ୍କା ବକେୟା ରହିବାରୁ ଆମ ଉପରେ ଆର୍ଥିକ ବୋଝ ପଡୁଛି। ଶୀଘ୍ର ଟଙ୍କା ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ସୁରେଶ ଚନ୍ଦ୍ର ମହପାତ୍ର, ପ୍ରଦୀପ କୁମାର ମିଶ୍ର, ଏନ୍ ଗୋପାଲ କ୍ରିଷ୍ଣା, ପ୍ରଦୀପ କୁମାର ମେହେର, ଫଣିନ୍ଦ୍ର ପଟ୍ଟନାୟକ ପ୍ରମୁଖ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

ନାକଟିଦେଉଳ,୬।୩(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଡିଓ ବିବେକାନନ୍ଦ ସାହୁ କହିଥିଲେ, ବର୍ତ୍ତମାନ ସମୟରେ ଶିକ୍ଷିତ ବେକାର ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ଏକ ବଡ଼ ଆହ୍ୱାନ। ପାଠ ପଢ଼ା ପରେ ନିଯୁକ୍ତି ସହ ଆତ୍ମନିର୍ଭରଶୀଳ ହେବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହିଛି। ନିଯୁକ୍ତି ପାଇଁ ବିଭିନ୍ନ ସ୍ଥାନରେ ମେଳା ଆୟୋଜନ କରାଯାଇ ସଂସ୍ଥାମାନଙ୍କ ଦ୍ୱାରା ପରାମର୍ଶ ଦିଆଯାଉଛି। ବେକାର ଯୁବତୀଯୁବକ ମେଳାରେ ନିଜର ନାମ ପଞ୍ଜୀକରଣ କରି ପରାମର୍ଶ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଶିବିରରେ ବ୍ଲକର ସମସ୍ତ ୧୪ଟି ପଞ୍ଚାୟତରୁ ୧୪୩ଜଣ ବେକାର ଶିକ୍ଷିତ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରେ ୯୨ଜଣ ପୁରୁଷ ଓ ୫୧ଜଣ ମହିଳା ରହିଥିଲେ। ୭ଟି ସଂସ୍ଥା ଯୋଗଦେଇ ପିଲାମାନଙ୍କୁ ନିଯୁକ୍ତି, ତାଲିମ ଓ ଅନ୍ୟାନ୍ୟ ସୁବିଧା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ସହକାରୀ ନିୟୋଜନ ନିର୍ଦ୍ଦେଶକ ସମ୍ବଲପୁରର ଶଙ୍କର ଚରଣ ମୁର୍ମୁ ଶିବିର ପରିଚାଳନା କରିଥିବା ବେଳେ ବ୍ଲକ କର୍ମଚାରୀ, ମିଶନ ଶକ୍ତିର ଏମ୍‌ବିକେମାନେ ସହଯୋଗ କରିଥିଲେ।

## ବ୍ରଜରାଜନଗର ଚାମ୍ପିୟନ

**ଅମିତ ମେମୋରିଆଲ କ୍ରିକେଟ**

ବ୍ରଜରାଜନଗର,୬।୩(ଡି.ଏନ.ଏ.): ସ୍ଥାନୀୟ ମାମାଛକ କ୍ରିକେଟ ପଡ଼ିଆରେ ଚାଲିଥିବା ଦ୍ୱିତୀୟ ଅମିତ ମେମୋରିଆଲ କ୍ରିକେଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଝାରସୁଗୁଡା ଲିଟିଲ ଷ୍ଟାରକୁ ହରାଇ ବ୍ରଜରାଜନଗର ଏମ୍‌ସିସି ଚମ୍ପିୟାନ ହୋଇଛି। ଝାରସୁଗୁଡା ଦଳର ୫୪ରନର ଏକ ସହଜସାଧ୍ୟ ବିଜୟ ଲକ୍ଷ୍ୟକୁ ଏମ୍‌ସିସି ହାସଲ କରିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବ୍ରଜରାଜନଗର କୋଲ ମୁଭର୍ସ ଆସୋସିଏଶନ ସଭାପତି ଅଜିତ ଧଳ ମୁଖ୍ୟ ଅତିଥି, ସମ୍ପାଦକ ବାବୁଲା ମିଶ୍ର, ଟ୍ରକ ଆସୋସିଏଶନ ସଭାପତି ଦେବଦାଶ, ବରିଷ୍ଠ ସଦସ୍ୟ ଏ ଗଡ଼ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ

ବେଲପାହାଡ,୬।୩(ଡି.ଏନ.ଏ.): ବେଲପାହାଡସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ର ସଭାଗୃହରେ ସୋମବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ଅଗ୍ରଗାମୀ ଅନୁଷ୍ଠାନର ସଂଯୋଜିକା ସୁନିତା ପାତ୍ର ମୁଖ୍ୟଅତିଥି ଓ ଅନୁଷ୍ଠାନର ନିର୍ଦ୍ଦେଶକ ରାଜକୁମାର ସାହୁ, ରଜନୀରାଣି ନାଏକ, ସନ୍ଧ୍ୟା ବାଗ, ସାଜିତ କୁଜୁର, ଅରୁଣ ପୁରୋହିତ, ସୌଭାଗ୍ୟ ରଞ୍ଜନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନରୁ ତାଲିମ ଗ୍ରହଣ କରି ଉଦ୍ୟୋଗ ପ୍ରତିଷ୍ଠା ପୂର୍ବକ ସ୍ୱରୋଜଗାରକ୍ଷମ ହୋଇଥିବା ଦୁଲଣା ହାତୀ, ରେବତୀ ବେରିହା, ଉର୍ବସୀ ପଟେଲ, କେତକୀ ବଗାର, କ୍ଷୀରୋଦିନୀ ପଟେଲ, ରୁନିତା ଓଝା ପ୍ରମୁଖ ନିଜର ସଫଳତା ବଖାଣି ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ହୋଲି ପର୍ବ ଥିବାରୁ ଆଗୁଆ ଏହି ଦିବସ ପାଳନ କରାଯାଇଥିବା ଅନୁଷ୍ଠାନର ଅଧ୍ୟକ୍ଷ ପ୍ରକାଶ କରିଛନ୍ତି।


**OFFICE OF THE CHIEF DISTRICT VETERINARY OFFICER, ANGUL**
AT: HEMSURPADA, P.O./DIST.: ANGUL, ODISHA-759122
Mail: cdvoangul@gmail.com

**TENDER CALL NOTICE No. 971/04/03/2023**

No. M-89: Bids in sealed cover are invited from wholesalers/ distributors/C & F agencies & suppliers approved by manufacturers for supply of Veterinary Medicines, Feed additives & Medical consumables in distirct of Angul under CDVO, Angul. The details of the render can be downloaded from the website: **(https://angul.nic.in)**.

Sd./- Chief District Veterinary Officer, Angul
OIPR-06069/11/0001/2223

**GOVERNMENT OF ODISHA**
**"e" Procurement Notice**
**Bid Identification No.46 of 2022-23**

**No.O-1054:** The Superintending Engineer, RWS&S Division, Balangir on behalf of Governor of Odisha invites Percentage bid through e-Procurement in double cover system according to norm of e-Procurement system in online mode for the different work in different Blocks under Balangir District.

01. Nature of Work: Construction of Percolation well and RCC intake well in different villages of Balangir District.
02. Total No. of Work: 08 Nos.
03. Estimated Cost: Rs.66.82 Lakh to 78.20 Lakh.
04. Eligible Class of Contractor : "B" Contractor.
05. Period of Completion: Three Months.
06. Other details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, RWSS Division, Balangir | 46 of 2022-23 | Dt.15.03.2023 At 11.00 Hrs. | Dt.28.03.2023 Upto 17.00 Hrs. |

Further details can be had in the DTCN available in the website www.tendersodisha.gov.in.

Sd./- Superintending Engineer
RWS&S Division, Balangir
OIPR-25033/11/0036/2223

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE CHIEF ENGINEER & BASIN MANAGER SUBARNAREKHA & BUDHABALANGA BASIN,**
AT/PO-LAXMIPOSI, DIST-MAYURBHANJ
No.A-1223: Mail id:cebmsbb2019@gmail.com
Government of Odisha "e" Procurement Notice
Bid Identification No.32/22-23 of CEBM, SBB,Laxmiposi

| | | |
|---|---|---|
| 1 | Name of Work | Restoration & Protection to right bank of river Budhabalanga near village Palusia, Rabaneswar Kalyanpur, Alada, Makanda & Haladia |
| 2 | Estimated Cost | Rs.12,55,50 Lakh |
| 3 | Bid Security/E.M.D. | Rs.12,55,500.00 |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & Time of availability of bid document in the portal | 09.03.2023 at 10.00 AM |
| 7 | Last date/time for receipt of bid in the portal | 29.03.2023 upto 5.00 PM |
| 8 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj |

Further details can be seen from the e-Procurement Portal "https://tendersodisha.gov.in."

Sd./- Chief Engineer & Basin Manager
Subarnarekha & Budhabalanga Basin,
Laxmiposi, Mayurbhanj
OIPR-32074/11/0020/2223

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.୪,ଭୁବନେଶ୍ୱର
**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.IV**
**NIRMAN SOUDHA, UNIT-V, BHUBANESWAR**
Email ID:eernb4bbsr@gmail.com, Tel-(0674)-2390245
**INVITATIONS FOR BIDS THROUGH e-Procurement**
No.B-1334: No.1586, Date:04.03.2023
Bid Identification No.C.C. (R&B)-04
e-Procurement Notice No.61 of 2022-23

| | | |
|---|---|---|
| 1 | Name of the Work | 1 No. Road Work |
| 2 | Total No. of Works | 1 No. Road Work |
| 3 | Estimated Cost | Rs.67,14,400.00 |
| 4 | Class of Contractor | 'B' Class |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System |
| 7 | Date & Time of availability of bid document in the portal | From Dt.14.03.2023 to 17.30 hrs of Dt.20.03.2023 |
| 8 | Last Date & Time for Receipt of bids in the portal | Dt.20.03.2023 upto 17.30 hrs. |
| 9 | Opening of Bid through online | Dt.21.03.2023 at 11.30 AM onwards |
| 10 | Name & Address of the Officer inviting Bid | Er. Trinath Behera, Superintending Engineer, Bhubaneswar (R&B) Division No. IV, Bhubaneswar |

Further details can be seen from the e-procurement portal https://tendersorissa.gov.in.
The Tender Inviting Authority reserves the right to reject/cancel/modify the tender at any time without assigning any reason thereof.
**N.B.:Subsequent corrigendum/addendum if required shall be available in the website as indicated above.**

Sd./- Superintending Engineer
BBSR(R&B) Division No.IV, BBSR
OIPR-34090/11/0015/2223

OFFICE OF THE
**REGULATED MARKET COMMITTEE, SAMBALPUR**
At: Bhuianpara, P.O.: Remed, Dist.: Sambalpur - 768006
(E-mail: rmcsbp@rediffmail.com)
Letter No. 119/RMC Date: 03.03.2023

**REQUEST FOR QUOTATION (RFQ)**

**Subject:** Complete Engineering, Supply and procurement of materials and supervision of fabrication, erection, testing, pre-commissioning and commissioning for 1 No. of 10MT Solar Cold Room under RMC, Sambalpur, Dist.: Sambalpur.

The Sub-Collector-cum-Chairman, RMC, Sambalpur on behalf of the RMC, Sambalpur invites sealed RFQ from reputed expert Agencies/Companies to submit a proposal for complete engineering, supply and procurement of materials and supervision of fabrication, erection, testing, pre-commissioning and commissioning for 1 No. of 10MT Solar Cold Room under RMC, Sambalpur, Dist.: Sambalpur.

The detail quotation call notice with specification can be seen from the sambalpur district website: **www.sambalpur.nic.in**.

An amount of **Rs.2,000/- (Rupees two thousand)** only (non-refundable) towards the cost of the RFQ document shall have to be enclosed in the shape of a "Demand Draft" drawn on any Nationalized Bank, payable in favour of Secretary, R.M.C., Sambalpur.

The agency/company must furnish the documents tabulated below.

| | |
|---|---|
| 1. | GST and PAN Certificate of the firms |
| 2. | Bank Draft towards the cost of tender document |
| 3. | Statement of Performance of the last 3 years along with documentary evidence (Work/Purchase orders) |
| 4. | Revenue Certificate in prescribed format |
| 5. | List of Service Centres/Offices in India |
| 6. | Certificate recognizing technology by Government of India |

The proposal should be submitted to The Secretary, RMC, Sambalpur through Speed/Regd. Post or drop in the Drop Box available on the office premises by Date: 17.03.2023 till 05.00 P.M.
The technical bids will be opened on Dt.18.03.2023 till 03.30 P.M., if possible, in the presence of those bidders who chose to attend.
The technical bids shall be evaluated jointly by the committee of Sub-Collector, Sambalpur, RMC, Secretary, Sambalpur, DRCS, Sambalpur, Deputy CEO, ORMAS, Sambalpur.
Among the feasible proposal, the proposal satisfying technical parameters and other conditions of TOR shall be awarded in the work order.
The agency shall be solely responsible for any cost they may incur for a site visit, transport, faxes, postage, telephones etc. in the process of submission of the proposal. The Chairman, RMC, Sambalpur reserve the right at its absolute discretion to accept or reject any of the proposals without assigning any reason/reasons.
Should they require any further information they may contact the Secretary, RMC, Sambalpur.

Sub-Collector-cum-Chairman
RMC, Sambalpur

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack - 753014
सत्यमेव जयते

**DEMAND NOTICE**

NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961.

RC/79/2019 25/01/2023

STATE BANK OF INDIA
Versus
M/S AVISHEK COMMERCIAL

To
**(CD 1) M/s Avishek Commercial,** At: V.N Marg, Proof Road, Padhuanpada, P.O.: Azimabad, Balasore, Odisha
**(CD 2) Mr. Avishek Vijay,** S/o.: Sagarmal Vijay, At: Padhuanpada, P.O.: Azimabad, Balasore, Odisha - 756001

This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in **OA/714/2014** an amount of **Rs.44,30,961.71 (Rupees Forty Four Lakh Thirty Thousand Nine Hundred Sixty One Only)** along with pendentellite and future interest @ 10% simple interest with yearly rest w.e.f. **30/09/2014** till realization and costs of **Rs.14,000/- (Rupees Fourteen Thousand Only)** has become due against you (Jointly and severally/ Fully/ Limited).

2. You are hereby directed to pay the above sum within 15 days of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **03/04/2023 at 10.30 a.m.** for further proceedings.
5. In addition to the sum aforesaid, you will also be liable to pay:
   (a) Such interests as is payable for the period commencing immediately after this notice of the certificate / execution proceedings.
   (b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.

Given under my hand and the seal of the Tribunal, on this date: **25/01/2023**

Sd/- Recovery Officer
DEBTS RECOVERY TRIBUNAL CUTTACK

**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ**
**(ଦେବୋତ୍ତର ବିଭାଗ)**

ନିଲାମ ଇସ୍ତାହାର ସଂଖ୍ୟା ୭୬୯ ତାରିଖ: ୦୪।୦୩।୨୦୨୩

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଭୋଗ ଦୋକାନକୁ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୧।୦୩।୨୦୨୩ରିଖ ଦିବା ଘ୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ.୪୪,୩୧,୩୬୧/- (ଚଉରାଳିଶ ଲକ୍ଷ ଏକ ତିରିଶ ହଜାର ତିନିଶହ ଏକଷଠୀ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥି ନିମନ୍ତେ ଟ.୪,୪୩,୧୩୬ (ଚାରି ଲକ୍ଷ ତେୟାଳିଶ ହଜାର ଏକଶହ ଛତିଶ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲ କରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୧।୦୩।୨୦୨୩ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ୍ ତା୨୧।୦୩।୨୦୨୩ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ୍ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚ ଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇ ପାରିବେ।

ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତଙ୍କ ଆଦେଶ କ୍ରମେ
ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ



ତୋଷଖାନା ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ନାଁରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିବାବେଳେ ଏହାକୁ ରଦ୍ଦ କରିବା ପାଇଁ ସେ କରିଥିବା ଆବେଦନକୁ ଇସ୍‌ଲାମାବାଦର ଏକ ଅଦାଲତ ଖାରଜ କରିଦେଇଛନ୍ତି। ଅତିରିକ୍ତ ସେସନ୍ସ ଜଜ୍ ଜାଫର ଇକ୍‌ବାଲ ମାମଲାର ସବିଶେଷ ଶୁଣାଣି କରିବା ପରେ ଉପରୋକ୍ତ ନିଷ୍ପତ୍ତି ଘୋଷଣା କରିଛନ୍ତି।

## ସଂକ୍ଷେପରେ

### ହୁକା ବାର୍‌ରେ ନାବାଳିକାଙ୍କୁ ଗଣବଳାତ୍କାର

**କାନପୁର, ୬। ୩:** ଉତ୍ତର ପ୍ରଦେଶ କାନପୁରର ଏକ ହୁକା ବାର୍‌ରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିଛି। ଇନ୍‌ଷ୍ଟାଗ୍ରାମ ଜରିଆରେ ପୀଡ଼ିତା ଅଭିଯୁକ୍ତଙ୍କ ସହ ପରିଚିତ ହୋଇଥିଲେ। ଅଭିଯୁକ୍ତ ବିନୟ ଠାକୁରଙ୍କ ନାଁରେ ପୀଡିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଘଟଣାରେ ମୋଟ ୭ ଜଣଙ୍କ ସମ୍ପୃକ୍ତି ରହିଛି। ଗତ ୪ ତାରିଖରେ ବିନୟ ପୀଡ଼ିତାଙ୍କୁ କରାହିସ୍ଥିତ ଏମ୍‌.ଜି. କେଫ୍ ଡାକିଥିଲେ। ସେଠାରେ ସେମାନେ ମିଶି ହୁକା ଟାଣିଥିଲେ। ପରେ ବିନୟ ନିଶାଦ୍ରବ୍ୟ ମିଶ୍ରିତ ପାନୀୟ ପୀଡ଼ିତାଙ୍କୁ ଦେଇ ତାଙ୍କୁ ବାର୍‌ରେ ଗଣବଳାତ୍କାର କରାଯାଇଥିବା ପୋଲିସ କହିଛି। ଏଥିସହ ବିନୟ ପୀଡ଼ିତାଙ୍କୁ ମାଡ଼ ମାରିଥିବା ଜଣାପଡ଼ିଛି। ଅଭିଯୁକ୍ତ ପୀଡ଼ିତାଙ୍କ ଏକ ଭିଡିଓ ତିଆରି କରି କିଛିଦିନ ହେବ ତାଙ୍କୁ ବ୍ଲାକ୍‌ମେଲ୍ କରିବା ପରେ ପୀଡ଼ିତା ସବୁକଥା ଘରେ ଜଣାଇଥିଲେ। ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଘଟଣାର ତଦନ୍ତ ଚଳାଇଛି।

### ସରକାରଙ୍କୁ ଦେଢ଼ କୋଟିର ସମ୍ପତ୍ତି ଦାନକଲେ ବୃଦ୍ଧ



ନାଥୁ ସିଂ

**ଲକ୍ଷ୍ନୌ, ୬।୩:** ସନ୍ତାନମାନଙ୍କ ଦ୍ୱାରା ନିର୍ଯାତିତ ହେବା ପରେ ଉତ୍ତର ପ୍ରଦେଶର ୮୫ ବର୍ଷୀୟ ନାଥୁ ସିଂ ଦେଢ଼ କୋଟିର ସମ୍ପତ୍ତିକୁ ରାଜ୍ୟ ସରକାରଙ୍କ ନାଁରେ କରିଦେଇଛନ୍ତି। ଏହାଛଡ଼ା ସେ ତାଙ୍କ ଶରୀରକୁ ମେଡିକାଲ କଲେଜକୁ ଦାନ କରିବା ସହ ଅନ୍ତିମ ସଂସ୍କାରରେ ଯୋଗଦେବା ପାଇଁ ତାଙ୍କ ୪ ଝିଅ ଓ ପୁଅଙ୍କୁ ଅନୁମତି ନ ଦେବାକୁ କହିଛନ୍ତି। ମୁଜାଫରନଗରର ନାଥୁ ସିଂଙ୍କ ପୁଅ ସାହରନପୁରରେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ୪ ଝିଅ ବାହା ହୋଇସାରିଛନ୍ତି। ସ୍ତ୍ରୀଙ୍କ ବିୟୋଗ ପରେ ନାଥୁ ଘରେ ଏକୁଟିଆ ରହୁଥିଲେ। ଗତ ୭ ମାସ ହେବ ଗାଁର ଏକ ବୃଦ୍ଧାଶ୍ରମରେ ସେ ରହୁଛନ୍ତି। ନାଥୁଙ୍କୁ ଭେଟିବା ପାଇଁ କିମ୍ବା ତାଙ୍କ କଥା ବଝିବା ଲାଗି ପୁଅ କି ଝିଅ ଆସୁ ନ ଥିବାବେଳେ ନାଥୁ ତାଙ୍କ ସମ୍ପତ୍ତିର ୱିଲ୍ ସରକାରଙ୍କ ନାଁରେ କରିଛନ୍ତି। ନାଥୁଙ୍କ ମୃତ୍ୟୁ ପରେ ତାଙ୍କ ଜମିରେ ଡାକ୍ତରଖାନା କିମ୍ବା ସ୍କୁଲ ନିର୍ମାଣ ପାଇଁ ସେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

### ନିଜସ୍ୱ କମ୍ପାନୀ କରିଛନ୍ତି ୬୩% ବୈଷୟିକ ପେସାଦାର

**ନୂଆଦିଲ୍ଲୀ, ୬।୩:** ଆଇଟି ସମେତ ବିଭିନ୍ନ କମ୍ପାନୀରୁ ଛଟେଇ ହୋଇଥିବା ୬୩% ବୈଷୟିକ ପେସାଦାର ନିଜସ୍ୱ କମ୍ପାନୀ ଆରମ୍ଭ କରିଛନ୍ତି। କ୍ଲାରିଫାଏ କ୍ୟାପିଟାଲ ନାମକ ସଂସ୍ଥାର ରିପୋର୍ଟ ଅନୁଯାୟୀ ଛଟେଇ ପରେ ପ୍ରତି ୪ ଜଣ ଟେକ୍‌ନୋଲୋଜି କର୍ମଚାରୀଙ୍କ ମଧ୍ୟରୁ ଜଣେ ଅନ୍ୟ କମ୍ପାନୀ ଦ୍ୱାରା ନିଯୁକ୍ତି ସୁଯୋଗ ପାଉନାହାନ୍ତି। କୋଭିଡ୍ ମହାମାରୀ ସମୟରେ ଛଟେଇ ହୋଇଥିବା ବୈଷୟିକ କର୍ମଚାରୀଙ୍କ ମଧ୍ୟରୁ ୧,୦୦୦ ଜଣଙ୍କୁ ନେଇ ସର୍ଭେ କରାଯାଇଥିଲା। ସେମାନେ ନିଜସ୍ୱ କମ୍ପାନୀ ଆରମ୍ଭ କରିଥିବା କହିଛନ୍ତି। ଏବେ ସେମାନଙ୍କ କମ୍ପାନୀ ଛଟେଇ କରିଥିବା ସଂସ୍ଥା ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୯୩% କର୍ମଚାରୀ କହିଛନ୍ତି।



ଜମ୍ମୁ-କଶ୍ମୀରର ସାମ୍ବା ଜିଲା ଅନ୍ତର୍ଗତ ଭାରତ-ପାକିସ୍ତାନ ସୀମାରେ ବିଏସ୍‌ଏଫ୍ ଯବାନମାନେ ସୋମବାର ହୋଲି ମନାଉଛନ୍ତି।

## ଶୁଟିଂ ବେଳେ ଅମିତାଭ ଆହତ

**ହାଇଦ୍ରାବାଦରେ 'ପ୍ରୋଜେକ୍ଟ କେ'ର ଶୁଟିଂ ଚାଲିଥିଲା**



ମୁମ୍ବାଇ, ୬।୩ (ପି.ଟି.)

ହାଇଦ୍ରାବାଦ ସେଟ୍‌ରେ ଆଗାମୀ ଫିଲ୍ମ 'ପ୍ରୋଜେକ୍ଟ କେ'ର ଶୁଟିଂ ଚାଲିଥିବାବେଳେ ମେଗାଷ୍ଟାର ଅମିତାଭ ବଚ୍ଚନ ଆହତ ହୋଇଛନ୍ତି। ଏକ ଆକ୍ସନ ଦୃଶ୍ୟର ଶୁଟିଂ ବେଳେ ପଞ୍ଜରା ହାଡ଼ରେ ଆଘାତ ଲାଗିଥିବା ୮୦ ବର୍ଷୀୟ ଅମିତାଭ ତାଙ୍କ ବ୍ୟକ୍ତିଗତ ବ୍ଲଗ୍‌ରେ ଲେଖିଛନ୍ତି। ରିବ୍ ଉପାସ୍ଥି ଭାଙ୍ଗିବାରୁ ଡାହାଣ ପଞ୍ଜରାର ମାଂସପେଶୀ ଚିରିହୋଇଯାଇଛି। ହାଇଦ୍ରାବାଦ ହସ୍ପିଟାଲରେ ସିଟି ସ୍କାନ୍ ପରେ ତାଙ୍କୁ ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଏହା ପରେ ସେ ମୁମ୍ବାଇ ଫେରିଛନ୍ତି। ଫିଲ୍ମ ଶୁଟିଂକୁ ବାତିଲ କରିଦିଆଯାଇଛି। ତାଙ୍କୁ ଯନ୍ତ୍ରଣା ହେଉଥିବାବେଳେ ଅତି ଜରୁରୀ କାର୍ଯ୍ୟ ପାଇଁ ସାମାନ୍ୟ ଚଳପ୍ରଚଳ ହେବାକୁ ପଡୁଛି। ସେ ଔଷଧ ଖାଉଛନ୍ତି ଓ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ କିଛି ସପ୍ତାହ ଲାଗିବ ବୋଲି ଅମିତାଭ ଲେଖିଛନ୍ତି।

# ଜାପାନରେ ହ୍ରାସ ପାଉଛି ଜନ୍ମହାର

ଟୋକିଓ, ୬।୩



■ପଦକ୍ଷେପ ନ ନେଲେ ବିଲୋପ ହୋଇଯିବ ଦେଶ: ମାସାକୋ ମୋରି

■୨୦୨୨ରେ ମୃତ୍ୟୁସଂଖ୍ୟା ଜନ୍ମର ଦୁଇଗୁଣ ଥିଲା



ମାସାକୋ ମୋରି

ଜାପାନରେ ଜନ୍ମହାର ଦ୍ରୁତ ବେଗରେ ହ୍ରାସ ପାଇଚାଲିଛି। ଏହାକୁ ରୋକିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ ନ କଲେ ଜାପାନ ସମ୍ପୂର୍ଣ୍ଣ ବିଲୋପ ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ ଫୁମିଓ କିଶିଡାଙ୍କ ପରାମର୍ଶଦାତା ମାସାକୋ ମୋରି କହିଛନ୍ତି। ଜନ୍ମହାର କମୁଥିବାରୁ ସାମାଜିକ ନିରାପତ୍ତା ଓ ଅର୍ଥନୀତି ପ୍ରତି ବିପଦ ସୃଷ୍ଟି ହୋଇଛି। ଜନ୍ମହାର ଏହି ଅନୁପାତରେ ଖସିଚାଲିଲେ, ଦିନେ ଦେଶ ଲୋପ ପାଇଯିବ। ଗତବର୍ଷ ଜାପାନରେ ସବୁଠୁ କମ୍ ଶିଶୁ ଜନ୍ମ ହୋଇଥିବା ଗତ ମାସ ୨୮ରେ ସରକାର ଘୋଷଣା କରିଥିଲେ। ଅନ୍ତର୍ଦ୍ଧାନ ପ୍ରକ୍ରିୟା ମଧ୍ୟରେ ଯେଉଁମାନେ ରହିବେ ସେମାନଙ୍କୁ ଅନେକ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିବ। ଭୟଙ୍କର ରୋଗ ପିଲାମାନଙ୍କୁ କଲବଲ କରିବ ବୋଲି ମୋରି କହିଛନ୍ତି। ଗତବର୍ଷ ଜାପାନରେ ଯେତିକି ଶିଶୁ ଜନ୍ମ ହୋଇଥିଲେ, ତା'ର ଦୁଇଗୁଣ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୨୨ରେ ୮ ଲକ୍ଷରୁ ଅଧିକ ଶିଶୁ ଜନ୍ମଗ୍ରହଣ କରିଥିବାବେଳେ ମୃତ୍ୟୁସଂଖ୍ୟା ଥିଲା ୧୫.୮ ଲକ୍ଷ। ଜନ୍ମହାର ବଢ଼ାଇବା ପାଇଁ ଶିଶୁ ଓ ପରିବାର ବିଭାଗରେ ବ୍ୟୟ ଦୁଇଗୁଣା କରିବାକୁ ପ୍ରଧାନମନ୍ତ୍ରୀ କିଶିଡ଼ା ନିଷ୍ପତ୍ତି ନେଇଛନ୍ତି।

ଶିଶୁ ଜନ୍ମହାର କମୁଥିବାରୁ ଜାପାନ ଜନସଂଖ୍ୟା ମଧ୍ୟ ଦ୍ରୁତ ହ୍ରାସ ପାଉଛି। ୨୦୦୮ରେ ସେଠାର ଲୋକସଂଖ୍ୟା ୧୨କୋଟି ୮୦ ଲକ୍ଷରୁ ଅଧିକ ଥିବାବେଳେ ଏବେ ତାହା ୧୨ କୋଟି ୪୬ ଲକ୍ଷକୁ ହ୍ରାସ ପାଇଛି। ଅନ୍ୟପକ୍ଷରେ ୬୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସ୍କଙ୍କ ଅନୁପାତ ଗତବର୍ଷ ୨୯ ପ୍ରତିଶତକୁ ବୃଦ୍ଧି ପାଇଛି। ଜାପାନରେ ଶିଶୁ ଜନ୍ମ ଧୀରେ ଧୀରେ କମୁନାହିଁ, ହଠାତ୍ ହ୍ରାସ ପାଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଉଚ୍ଚ ସଦନର ସଦସ୍ୟା ମୋରି କହିଛନ୍ତି। ଏ ଦିଗରେ କିଛି କରା ନ ଗଲେ ଦେଶର ସାମାଜିକ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ, ଶିଳ୍ପ ଓ ଆର୍ଥିକ ସାମର୍ଥ୍ୟ ହ୍ରାସ ପାଇବ। ଦେଶକୁ ସୁରକ୍ଷା ଦେବା ଲାଗି ପ୍ରତିରକ୍ଷା ବାହିନୀରେ ନିଯୁକ୍ତି ପାଇଁ ଯଥେଷ୍ଟ ଲୋକ ମିଳିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା କହିଛନ୍ତି। ତେବେ ସନ୍ତାନ ଜନ୍ମ ବୟସ ବର୍ଗର ମହିଳାଙ୍କ ସଂଖ୍ୟା କମିଥିବାରୁ ଜନ୍ମହାର ହ୍ରାସ ରୋକିବା ସହଜ କଥା ନୁହେଁ। ଏଥିପାଇଁ ସରକାରଙ୍କୁ ଅନେକ କିଛି କରିବାକୁ ପଡ଼ିବ ବୋଲି ମୋରି ମତ ଦେଇଛନ୍ତି।

## ୧୪ ଦିନ ପାଇଁ ଜେଲ ଗଲେ ସିସୋଡିଆ

ନୂଆଦିଲ୍ଲୀ, ୬।୩

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ସୋମବାର ଏକ ସ୍ୱତନ୍ତ୍ର ଅଦାଲତ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସେ ତିହାରର ଜେଲ୍ ନମ୍ବର ୧ରେ ରହିବେ। ବରିଷ୍ଠ ଏଏପି ନେତା ସିସୋଡିଆଙ୍କୁ ସାଙ୍ଗରେ ଭଗବଦ୍‌ଗୀତା, ଔଷଧ, ଚଷମା, ଡାଏରି ଓ କଲମ ନେବା ଲାଗି ରାଉସ୍ ଆଭିନ୍ୟୁ କୋର୍ଟ ଅନୁମତି ଦେଇଛନ୍ତି। ସେ ଜେଲର ଏକ ଧ୍ୟାନ କକ୍ଷରେ ରହିବାକୁ ଚାହୁଁଥିବାରୁ ଏହାକୁ ବିଚାରକୁ ନେବା ଲାଗି ଅଦାଲତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିବିଆଇ ସିସୋଡିଆଙ୍କୁ ସ୍ୱତନ୍ତ୍ର ବିଚାରପତି ଏମ୍‌.କେ. ନାଗପାଲଙ୍କ କୋର୍ଟରେ ହାଜର କରିବା ପରେ ରିମାଣ୍ଡରେ ନେବା ଲାଗି ଦାବି ନ କରିବାରୁ ତାଙ୍କୁ ୧୪ ଦିନ ପାଇଁ ଜେଲ ପଠାଇ ଦିଆଯାଇଛି। ପରେ ଆବଶ୍ୟକ ପଡ଼ିଲେ ସିବିଆଇ ରିମାଣ୍ଡ ଆବେଦନ କରିପାରେ। ସିସୋଡିଆ ତଦନ୍ତରେ ସହଯୋଗ କରୁ ନ ଥିବାବେଳେ ତାଙ୍କ ଦଳ ଓ ନେତାମାନେ ଏହାକୁ ରାଜନୀତୀକରଣ କରୁଛନ୍ତି ବୋଲି ସିବିଆଇ ଅଦାଲତଙ୍କୁ ଜଣାଇଥିଲା। ସିସୋଡିଆ ଜାମିନ ପାଇଁ ଆବେଦନ କରିଥିବାବେଳେ ଶୁକ୍ରବାର ଏହାର ଶୁଣାଣି ହେବ।

## ଇଣ୍ଡୋନେସିଆରେ ଭୂସ୍ଖଳନ: ୧୧ ମୃତ



ଜାକର୍ତ୍ତା, ୬। ୩

ଇଣ୍ଡୋନେସିଆ ନିକଟରେ ଥିବା ରିଉ ଦ୍ୱୀପରେ ଭୂସ୍ଖଳନରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଲୋକ ନିଖୋଜ ଥିବା ସୋମବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ଏଜେନ୍ସିର ମୁଖପାତ୍ର ଅବଦୁଲ ମୁହାରି ସୂଚନା ଦେଇଛନ୍ତି। ଭୂସ୍ଖଳନ ଜନିତ ଭଗ୍ନାବଶେଷ ଏବଂ କାଦୁଅରେ ଘରଗୁଡ଼ିକ ଧ୍ୱସ୍ତ ହୋଇଯାଇଛି। ତେବେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଗମନାଗମନ ବାଧାପ୍ରାପ୍ତ ହୋଇଥିବା ଯୋଗୁ କ୍ଷତିଗ୍ରସ୍ତ ଅଞ୍ଚଳ ସମ୍ପର୍କରେ ବିଶେଷ ସୂଚନା ମିଳିପାରୁ ନ ଥିବା ରିଉ ଦ୍ୱୀପର ବିପର୍ଯ୍ୟୟ ପ୍ରଶମନ ଏଜେନ୍ସି ମୁଖପାତ୍ର ଜନେନାହ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ପାଗ ଖରାପ ଥିବାବେଳେ ଦ୍ରୁତ ପବନ ବହିବାର ଲାଗିଛି। ପ୍ରଭାବିତ ଲୋକଙ୍କୁ ରିଲିଫ୍ ସହାୟତା ଯୋଗାଇଦେବା ପାଇଁ ମଙ୍ଗଳବାର ସରକାରଙ୍କ ପକ୍ଷରୁ ହେଲିକପ୍ଟର ବ୍ୟବସ୍ଥା କରାଯିବା ନେଇ ସରକାର କହିଛନ୍ତି।

## ୟୁପି ପୋଲିସ ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ

ପ୍ରୟାଗରାଜ/ଲକ୍ଷ୍ନୌ, ୬।୩ (ପି.ଟି.)

**ଉମେଶ ପାଲ୍ ହତ୍ୟା ମାମଲା**

**ଉସ୍‌ମାନଙ୍କୁ ପୋଲିସ ହତ୍ୟା କରିଥିବା ପରିବାରର ଅଭିଯୋଗ**

ପୂର୍ବତନ ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଉମେଶ ପାଲ୍‌ଙ୍କୁ ପ୍ରଥମ ଗୁଳି ଚଳାଇଥିବା ଅଭିଯୁକ୍ତ ସୋମବାର ସକାଳେ ପ୍ରୟାଗରାଜ ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ବିଜୟ ଚୌଧାରୀ ଓରଫ ଉସ୍‌ମାନଙ୍କ ବେକ, ଛାତି ଓ ଜଙ୍ଘରେ ଗୁଳି ବାଜିଥିଲା ବୋଲି ପୋଲିସ କହିଛି। ଭୋର ୫ଟା ୩୦ରେ କୌନ୍ଧିୟାରା ଥାନା ଅନ୍ତର୍ଗତ ଗୋଠି ଓ ବେଲୱା ମଧ୍ୟବର୍ତ୍ତୀ ସ୍ଥାନରେ ଏନ୍‌କାଉଣ୍ଟର ହୋଇଥିଲା। ପୋଲିସ ଉସ୍‌ମାନଙ୍କୁ ଉଠାଇନେଇ ଜାଲ୍ ଏନ୍‌କାଉଣ୍ଟରରେ ହତ୍ୟା କରିଥିବା ତାଙ୍କ ସ୍ତ୍ରୀ ସୁହାନି ଅଭିଯୋଗ କରିଛନ୍ତି। ଗୁଳି ବିନିମୟ ବେଳେ ଜଣେ କନ୍‌ଷ୍ଟେବଲ ଆହତ ହୋଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଏଡିଜି ପ୍ରଶାନ୍ତ କୁମାର କହିଛନ୍ତି।

୨୦୦୫ରେ ବିଏସ୍‌ପି ନେତା ରାଜୁ ପାଲ୍ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ଆତିକ୍ ଅହମଦ ଏବେ ଗୁଜରାଟ ଜେଲ୍‌ରେ ଅଛନ୍ତି। ସେ ବିଜୟ ଚୌଧାରୀଙ୍କୁ ଉସ୍‌ମାନ ନାଁ ଦେଇଥିଲେ। ଗତ ମାସ ୨୪ରେ ଉମେଶ ପାଲ୍‌ଙ୍କୁ ତାଙ୍କ ଧୁମାନଗଞ୍ଜ ଘର ବାହାରେ ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କ ଉପରେ ପ୍ରଥମ ଗୁଳି ଉସ୍‌ମାନ ଚଳାଇଥିଲେ ବୋଲି ପୋଲିସ କହିଛି। ଦ୍ୱିନ ଦ୍ୱିପ୍ରହରେ ଉମେଶ ପାଲ୍‌ଙ୍କୁ ହତ୍ୟା ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଉତ୍ତରପ୍ରଦେଶର ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ପ୍ରଶ୍ନ ଉଠିଥିଲା। ରାଜ୍ୟରୁ ମାଫିଆ ରାଜକୁ ଧ୍ୱଂସ କରିଦେବେ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିଧାନସଭାରେ ପ୍ରତିଶ୍ରୁତି ଦେଇଥିଲେ। ଉମେଶ ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ଅର୍ବାଜ ଗତ ମାସ ୨୭ରେ ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଥିଲେ। ଉମେଶ ହତ୍ୟା ପାଇଁ ବ୍ୟବହୃତ ଏସ୍‌ୟୁଭିକୁ ସେ ଚଳାଉଥିଲେ ବୋଲି ଅଭିଯୋଗ ହୋଇଥିଲା।

## ବେଲୁଚିସ୍ତାନରେ ଆତ୍ମଘାତୀ ଆକ୍ରମଣ: ୯ ପୋଲିସ ନିହତ

କରାଚୀ, ୬।୩(ପି.ଟି.)

ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ସୋମବାର ଜଣେ ଆତ୍ମଘାତୀ ତାଙ୍କ ମୋଟରସାଇକେଲକୁ ଏକ ପୋଲିସ ଭ୍ୟାନ୍‌ରେ ଧକ୍କା କରାଇବାରୁ ୯ ପୋଲିସ ନିହତ ହେବା ସହ ଅନ୍ୟ ୧୩ ଜଣ ଆହତ ହୋଇଛନ୍ତି। ମୋଟରସାଇକେଲ୍‌ରେ ବିସ୍ଫୋରକ ଖଞ୍ଜାଯାଇଥିଲା। ବେଲୁଚିସ୍ତାନ କନଷ୍ଟାବୁଲାରୀର ଯବାନମାନେ ଉକ୍ତ ଭ୍ୟାନ୍‌ରେ ଥିଲେ। ସେମାନେ ସିବିରୁ ଡ୍ୟୁଟି ସାରି କ୍ୱେଟାକୁ ଫେରୁଥିବାବେଳେ ବୋଲନ ଅନ୍ତର୍ଗତ କୁମ୍ବ୍ରିଠାରେ ବିସ୍ଫୋରଣ ଘଟିଥିଲା। ଆତ୍ମଘାତୀ ବିସ୍ଫୋରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ପୂର୍ବରୁ ବାଲୋଚ ଉଗ୍ରପନ୍ଥୀ ଏବଂ ଇସ୍‌ଲାମିକ ଆତଙ୍କବାଦୀମାନେ ଏଭଳି ଆକ୍ରମଣ କରିଛନ୍ତି।

## ମାନିକ୍ ଶାହା ହେବେ ତ୍ରିପୁରା ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୬।୩



**୮ରେ ଶପଥ ନେବେ**

ମାନିକ୍ ଶାହା କ୍ରମାଗତ ଦ୍ୱିତୀୟ ଥର ପାଇଁ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରାର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସୋମବାର ଭାଜପା ବିଧାୟକ ଦଳ ବୈଠକରେ ଉକ୍ତ ନିଷ୍ପତ୍ତି ନିଆଯାଇଛି। ଦଳର ସମସ୍ତ ବିଧାୟକ ତାଙ୍କୁ ସର୍ବସମ୍ମତକ୍ରମେ ନେତା ନିର୍ବାଚନ କରିଥିବା ଭାଜପା ମୁଖପାତ୍ର ସୂଚନା ଦେଇଛନ୍ତି।

ଗତବର୍ଷ ବିପ୍ଳବ କୁମାର ଦେବଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଯାଇ ତାଙ୍କ ସ୍ଥାନରେ ମାନିକ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ପୂର୍ବାପେକ୍ଷା ଭୋଟ ହାର କମିଥିବାରୁ ମାନିକ୍ ଶାହାଙ୍କୁ ବଦଳାଯିବା ନେଇ ଚର୍ଚ୍ଚା ହେଉଥିଲା। ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ପ୍ରତିମା ଭୌମିକ ମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଶେଷରେ ମାନିକଙ୍କୁ ଭାଜପା ବିଧାୟକ ଦଳ ନେତା ନିର୍ବାଚିତ କରାଯାଇଛି। ସେ ଆସନ୍ତା ୮ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ତାଙ୍କ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଏବଂ ବିଭିନ୍ନ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ରହିପାରନ୍ତି। ୬୦ ଆସନ ବିଶିଷ୍ଟ ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପା ୩୨ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ବେଳେ ଏହାର ସହଯୋଗୀ ଇଣ୍ଡିଜେନିଅସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରାକୁ ଗୋଟିଏ ଆସନ ମିଳିଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରବିବାର ତ୍ରିପୁରା ଯାଇ ସେଠାର ରାଜନୈତିକ ପାଣିପାଗ ଅନୁଧ୍ୟାନ କରିବା ସହ ପରବର୍ତ୍ତୀ ମନ୍ତ୍ରିମଣ୍ଡଳ ଗଠନ ନେଇ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିଥିଲେ। କ୍ୟାବିନେଟ ଗଠନ ନେଇ ଶର୍ମା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ବୈଠକ କରିଥିଲେ।

# ରୁଷିଆର ଜୋର୍‌ଦାର ସେଲ୍ ମାଡ଼

କିଭ୍, ୬।୩



**ବାଖମୁଟ୍ ହାତଛଡ଼ା ନ କରିବାକୁ ୟୁକ୍ରେନ୍‌ର ଲଢ଼େଇ ଜାରି**

ୟୁକ୍ରେନ୍‌ର ପୂର୍ବଭାଗରେ ଥିବା ବାଖମୁଟ୍ ସହରକୁ ରୁଷିଆ ଚାରିପଟୁ ଘେରିଲାଣି। ସହରକୁ କାବୁ କରିବା ଲାଗି ରୁଷିଆ ସୈନ୍ୟ ଜୋର୍‌ଦାର ଉଦ୍ୟମ ଚଳାଇଥିବାବେଳେ ଏହାକୁ ହାତଛଡ଼ା ନ କରିବାକୁ କିଭ୍ ସୈନ୍ୟ ପ୍ରତିବଦ୍ଧ। ସେମାନେ ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତିରେ ରହିଛନ୍ତି। ବାଖମୁଟ୍‌କୁ ଦଖଲକୁ ନେବା ଲାଗି ରୁଷିଆ ୬ ମାସ ହେଲା ଉଦ୍ୟମ ଚଳାଇଛି। ରୁଷିଆ ସୈନ୍ୟଙ୍କ ଘନ ଘନ ଆକ୍ରମଣରେ ହଜାର ହଜାର ଜୀବନ ଗଲାଣି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଉଚ୍ଚ ସାମରିକ ଅଧିକାରୀମାନଙ୍କ ସହ ବୈଠକ କରିଛନ୍ତି। ୟୁକ୍ରେନ୍ ସ୍ଥିତି ମଜଭୁତ କରିବା ଲାଗି ବୈଠକରେ ସେନା ଅଧିକାରୀମାନେ ମତ ଦେଇଥିଲେ। ଅନ୍ୟ ପକ୍ଷରେ ରୁଷିଆ ସୈନ୍ୟ ଡୋନେସ୍କ ସହରାଞ୍ଚଳ ଓ ଆଖପାଖ ଗ୍ରାମ ଉପରେ ଜୋର୍‌ଦାର ସେଲ୍ ମାଡ଼ କରିଚାଲିଛି। ବାଖମୁଟ୍ ବାସିନ୍ଦାଙ୍କୁ ଶେଷ କରିଦେବା ଲାଗି ମସ୍କୋ ଅଧିକ ସୈନ୍ୟ ସମ୍ବଳ ନିୟୋଜିତ କରିଛି। ସେଲ୍ ମାଡ଼ରୁ ରକ୍ଷା ପାଇବା ପାଇଁ ନାଗରିକମାନେ ସହର ଛାଡ଼ି ପଳାଇଯାଉଛନ୍ତି।

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ବର୍ଷେ ବିତିଥିବାବେଳେ ମସ୍କୋକୁ କ୍ରମାଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ବାଖମୁଟ୍‌ର କୌଣସି ବଡ଼ ରଣନୀତିକ ମୂଲ୍ୟ ନାହିଁ। ତେବେ ଏହାକୁ ହାତେଇବା ଦ୍ୱାରା ଯୁଦ୍ଧ ଏକ ନୂଆ ମୋଡ଼ ନେବ ବୋଲି କୁହାଯାଉଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଯୁଦ୍ଧକ୍ଷେତ୍ରରୁ କିଛି ଭଲ ଖବର ପାଇବା ପାଇଁ ବ୍ୟସ୍ତ ହୋଇପଡ଼ିଲେଣି। ଅନ୍ୟପକ୍ଷରେ ବର୍ଷେ ହେଲା ପାଶ୍ଚାତ୍ୟ ସହଯୋଗୀଙ୍କ ସହାୟତାରେ ୟୁକ୍ରେନ୍ ଲଢ଼େଇ ଜାରି ରଖିବା ସହ ନିଜ ଅଞ୍ଚଳକୁ ହାତଛଡ଼ା ନ କରିବା ଜିଦ୍‌ରେ ଅଟଳ ରହିଛି। ନିକଟରେ ଆମେରିକା ପ୍ରତିରକ୍ଷା ସଚିବ ଲିଓଡ ଅଷ୍ଟିନ୍ ଜୋର୍ଡାନ ଗସ୍ତରେ ଥିବାବେଳେ ବାଖମୁଟର ରଣନୀତିକ ଏବଂ ପରିଚାଳନା ମୂଲ୍ୟଠାରୁ ପ୍ରତୀକାତ୍ମକ ମୂଲ୍ୟ ଅଧିକ ବୋଲି କହିଥିଲେ।

ଫ୍ୟାଶନ୍

# ହୋଲିରେ କ'ଣ ପିନ୍ଧିବେ

**ସାଙ୍ଗସାଥୀ ଓ ପରିବାର ସହ ମିଶି ରଙ୍ଗର ପର୍ବ ହୋଲିକୁ ବେଶ୍ ଆନନ୍ଦର ସହ ପାଳନ କରାଯାଇଥାଏ। ପରସ୍ପର ଭିତରେ ସ୍ନେହ ଶ୍ରଦ୍ଧାକୁ ଆହୁରି ମଜଭୁତ କରିଥାଏ ଏହି ପର୍ବ। ରଙ୍ଗ ଖେଳିବା ସମୟରେ କ'ଣ ପିନ୍ଧିବେ ସେ ସମ୍ପର୍କରେ କେତୋଟି ଟିପ୍ସ.....**

**ଧଳା ଡ୍ରେସ୍ :** ବିଶେଷ ଭାବରେ ଧଳା ରଙ୍ଗର ଡ୍ରେସ ପିନ୍ଧି ହୋଲି ଖେଳିବାର ମଜା ନିଆରା। ଏହା ମଧ୍ୟ ଏକ ଟ୍ରେଣ୍ଡରେ ପରିଣତି ହୋଇଗଲାଣି। ତେଣୁ ଆପଣ ଧଳା ରଙ୍ଗର ଡ୍ରେସ ପିନ୍ଧି ଏହି ପର୍ବର ମଜା ନେଇ ପାରିବେ। ଆପଣ ଚାହିଁଲେ ଧଳା ରଙ୍ଗର ଭାରତୀୟ ଏବଂ ୱେଷ୍ଟର୍ଣ୍ଣ ଡ୍ରେସ୍ ମଧ୍ୟ ପିନ୍ଧିପାରିବେ।

**ଲଙ୍ଗ୍ କୁର୍ତ୍ତି :** ଯଦି ଆପଣ ଟ୍ରାଡିସ୍‌ନାଲ ଓ ୱେଷ୍ଟର୍ନ ଦୁଇଟିକୁ ଟ୍ରାଏ କରିବାକୁ ଚାହାଁନ୍ତି ତେବେ ଜିନ୍ସ ସହିତ ଲଙ୍ଗ ହ୍ୱାଇଟ୍ କୁର୍ତ୍ତି ପିନ୍ଧିପାରିବେ। ଏହା ସହିତ କଲରଫୁଲ୍ ସନ୍‌ଗ୍ଲାସ ମଧ୍ୟ ପିନ୍ଧିପାରିବେ। ଏହାଦ୍ୱାରା ଆପଣଙ୍କ ଲୁକ୍ ଷ୍ଟାଇଲିଶ ହେବା ସହ ଅନ୍ୟଠୁ ଅଲଗା ଦେଖାଯିବେ।

**ପଞ୍ଜାବୀ କୁର୍ତ୍ତି ଓ ସଲୱାର :** ଆପଣ ଯଦି ଟ୍ରାଡିସନାଲ ଗେଟଅପ୍‌ରେ ନିଜକୁ ଦେଖିବାକୁ ଚାହାଁନ୍ତି ତେବେ ପଞ୍ଜାବୀ ଷ୍ଟାଇଲ୍ ଛୋଟ କୁର୍ତ୍ତି ସହିତ ପଟିଆଲା ପ୍ୟାଣ୍ଟ ବେଷ୍ଟ ଅପସନ୍ ହୋଇପାରିବ। ଏହି ଡ୍ରେସରେ ଆପଣ କମ୍ଫଟେବଲ୍ ରହିବା ସହ କୁଲ୍ ମଧ୍ୟ ଦେଖାଯିବେ।

**ରଙ୍ଗିନ୍ ଦୁପଟ୍ଟା :** ଯଦି ଆପଣ ହ୍ୱାଇଟ୍ କୁର୍ତ୍ତି ପିନ୍ଧୁଛନ୍ତି ତେବେ ଏଥିରେ ପଞ୍ଜାବୀ କିମ୍ବା ଫୁଲକାରୀ ଦୁପଟ୍ଟା ପିନ୍ଧି ପାରନ୍ତି। ଏହା ଆପଣଙ୍କ ହୋଲି ଥିମ୍‌କୁ ସୁନ୍ଦର କରିବ।

**ଭାଇବ୍ରାଣ୍ଟ କଲର ସନ୍‌ଗ୍ଲାସ :** ଯଦି ଆପଣ ଦିନସାରା ସାଙ୍ଗମାନଙ୍କ ସହିତ ହୋଲି ଖେଳରେ ବୁଲାବୁଲିର ପ୍ଲାନ କରୁଥାନ୍ତି ତେବେ ନିଜର କ୍ଲାସି ସନ୍‌ଗ୍ଲାସ ଚୟନ କରନ୍ତୁ। ସମ୍ଭବ ହେଲେ ଭାଇବ୍ରାଣ୍ଟ କଲରର ସନ୍‌ଗ୍ଲାସ କିଣନ୍ତୁ। ଏହି ସନ୍‌ଗ୍ଲାସ ଖରାଠୁ ରକ୍ଷା କରିବା ସହ ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ମଧ୍ୟ ଦେଇଥାଏ।



# ସୁନା କିଣିବା ସମୟରେ...

**ସୁନା କିଣିବା ସମୟରେ କେତୋଟି ବିଷୟ ପ୍ରତି ବେଶ୍ ସତର୍କତାର ସହ ନଜର ଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**

**ହଲ୍‌ମାର୍କ:** ସୁନା କିଣିବା ସମୟରେ ହଲ୍‌ମାର୍କ ଚେକ୍ କରିବାକୁ ଭୁଲନ୍ତୁ ନାହିଁ। ଗୋଲ୍ଡ ଜୁଏଲାରି ଉପରେ ଲାଗିଥିବା ହଲ୍‌ମାର୍କ ସାର୍ଟିଫିକେସନ୍ ବ୍ୟୁରୋ ଅଫ୍ ଇଣ୍ଡିଅନ୍ ଷ୍ଟାଣ୍ଡାର୍ଡ ସ୍କୁଲ ଦ୍ୱାରା ଅନୁମୋଦିତ ହୋଇଥାଏ, ଯଦ୍ୱାରା ସୁନାକୁ ବିଶୁଦ୍ଧ ବୋଲି ଧରି ନିଆଯାଏ।

**ନାଇଟ୍ରିକ୍ ଏସିଡ୍‌ର ବ୍ୟବହାର:** ସୁନା ଅସଲି କି ନକଲି ଜାଣିବା ପାଇଁ ନାଇଟ୍ରିକ୍ ଏସିଡ୍ ବ୍ୟବହାର କରନ୍ତୁ। ଏମିତିରେ ସୁନାଗହଣା ଉପରେ ନାଇଟ୍ରିକ୍ ଏସିଡ୍ ବ୍ୟବହାର କରିପାରିବେ। ଏଥିପାଇଁ ସୁନାଗହଣାକୁ ହାଲୁକା ସ୍କ୍ରାଚ୍ କରନ୍ତୁ। ଏହା ଉପରେ ନାଇଟ୍ରିକ୍ ଏସିଡ୍ କେଇ ବୁନ୍ଦା ପକାଇ ଦିଅନ୍ତୁ। ଯଦି ଗହଣାର କଲର ଚେଞ୍ଜ ହେଉନି, ତେବେ ଗହଣା ଠିକ୍ ଅଛି।

**ଧଳା ସିର୍‌କା:** ଧଳା ସିର୍‌କା ବ୍ୟବହାର କରି ଆପଣ ଗୋଟିଏ ମିନିଟ୍‌ରେ ଅସଲି ନକଲି ସୁନା ଖୁବ୍ ସହଜରେ ଜାଣିପାରିବେ। ଏପରି କରିବା ଦ୍ୱାରା ନକଲି ସୁନାର ରଙ୍ଗ ବଦଳିବାକୁ ଲାଗିବ। ଯଦି ଆମେ ଅସଲି ସୁନା ଉପରେ ସିର୍‌କା ପକାଇବା, ତେବେ ତାହାର କୌଣସି ରଙ୍ଗ ବଦଳିବ ନାହିଁ।



# ସଫଳତା ଅନ୍ତରାଳେ...

**ଦି**ନ ଥିଲା, ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀଟିଏ କେବଳ ଘର ଭିତରେ ସୀମାବଦ୍ଧ ହୋଇ ରହୁଥିଲା। କିନ୍ତୁ ଏବେ ସମୟ ବଦଳିଛି। ନାରୀ ନିଜକୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବୋଲି ପ୍ରମାଣ କରିସାରିଛି। ସେ ନିଜକୁ ଉଚ୍ଚ ଶିକ୍ଷିତା ଭାବରେ ପରିଚିତ କରିବା ସହ କୌଣସି କ୍ଷେତ୍ରରେ କମ୍ ନୁହନ୍ତି। ଚଳିତ ମାସ ୮ ତାରିଖରେ ପାଳନ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଏବଂ ତାହା ପଛରେ ଥିବା କାରଣ ବିଷୟରେ ଉପସ୍ଥାପନା...

**କର୍ମ ଉପରେ ବିଶ୍ୱାସ ରଖେ :**
**ମୈତ୍ରୀ ଗୁରୁ,** ଆଇନଜୀବୀ

ଆଇନ କ୍ଷେତ୍ରକୁ ମୁଁ ପସନ୍ଦ କରିଛି। କାରଣ ଆଜିକାଲି ଏ କ୍ଷେତ୍ରରେ ବହୁ ଗରିବ ମହିଳା ନ୍ୟାୟ ପାଇ ପାରୁନାହାନ୍ତି। ଅବହେଳିତା, ନିଷ୍ପେଷିତା ମହିଳାମାନଙ୍କୁ ମାଗଣାରେ ଆଇନ ସେବା ଯୋଗାଇ ଦେବା ପାଇଁ ମୁଁ ଏହି କ୍ଷେତ୍ର ଚୟନ କରିଛି। ଏହାବ୍ୟତୀତ ବହୁତ ଲୋକ ଆଇନ ବିଷୟରେ ଅନଭିଜ୍ଞ ଅଛନ୍ତି। ପୁଣି ଛୋଟ ଛୋଟ ଅପରାଧ ପାଇଁ ଜେଲଦଣ୍ଡ ବର୍ଷ ବର୍ଷ ଧରି ଭୋଗୁଛନ୍ତି। ନିଜ ସଫଳତା କଥା ତ ମୁଁ କହିବିନି। ତଥାପି ସମସ୍ତଙ୍କୁ ନ୍ୟାୟ ଦେବାକୁ ଯଥାସମ୍ଭବ ଚେଷ୍ଟା କରିବି। କର୍ମ କଲେ ସଫଳତା



ଆପେ ଆପେ ଆସିଯିବ–ଏଭଳି ବିଶ୍ୱାସ ମନରେ ସୃଷ୍ଟି ହେଲେ ଜଣେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇପାରିବ। ସଫଳତା ପାଇଁ ଆହୁରି ବହୁତ ଆଗକୁ ଯିବାର ଅଛି। ଭଗବାନ୍ ସଫଳତା ନିଶ୍ଚୟ ଦେବେ ବୋଲି ଦୃଢ଼ ବିଶ୍ୱାସ ରହିଛି। କାରଣ ମୁଁ ସବୁବେଳେ ନିଜ କର୍ମ ଉପରେ ବିଶ୍ୱାସ ରଖେ। ପ୍ରତିଭା ଥିଲେ ନିଶ୍ଚିତ ଭାବରେ ବାହାରକୁ ଫୁଟି ବାହାରିବ। ଯାହାର ଯେଉଁ ଜିନିଷ ଉପରେ ଆଗ୍ରହ ଅଛି, ତା' ଉପରେ ଧ୍ୟାନ କେନ୍ଦ୍ରିଭୂତ କରିବା ଦରକାର। ପ୍ରତ୍ୟେକ ମହିଳା ସ୍ୱାର୍ଥକେନ୍ଦ୍ରିକ ନ ହୋଇ ସମସ୍ତଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ହେବା ଜରୁରୀ। ସମୟ ଲାଗିବ, କିନ୍ତୁ ସଫଳତା ନିଶ୍ଚୟ ଆସିବ।

**ଜନସେବା ଆଶା ପୂରଣ ହୋଇଛି: ରଶ୍ମିତା ନାୟକ,** ମହିଳା ସ୍ୱାସ୍ଥ୍ୟକର୍ମୀ



ଜନସେବା କରିବା ପାଇଁ ଇଚ୍ଛା ଥିଲା। ତେଣୁ ଏଭଳି କ୍ଷେତ୍ରକୁ ବାଛିନେଲି। ଅକ୍ଳାନ୍ତ ପରିଶ୍ରମ ଏବଂ ଲୋକମାନଙ୍କର ଭଲପାଇବା ହିଁ ମୋତେ ଆଜି ଏଥିରେ ସଫଳତା ଆଣି ଦେଇଛି। ଜଣେ ନିଜ ପ୍ରତିଭାକୁ ପ୍ରଦର୍ଶନ କରିବା ପାଇଁ ଉଚ୍ଚଶିକ୍ଷା, ଦୃଢ଼ ବିଶ୍ୱାସ ଏବଂ ସ୍ୱାଧୀନ ଜୀବନଯାପନର ଆବଶ୍ୟକତା ରହିଛି। ସବୁ କ୍ଷେତ୍ରରେ ମହିଳାମାନେ ସଫଳତା ହାସଲ କଲେ ଦେଶ, ରାଜ୍ୟ ଏବଂ ପରିବାରର ଉନ୍ନତି ହେବ। ମହିଳାମାନଙ୍କ ସଫଳତାର ଚାବିକାଠି ସେମାନଙ୍କ ପରିବାର ହାତରେ ଥାଏ। ବିଶ୍ୱାସ, ପ୍ରୋତ୍ସାହନ ଏବଂ ସ୍ୱାଧୀନତା ପ୍ରଦାନ ଦ୍ୱାରା ହିଁ ମହିଳାମାନେ ଯେକୌଣସି କାମରେ ସଫଳତା ହାସଲ କରିପାରିବେ। ନାରୀର ନିଜ ମନର ବିଶ୍ୱାସ ହିଁ ତା'ର ସବୁ କାର୍ଯ୍ୟରେ ସଫଳତା ଆଣିପାରିବ।

## ଲିଙ୍ଗଗତ ସମାନତାର ଆବଶ୍ୟକତା ରହିଛି

**ପ୍ର**ତିବର୍ଷ ମାର୍ଚ୍ଚ ୮ ତାରିଖରେ ସମଗ୍ର ବିଶ୍ୱରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ମହିଳା ଦିବସ'। ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇବା, ସେମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ବିକଶିତ କରାଇବା ଏବଂ ସେମାନଙ୍କୁ ସମାଜରେ ସମସ୍ତଙ୍କ ସହ ପାଦ ମିଳାଇ ଚାଲିବାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ଅବସରରେ ମିଳିତ ଜାତିସଂଘ ପକ୍ଷରୁ ଘୋଷିତ ଥିମ୍ ହେଲା, 'ଡିଜିଟାଲ: ଇନୋଭେଶନ ଆଣ୍ଡ ଟେକ୍ନୋଲୋଜି ଫର ଜେଣ୍ଡର ଇକ୍ୟୁଆଲିଟି'। ଲିଙ୍ଗଗତ କ୍ଷେତ୍ରରେ ମହିଳାମାନଙ୍କୁ ଅବହେଳିତ କରାଯିବା ଆଦୌ ଠିକ୍ ନୁହେଁ। ଏହା ଉପରେ ଗୁରୁତ୍ୱ ଦିଆଗଲେ ଅନେକ ମହିଳା ଅନେକ କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇବା ସହ ସଫଳତା ହାସଲ କରିପାରିବେ। ଏ ନେଇ ଜନସଚେତନତା ଯେତେ ଅଧିକ ସୃଷ୍ଟି ହେବ, ତାହା ମହିଳାମାନଙ୍କ ପାଇଁ ସେତେ ମଙ୍ଗଳମୟ ହେବ।

**ଆତ୍ମପ୍ରଚେଷ୍ଟା ମୂଳକଥା:**
**ପ୍ରତିଭା ସାହୁ,** ସାହିତ୍ୟିକା



ସତରେ ମୁଁ ନିଜେ ବି ଜାଣିନି ସାହିତ୍ୟ ପ୍ରତି ମୋର ଏତେ ରୁଚି, ଦୁର୍ବଳତା ଓ ମମତା କାହିଁକି। କହିବାକୁ ଗଲେ ସାହିତ୍ୟ ହେଉଛି ଏକ ସ୍ୱତଃସ୍ଫୂର୍ତ୍ତ ଆବେଗର ଧାରା। ପିଲାଦିନୁ ଏପର୍ଯ୍ୟନ୍ତ ଶୁଣିଆସିଛି ବାପାଙ୍କ ମୁହଁରୁ ଅନେକ କାବ୍ୟ କବିତା, ଦେଖିଆସିଛି ବୋଉ ବାପାଙ୍କର ପୁସ୍ତକ ପ୍ରତି ଥିବା ଶ୍ରଦ୍ଧା। ଏବେବି ୭୯ ବର୍ଷ ବୟସରେ ବାପା ଦିନକୁ ୬–୮ ଘଣ୍ଟା ପଢ଼ନ୍ତି। ଯଦି ଆଜି ମୁଁ ଦୁଇ ଧାଡ଼ି ଲେଖିପାରୁଛି କି କହିପାରୁଛି ତାହା କେବଳ ମୋ ମା'ବାପାଙ୍କ ପାଇଁ ସମ୍ଭବ ହୋଇପାରିଛି। ପ୍ରାୟ ପ୍ରତ୍ୟେକ ମହିଳାଙ୍କ ପାଖରେ ନିଶ୍ଚୟ କିଛି ନା କିଛି ପ୍ରତିଭା ଲୁକ୍କାୟିତ ଅବସ୍ଥାରେ ରହିଛି। ଯଦି ଏଭଳି ପ୍ରତିଭା ଲୋକଲୋଚନକୁ ଆସିପାରିଲା, ତେବେ ତାହା କେବଳ ନିଜର ଆତ୍ମପ୍ରଚେଷ୍ଟା ଓ ଆତ୍ମବିଶ୍ୱାସ ପାଇଁ ସମ୍ଭବ ହୋଇପାରିଛି ବୋଲି କହିବି। ମହିଳାମାନେ ହିଁ ବର୍ତ୍ତମାନ ସମାଜର ମେରୁଦଣ୍ଡ। ଅନେକ ସଫଳ ମହିଳାଙ୍କ ଉଦାହରଣ ଆମ ଆଖି ସାମ୍ନାରେ। ଯଦି ପାରିବାରିକ ଓ ସାମାଜିକ ଶାନ୍ତି ଅକ୍ଷୁଣ୍ଣ ରଖି ମହିଳାଟିଏ ଆଗକୁ ବଢ଼ିଲା, ତେବେ ତାହା ପରିବାର ତଥା ସମାଜ ପାଇଁ ନିଶ୍ଚୟ ଗର୍ବ ଓ ଗୌରବର ବିଷୟ।

**ଆତ୍ମନିର୍ଭରଶୀଳ ହୋଇପାରିଛି: ଚୌଧୁରୀ ଜ୍ୟୋତ୍ସ୍ନା ଦାସ,** ଫ୍ୟାଶନ ଡିଜାଇନର

ପାଠପଢ଼ା ଶେଷ ହେବା ପରେ ମୁଁ ଚାକିରି ପାଇଁ ଚେଷ୍ଟା ନ କରି ନିଜେ ଗୋଟିଏ ସଂସ୍ଥାଟିଏ ଖୋଲିଥିଲି। ଏଥିଲାଗି ପ୍ରଥମେ ମୋତେ ବହୁତ ଷ୍ଟ୍ରଗଲ୍ କରିବାକୁ ପଡ଼ିଥିଲା। ଆଜି ମୁଁ ମୋ କର୍ମପଥ ବାଛି ନେଇଛି ଏବଂ ସେଥିରେ ସଫଳ ମଧ୍ୟ ହୋଇଛି, ଆଉ ଏହା ସମ୍ଭବ ହୋଇଛି କେବଳ ମୋ ମା'ଙ୍କ ପାଇଁ। ପିଲାବେଳୁ ମା' ହାତରେ କ୍ରୁଶ ସାହାଯ୍ୟରେ ବିଭିନ୍ନ ପ୍ରକାର ଡ୍ରେସ, ଉଲେନ୍ ସ୍ୱେଟର ବୁଣିବା, ବିଭିନ୍ନ ହାତ ଏମ୍ବ୍ରୋଡରୀ କାମ କରିବା, ବାଲିରେ ପେଣ୍ଟିଂ କରିବା, ପା'ପୋଛ ବୁଣିବା ଆଦି କାମ କରୁଥିଲେ। ପ୍ରଥମେ ମୋ ମା'ଙ୍କର ପୁରୁଣା ଶାଢ଼ି କାଟି ମୋର ଏକ୍ସପେରିମେଣ୍ଟ ଆରମ୍ଭ କରିଥିଲି। ଯୁକ୍ତ ୨ ପଢ଼ିବା ବେଳଠୁ ମୁଁ



ନିଜେ ମୋର ଡ୍ରେସ ତିଆରି କରିବା ଆରମ୍ଭ କରିଥିଲି। ଏହା ହିଁ ମୋତେ ଫ୍ୟାଶନ ଡିଜାଇନିଂ ପଢ଼ିବା ପାଇଁ ବହୁତ ସାହାଯ୍ୟ କରିଥିଲା। ଆଜିକାଲି ଜଣେ ନାରୀ ନିଜ ପ୍ରତିଭାକୁ ପ୍ରଦର୍ଶନ କରିବାକୁ ହେଲେ ଘରେ ବସି ନ ରହି କାହା ଉପରେ ନିର୍ଭର ନ କରି ନିଜ ଦ୍ୱାରା ଚେଷ୍ଟା ଜାରି ରଖିବା ଦରକାର। ଆମେ ନିଜ ଭିତରେ ଯେଉଁ କଳାଟି ଅଛି, ତାକୁ ବାଛି ତା' ଉପରେ ହିଁ କାମ କରିବାକୁ ପଡ଼ିବ। ମହିଳାମାନଙ୍କ ସଫଳତାକୁ ନେଇ ଏଇଆ କହିବି ଯେ, ଏବେ ବହୁତ ସଂଖ୍ୟାରେ ମହିଳା ଉଦ୍ୟୋଗୀଙ୍କ ସଂଖ୍ୟା ବଢ଼ିଛି। ହେଲେ ପରିବାରର କୌଣସି ଚାପରେ ନ ଆସି ନିଜେ ଯେଉଁ ଜିନିଷ ଭଲରେ କରିପାରିବେ ତାହା ଉପରେ ଗୁରୁତ୍ୱ ଦିଅନ୍ତୁ। ନିଜର ଟ୍ୟାଲେଣ୍ଟ ଉପରେ ବିଶ୍ୱାସ ରଖନ୍ତୁ। ଆଉ ସେହି ଅନୁସାରେ ପରିଶ୍ରମ କରି ଆଗକୁ ମଧ୍ୟ ବଢ଼ିବା ଦରକାର। ନିହାତି ରୂପରେ ଯିଏ ପରିଶ୍ରମ କରୁଛି, ତା' ପାଇଁ ସକ୍‌ସେସ୍ ନିଶ୍ଚିତ ଥୁଆ ହୋଇଛି।

**ସମସ୍ତଙ୍କ ଆଶୀର୍ବାଦ ମୋ ପାଇଁ ପ୍ରେରଣାଦାୟକ ହୋଇଛି : ଭୂମିକା ଦାଶ, ଅଭିନେତ୍ରୀ**

ମୁଁ ଏଇ ଲାଇନ୍‌କୁ ଆସିବି ବୋଲି କିଛି ଯୋଜନା ନ ଥିଲା। ସେଇଟା ଏମିତି ବାସ୍ ହୋଇଗଲା। କାରଣ ଏଥିପାଇଁ ମୁଁ ଆଗରୁ କିଛି ସ୍ପେଶାଲ ପ୍ଲାନ କରିନଥିଲି। ମୁଁ ଅଡିସନ୍ ଦେଇଥିଲି, ସେଥିରେ ସିଲେକ୍ଟ ହେଲି। ତା'ପରେ ମୋର ଆକ୍ଟିଂ ଜର୍ନି ଷ୍ଟାର୍ଟ ହେଲା।



ଭଗବାନ୍ ବୋଧେ ଚାହୁଁଥିଲେ ମୁଁ ଏ ଲାଇନ୍‌କୁ ଆସେ। ସଫଳତା ମୋତେ ମିଳିଛି କି ନାହିଁ ମୁଁ ତ ତାହା କହିପାରିବିନି। ସତ କହିବାକୁ ଗଲେ ଯାହା ବି ଆଚିଭ୍ କରିପାରିଛି–ଏହା ପଛରେ ମୋ ପ୍ୟାରେଣ୍ଟସ୍‌ଙ୍କ ସେତିକି ସପୋର୍ଟ, ଟିଚର୍ସଙ୍କର ସେତିକି ଶିକ୍ଷା ଓ ଗୁରୁଙ୍କ ଆଶୀର୍ବାଦ ପାଇଁ ସବୁ ସମ୍ଭବ ହୋଇପାରିଛି। ଟାଇମ୍ ମ୍ୟାନେଜ୍‌ମେଣ୍ଟ, ଡେଡିକେସନ୍‌କୁ ଦେଖିକି ହିଁ ସବୁ କିଛି ଆଚିଭ୍ କରିହେବ। ଦର୍ଶକମାନଙ୍କ ଭଲପାଇବା ମୋ ପ୍ରତି ନିଶ୍ଚୟ ରହିଛି। ଓଡ଼ିଶୀ ଡ୍ୟାନ୍ସ ମୋତେ ଏହି ଆକ୍ଟିଂ ଲାଇନ୍‌ରେ ବହୁତ କିଛି ସାହାଯ୍ୟ କରିଛି। ମହିଳାମାନେ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଆଗରୁ ସେମିତି କିଛି ପ୍ଲାଟ୍‌ଫର୍ମ ନ ଥିଲା। ଏବେ କିନ୍ତୁ ସମୟ ବଦଳିଛି। ଯଦି ତାଙ୍କର ଟ୍ୟାଲେଣ୍ଟ ଥିବ, ସେମାନେ ନିଶ୍ଚିତ ରୂପେ ସଫଳତା ପାଇବେ। ମୁଁ ଭାବୁଛି, ମହିଳାମାନେ ଆଜିକା ଟାଇମ୍‌ରେ ବିଭିନ୍ନ କ୍ଷେତ୍ରରେ ନିଜ ଦକ୍ଷତା ଦେଖାଉଛନ୍ତି। ମହିଳାମାନଙ୍କୁ ଯଦି ସ୍ୱାଧୀନତା ଦିଆଯିବ, ଭଲପାଇବା ସହିତ ଫ୍ୟାମିଲିର ସପୋର୍ଟ ମିଳିବ, ତେବେ ସେମାନେ ନିଶ୍ଚିତ ଭାବରେ ଆତ୍ମନିର୍ଭରଶୀଳ ହୋଇପାରିବେ।

–ମହାଶ୍ୱେତା



ସୌନ୍ଦର୍ଯ୍ୟ

# ହୋଲିରେ ରଙ୍ଗ ଛଡ଼ାଉଥିଲେ..

**ରଙ୍ଗର ପର୍ବ ହୋଲି। ଏହି ଖେଳର ମଜା ନିଆରା। ବେଶ୍ ମଉଜ ମସ୍ତିରେ ସାଙ୍ଗମାନଙ୍କ ସହ ହୋଲି ଖେଳିବା ପରେ ଶରୀରରେ ଲାଗିଥିବା ରଙ୍ଗକୁ ଛଡ଼ାଇବା କଥା ଆସିଥାଏ। ଏଭଳି କେତେକ ରଙ୍ଗ ଅଛି, ଯାହା ସହଜରେ ଛାଡ଼ି ନ ଥାଏ। ତେଣୁ ସେହି ସମୟରେ ନିମ୍ନଲିଖିତ ଟିପ୍ସ ଆପଣେଇପାରନ୍ତି....**

❖ନିଜ କେଶକୁ କେମିକାଲଠାରୁ ଦୂରେଇ ରଖିବାକୁ ହେଲେ ହୋଲି ଖେଳିବା ପୂର୍ବରୁ ଆପଣ ପ୍ରଥମେ କେଶରେ ତେଲ ଭଲ ଭାବେ ଲଗାଇ ଦିଅନ୍ତୁ।

❖ ସ୍କିନ୍ ଉପରେ ଭଲ ଭାବେ ନଡ଼ିଆ ତେଲ ଲଗାଇ ମାଲିସ୍ କରିଦିଅନ୍ତୁ।

❖ନଖ ଉପରେ କୌଣସି ବି ନେଲ ପେଣ୍ଟ ଲଗାଇ ଦିଅନ୍ତୁ।

❖ଏପରି କରିବା ଦ୍ୱାରା କେଶ, ନେଲ, ସ୍କିନ୍ ଉପରେ ରଙ୍ଗ ଲାଗିବନି। ଫଳରେ ଏହା ସହଜରେ ଛାଡିଯିବ।



❖ଆପଣ ହୋଲି ଖେଳିବା ସମୟରେ ମୁଣ୍ଡରେ ହ୍ୟାଟ କିମ୍ବା କ୍ୟାପ୍ ଲଗାଇ ଖେଳିପାରିବେ।

❖ଯଦି ଆପଣଙ୍କ ସ୍କିନ୍ ସାବୁନ୍ ଲଗାଇବା ଦ୍ୱାରା ଡ୍ରାଏ ହୋଇଯାଉଥାଏ, ତେବେ ଆପଣ ଏକ ପାତ୍ରରେ ଅଟା ନିଅନ୍ତୁ। ଏହାପରେ ସେଥିରେ ଅଳ୍ପ ତେଲ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ପରେ ଏହାକୁ ଭଲଭାବେ ଶରୀରରେ ଲଗାଇ ଦିଅନ୍ତୁ। ପରେ ଏହାକୁ ରଗଡ଼ି ରଗଡ଼ି ସଫା କରନ୍ତୁ।



❖ରଙ୍ଗ ଛଡ଼ାଇବାକୁ ହେଲେ ଫେସ୍‌ପ୍ୟାକ୍ ଏକ ଭଲ ଅପସନ୍। ଏହାକୁ ପ୍ରସ୍ତୁତ କରିବାକୁ ହେଲେ ଏକ ପାତ୍ରରେ ବେସନ, ହଳଦୀ, ଅଟା ଓ ସୋରିଷ ତେଲକୁ ଭଲ ଭାବେ ମିଶାନ୍ତୁ। ଏବେ ଏହାକୁ ଶରୀର ଏବଂ ମୁହଁରେ ଲଗାନ୍ତୁ। ପୁଣି ଧୀରେ ଧୀରେ ଏହାକୁ ସ୍କ୍ରବ୍ କରନ୍ତୁ। ଦେଖିବେ ଲାଗିଥିବା ରଙ୍ଗ ଛାଡ଼ିଯିବ।

❖ଏକ ପାତ୍ର ନେଇ ସେଥିରେ ମୁଲ୍‌ତାନୀ ମାଟି ପାଉଡର ନିଅନ୍ତୁ। ସେଥିରେ କ୍ଷୀର କିମ୍ବା ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଏହି ପେଷ୍ଟକୁ ମୁହଁ ଓ ଶରୀରରେ ଲଗାନ୍ତୁ। ତା'ପରେ ଏହାକୁ ଧୀରେ ଧୀରେ ରଗଡ଼ି ଭଲଭାବେ ଧୋଇ ଦିଅନ୍ତୁ।

– ନଖକୁ ସାବୁନ୍‌ରେ ଭଲ ଭାବେ ସଫା କରନ୍ତୁ ଓ ଏକ ମଗରେ ପାଣି ନିଅନ୍ତୁ। ସେଥିରେ ଏକ ଚାମଚ ବେକିଂ ସୋଡା, ଲେମ୍ବୁରସ ମିଶ୍ରଣ ପାଣିରେ ହାତକୁ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ। ପୁଣି ହାତକୁ ବ୍ରଶ ସାହାଯ୍ୟରେ ଧୀରେ ଧୀରେ ସଫା କରି କ୍ରିମ୍ ଲଗାନ୍ତୁ। ଏହା ଦ୍ୱାରା ରଙ୍ଗ ସଫା ହୋଇଯିବ।

ଖାଦ୍ୟରୁଚି

# ବାନାନା ଚିପ୍ସ

**ଆବଶ୍ୟକ ସାମଗ୍ରୀ:** କଞ୍ଚା କଦଳୀ ୧୦ଟି, ହଳଦୀ ଦେଢ଼ ଚାମଚ, ଛାଣିବା ପାଇଁ ରିଫାଇନ୍ ତେଲ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଞ୍ଚା କଦଳୀରୁ ଚୋପା ଭଲଭାବେ ଛଡ଼ାଇ ଦିଅନ୍ତୁ। ଏହାପରେ କଦଳୀକୁ ତେଲ ସାହାଯ୍ୟରେ ଭଲଭାବେ ହାତରେ ଘସି ଦିଅନ୍ତୁ। ତା'ପରେ କଦଳୀକୁ ଲମ୍ବା କିମ୍ବା ଗୋଲାକାର କାଟିବା ପରେ ସେଥିରେ ହଳଦୀ, ଲୁଣ ଭଲଭାବେ ମିଶାଇ ନିଅନ୍ତୁ। ଏହାପରେ ଗୋଟିଏ ବଡ଼ପାତ୍ରରେ ୧୦–୧୨ କପ୍ ପାଣିରେ କଟା ହୋଇଥିବା କଦଳୀ ଖଣ୍ଡକୁ ଭଲଭାବେ ମିଶାଇ ଦିଅନ୍ତୁ। ଏପରି କରିବା ଦ୍ୱାରା କଦଳୀ ରଙ୍ଗ ଭଲଭାବେ ହଳଦିଆ ରଙ୍ଗ ହୋଇଯିବ। ଏହାକୁ କିଛି ସମୟ ପର୍ଯ୍ୟନ୍ତ ରଖିବା ପରେ ତାକୁ ପାଣିରୁ ଭଲଭାବେ ଛାଣି ଦିଅନ୍ତୁ। ଏବେ ଗୋଟିଏ କଡ଼ାଇରେ ତେଲ ନେଇ ମିଡିୟମ ଆଞ୍ଚରେ ବସାନ୍ତୁ। ଏବେ ତେଲ ଗରମ ହେଲାପରେ ସ୍ଲାଇସ୍ କରାହୋଇଥିବା କଦଳୀକୁ ଭଲଭାବେ ଛାଣିଦିଅନ୍ତୁ। ଏବେ ଆପଣଙ୍କ ବାନାନା ଚିପ୍ସ ପ୍ରସ୍ତୁତ ହୋଇଗଲା।



# ଘରଭଡ଼ାରୁ ବିରକ୍ତ ହୋଇ ଗୁମ୍ଫାରେ ୧୬ ବର୍ଷ

ୱାଶିଂଟନ

ଲୋକେ ଅନେକ ସମୟରେ ଘରେ ରହି ରହି ବିରକ୍ତ ହୋଇଯା'ନ୍ତି। ଫଳରେ ସେମାନେ ବାହାରକୁ ବୁଲିବାକୁ ଯାଇଥା'ନ୍ତି। ହେଲେ ଏଠାରେ ଜଣେ ବ୍ୟକ୍ତି ୧୬ ବର୍ଷ ଗୁମ୍ଫାରେ ବିତାଇଥିବା ତାଙ୍କ କାହାଣୀ କହିଛନ୍ତି। ସେ ହେଲେ ଆମେରିକାର ଉଟାହ ସହରରେ ରହୁଥିବା ଡାନିଏଲ୍ ସେଲାବର୍ଗର। ସେ କହିଛନ୍ତି, ଘର ଭଡ଼ା ଦେଇ ଦେଇ ଅତ୍ୟନ୍ତ ବିରକ୍ତ ହୋଇସାରିଥିଲେ। ସେଥିପାଇଁ ସେ ସବୁକିଛି ତ୍ୟାଗକରି ଜଙ୍ଗଲରେ ଜୀବନ ବିତାଇବାକୁ ନିଷ୍ପତ୍ତି ନେଇଥିଲେ। ସେ କହିଛନ୍ତି କି ଜଙ୍ଗଲସ୍ଥିତ ଗୁମ୍ଫାରେ ରହିବା ଫଳରେ ତାଙ୍କର ଟଙ୍କାର ଆବଶ୍ୟକତା ପଡ଼ି ନ ଥିଲା। ସେ ଆଦିମଣିଷଙ୍କ ଭଳି ରହିବାକୁ ଲାଗିଲେ। ସେ ଏହି ୧୬ ବର୍ଷ ମଧ୍ୟରେ ଜଙ୍ଗଲର ପ୍ରାକୃତିକ ଗଛ, ମୂଳ ଖାଇ ବଞ୍ଚିରହିଥିଲେ। ହେଲେ ତାଙ୍କୁ ତାଙ୍କ ବୁଢ଼ା ମା'ବାପାଙ୍କ କଥା ବୁଝିବାକୁ ୨୦୧୬ରେ ସେଠାରୁ ଫେରିବାକୁ ପଡ଼ିଥିଲା। ରିପୋର୍ଟ ମୁତାବକ, ତାଙ୍କ ପାଖରେ ଭଲ ଚାକିରି ଥିବା ସତ୍ତ୍ୱେ ସେ ତାକୁ ତ୍ୟାଗ କରିଦେଇଥିଲେ। ସେ ୨୦୦୦ ମସିହାରୁ ଘରୁ ବାହାରି ଆସି ୯୦ ଦଶକର ଗୁମ୍ଫାରେ ରହିଥିଲେ। ସେ ତାଙ୍କ ସମସ୍ତ ସମ୍ପତ୍ତିକୁ ତ୍ୟାଗ କରିଦେଇଥିଲେ। ଏପରି ଜୀବନଶୈଳୀ ପାଇଁ ସେ ବେଶ୍ ଚର୍ଚ୍ଚାରେ ଥିଲେ।





# 'ବଡେ ମିୟାଁ ଛୋଟେ ମିୟାଁ'ରେ ସୋନାକ୍ଷୀଙ୍କ ଏଣ୍ଟ୍ରି

ମୁମ୍ବାଇ

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ୍ ଏକାଠି ଏକ ପରଦାରେ ନଜରକୁ ଆସିବେ। ଆଗାମୀ ଫିଲ୍ମ 'ବଡେ ମିୟାଁ ଛୋଟେ ମିୟାଁ' ପାଇଁ ଉଭୟ ଶୁଟିଂରେ ବ୍ୟସ୍ତ ଅଛନ୍ତି। ନିକଟରେ ଫିଲ୍ମର କିଛି ଭାଗ ଶୁଟିଂ ମୁମ୍ବାଇରେ ଶେଷ ହୋଇଥିବାବେଳେ ବର୍ତ୍ତମାନ ସ୍କଟ୍‌ଲାଣ୍ଡରେ ଚାଲୁ ରହିଛି। ଏନେଇ ପ୍ରଯୋଜକ ଜ୍ୟାକି ଭାଗ୍ନାନି ଏହାର ଏକ ଫଟୋ ସୋସିଆଲ ମିଡିଆରେ ଛାଡ଼ିଛନ୍ତି। ତେବେ ଏହା ମଧ୍ୟରେ ଚଳଚ୍ଚିତ୍ରରେ ବି-ଟାଉନ୍ କୁଇନ୍ ସୋନାକ୍ଷୀ ସିହ୍ନାଙ୍କ ଏଣ୍ଟ୍ରି ହୋଇଛି। ଏନେଇ ସୋନାକ୍ଷୀ କହିଛନ୍ତି, ଏହି ଫିଲ୍ମକୁ ନେଇ ସେ ବହୁତ ଉତ୍ସାହିତ ଅଛନ୍ତି। ସେ ଆଗରୁ ଅକ୍ଷୟ କୁମାରଙ୍କ ସହ ସିନେମା 'ରାଉଡି ରାଠୋର'ରେ ଅଭିନୟ କରିସାରିଛନ୍ତି। ତାହା ସର୍ବଦା ଆନନ୍ଦ ଦାୟକ ବୋଲି କହିଛନ୍ତି। ଟାଇଗର ଶ୍ରଫ୍‌ଙ୍କ ସହ ପ୍ରଥମଥର ପାଇଁ କାମ କରିବାକୁ ଅପେକ୍ଷା କରିଥିବା ସେ କହିଛନ୍ତି। ଏହି ଫିଲ୍ମରେ ଅଲି ଅବାସ ନିର୍ଦ୍ଦେଶନା ଦେଇଛନ୍ତି। ଏହା ବ୍ୟତୀତ ସୋନାକ୍ଷୀ ସଞ୍ଜୟ ଲୀଲା ଭଂସାଲିଙ୍କ ୱେବ୍‌ସିରିଜ୍ 'ହୀରାମଣ୍ଡି'ରେ ନଜରକୁ ଆସିବେ। ଏଥିସହ ସେ ଏକ୍ସେଲ୍ ଏଣ୍ଟରଟେନ୍‌ମେଣ୍ଟ ଓ ଟାଇଗର ବେବି ଫିଲ୍ମସର 'ଦହାଡ୍'ରେ ମଧ୍ୟ ସେ ନଜର ଆସିବେ। ଡିଜିଟାଲ ଦୁନିଆରେ ଏହା ତାଙ୍କର ପ୍ରଥମ ଏଣ୍ଟ୍ରି ହେବ।

# ଦିନକୁ ଶୁଅନ୍ତି ୨୨ ଘଣ୍ଟା

ଲଣ୍ଡନ

ମଣିଷ ତା' ଥକାପଣ ମେଣ୍ଟାଇବାକୁ କିଛି ସମୟ ଶୋଇଥାଏ। ଏଥିସହ ଡାକ୍ତରଙ୍କ ପରାମର୍ଶ ମୁତାବକ, ଦିନକୁ ମୁଖ୍ୟତଃ ୮ ଘଣ୍ଟା ଶୋଇବା ଉଚିତ୍। ହେଲେ ବ୍ରିଟେନ୍‌ର ଜଣେ ମହିଳା ଦିନର ୨୪ ଘଣ୍ଟାରୁ ୨୨ ଘଣ୍ଟା ଶୋଉଥିବା ଜଣାପଡ଼ିଛି। ନ୍ୟୁୟର୍କ ପୋଷ୍ଟ ରିପୋର୍ଟ ମୁତାବକ, ୩୮ ବର୍ଷୀୟା ଜୋଆନା କକ୍ସ ରିୟଲ ଜୀବନର ସ୍ଲିପିଂ ବ୍ୟୁଟି କୁହାଯାଉଛି। କାରଣ ସେ ଦିନର ୨୨ ଘଣ୍ଟା କେବଳ ଶୋଇବାରେ ହିଁ ବିତାଇ ଦେଉଛନ୍ତି। ଆମେ ଶୋଇବା ସମୟରେ ବାରମ୍ବାର ଉଠି ପାଣି ପିଇଥାଉ। ହେଲେ ତାଙ୍କୁ ଶୋଇବା ସମୟରେ କୌଣସି ଖାଦ୍ୟପେୟର ଆବଶ୍ୟକତା ପଡ଼େନାହିଁ। ଏକ ଆଶ୍ଚର୍ଯ୍ୟର କଥା କି ସେ ଥରେ ଲଗାତର ଭାବେ ୪ ଦିନ ଶୋଇଥିଲେ। ତାଙ୍କୁ ତା' ବାବଦରେ ଜଣାପଡ଼ି ନ ଥିଲା। ସେ ନିଜକୁ ଅନେକ ସମୟରେ ଶୋଇବା ଅବସ୍ଥାରେ ହିଁ ପାଇଥାନ୍ତି। ସେ ଯେତେବେଳେ ବାହାରକୁ ଯାଆନ୍ତି, ସେଠାରେ ମଧ୍ୟ ଶୋଇପଡ଼ନ୍ତି। ରିପୋର୍ଟ ମୁତାବକ, ଏହା ଏକ ଅଜବ ରୋଗ। ଯାହାଫଳରେ ବ୍ୟକ୍ତି ଜାଣିକି ମଧ୍ୟ ବହୁତ ସମୟ ପର୍ଯ୍ୟନ୍ତ ଚେଇଁପାରନ୍ତିନି। ଆଇଡିଓପାଥିକ ହାଇପରସୋମ୍‌ନିଆ ଏକ ଜଟିଳ ରୋଗ, ଯେଉଁଥିରେ ଦୁନିଆର ବହୁତ କମ୍ ଲୋକ ଶିକାର ହୋଇଥା'ନ୍ତି। ଏହା ଦ୍ୱାରା ଜଣେ ବ୍ୟକ୍ତି ନିଜ ନିଦ ଉପରେ ନିୟନ୍ତ୍ରଣ ରଖିପାରି ନ ଥା'ନ୍ତି।

# ନିଖୋଜର ୩୦ ବର୍ଷ ପରେ ମିଳିଲେ

**ୱାଶିଂଟନ:** ଜଣେ ମହିଳା ୩୦ ବର୍ଷ ହେବ ନିଖୋଜ ଥିଲେ। ଏବେ ତାଙ୍କ ପରିବାର ତାଙ୍କୁ ପାଇ ବେଶ୍ ଖୁସି ହୋଇଛନ୍ତି। ରିପୋର୍ଟ ମୁତାବକ, ଆମେରିକାର ପାଟ୍ରିସିଆ କୋପ୍ଟା ନାମ୍ନୀ ଜଣେ ମହିଳା ୫୨ ବର୍ଷ ବୟସରେ ପେନ୍‌ସିଲଭାନିଆର ପିଟର୍ସବର୍ଗରୁ ୧୯୯୨ ମସିହାରେ ଅଚାନକ ନିଖୋଜ ହୋଇଯାଇଥିଲେ। ରିପୋର୍ଟ ମୁତାବକ, କୋପ୍ଟାଙ୍କ ନିଖୋଜ ପରେ ତାଙ୍କ ପରିବାର ଅନେକ ଖୋଜାଖୋଜି କରି ପାଇ ନ ଥିଲେ। ଏ ନେଇ ବିଭିନ୍ନ ସମୟରେ ଖବରକାଗଜରେ ବିଜ୍ଞାପନ ବାହାର କରିଥିଲେ ମଧ୍ୟ କିଛି ଲାଭ ମିଳି ନ ଥିଲା। ପୋଲିସ ମଧ୍ୟ ଉକ୍ତ ମହିଳାଙ୍କୁ ବହୁ ଖୋଜିବା ପରେ ନ ପାଇବାରୁ ତାଙ୍କୁ ମୃତା ଘୋଷିତ କରାଯାଇଥିଲା। ହେଲେ ଏବେ ତାଙ୍କୁ କାର୍‌ବିଆନ ଦ୍ୱୀପର ପୁଇର୍ତୋ ରିକୋରେ ଦେଖିବାକୁ ମିଳିଛି। ତାଙ୍କୁ ଏବେ ୮୩ ବର୍ଷ ହୋଇଥିବାବେଳେ ତାଙ୍କ ପରିବାର ତାଙ୍କୁ ପାଇ ବେଶ୍ ଖୁସି ଥିବା ଜଣାପଡ଼ିଛି।





## ରାଜ୍ୟ ଖବର

# ଅନିମେଶଙ୍କ ଜାମିନ ଆବେଦନ ଖାରଜ

କଟକ ଅଫିସ,୬।୩

ଶ୍ରୀମନ୍ଦିର ଉପରେ ବେଆଇନ ଭାବେ ଡ୍ରୋନ୍ ଉଡ଼ାଇବା ମାମଲାରେ ଗିରଫ ହୋଇଥିବା ୟୁଟ୍ୟୁବ୍‌ର ଅନିମେଶ ଚକ୍ରବର୍ତ୍ତୀଙ୍କୁ ଓଡ଼ିଶା ହାଇକୋର୍ଟ ସୋମବାର ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଭି. ନରସିଂହ ଏହି ମାମଲାର ଶୁଣାଣି କରି ଅନିମେଶଙ୍କୁ ଜାମିନ ମଞ୍ଜୁର କରିବା ସହ ଭବିଷ୍ୟତରେ ଆଉ ଏଭଳି ନ କରିବାକୁ ତାଗିଦ କରିଛନ୍ତି।

**ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବା ମାମଲା**

ପ୍ରକାଶ ଯେ, କୋଲ୍‌କାତାର ପର୍ଯ୍ୟଟକ ତଥା ପେସାଦାର ୟୁଟ୍ୟୁବ୍‌ର ଅନିମେଶ ଗତବର୍ଷ ସେପ୍ଟେମ୍ବର ୮ରୁ ୧୦ ଯାଏ ପୁରୀ ଭ୍ରମଣରେ ଆସିଥିଲେ। ସେହି ସମୟରେ ସେ ତାଙ୍କ ଡ୍ରୋନ୍‌କୁ ୪୦୦ ମିଟର ଉର୍ଦ୍ଧ୍ୱରେ ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳ ରେଡ୍ ଜୋନ୍ ମଧ୍ୟରେ ଉଡ଼ାଇ ଫଟୋ ଓ ଭିଡିଓ ଉତ୍ତୋଳନ କରି ୟୁଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ। ଏନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସେ ଜାଣିବା ପରେ ତାହାକୁ ୟୁଟ୍ୟୁବ୍‌ରୁ ହଟାଇ ଦେଇଥିଲେ। ଏନେଇ ପୁରୀ ସିଂହଦ୍ୱାର ଥାନାର ଏସ୍ଆଇ ନେତ୍ରାନନ୍ଦ ଦାସଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଗିରଫଦାରିରୁ ବର୍ତ୍ତିବା ପାଇଁ ଅନିମେଶ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ତେବେ ଗତ ଜାନୁୟାରୀ ୬ରେ ତାଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ଏହାପରେ ସିଂହଦ୍ୱାର ପୋଲିସ ଅନିମେଶଙ୍କୁ କୋଲ୍‌କାତାରୁ ଫେବୃୟାରୀ ୧୯ରେ ଗିରଫ କରିଥିଲା। ତାଙ୍କର ଜାମିନ ପାଇଁ ତଳକୋର୍ଟରେ ଆବେଦନ କରାଯାଇଥିବାବେଳେ ତାହା ମଞ୍ଜୁର ହୋଇ ନ ଥିଲା। ତତ୍‌ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରମେଶ ଅଗ୍ରୱାଲ ମାମଲା ପରିଚାଳନା କରୁଥିଲେ।

**୪୦ ସ୍ଥାନରେ ଜଳୁଛି ଶିମିଳିପାଳ**

# ନିଆଁ, ଧୂଆଁରେ କଲବଲ ବନ୍ୟପ୍ରାଣୀ

ବାରିପଦା ଅଫିସ, ୬।୩

ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଲାଗିବା ଯୋଗୁ ବନ୍ୟପ୍ରାଣୀମାନେ ବିଶେଷ ପ୍ରଭାବିତ ହୋଇଛନ୍ତି। ନିଆଁ ଓ ଧୂଆଁକୁ ଦେଖି ପ୍ରାଣ ବିକଳରେ ଏପଟସେପଟ ହେଉଛନ୍ତି। ଘଞ୍ଚ ସବୁଜ ଜଙ୍ଗଲ ପୋଡ଼ି ପାଉଁଶ ହେବାରୁ ଖାଦ୍ୟାଭାବର ଆଶଙ୍କା ଉପୁଜିଛି। ହଜାର ହଜାର ହେକ୍ଟର ଜଙ୍ଗଲର ଚାରଣ ଭୂଇଁ, ଡାଳପତ୍ର, ବୁଦାଘାସ, ଛୋଟ ଦ୍ରୁମ ଓ ଲତାଗୁଡ଼ିକ ଜଳିଯାଇଥିବାରୁ ତୃଣଭୋଜୀ ପ୍ରାଣୀମାନେ ଖାଦ୍ୟାଭାବ ସଙ୍କଟରେ ପଡ଼ିଛନ୍ତି।

୨୭୫୦ବର୍ଗ କି.ମି. ପରିଧି ମଧ୍ୟରେ ରହିଛି ଶିମିଳିପାଳ ଅଭୟାରଣ୍ୟ। ଏହାରି ଭିତରେ ୫୫ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୩୦୪ପ୍ରଜାତିର ପକ୍ଷୀ, ୬୨ପ୍ରକାର ସରୀସୃପ ଓ ୨୦ପ୍ରଜାତିର ଉଭୟଚର ପ୍ରାଣୀ ବସବାସ କରୁଛନ୍ତି। ଏଥିରେ ମହାବଳ, କଳାରଙ୍ଗର ମହାବଳ, କଲରାପତରିଆ ବାଘ, ଜଙ୍ଗଲୀ ବିରାଡ଼ି, ବଳିଆ କୁକୁର, ଗଧିଆ, ହାତୀ, ଭାଲୁ, ଶମ୍ବର, କୁଟୁରା, ହରିଣ, ଚୌଶିଙ୍ଗା, ଗୟଳ, ଗୁରାଣ୍ଡି, ବାର୍‌ହା, ବଜ୍ରକାପ୍ଟା, ଝିଙ୍କ, ପାହାଡ଼ି କଇଁଛ, କୁମ୍ଭୀର ଓ ବିଷଧର ସାପ ଭଳି ସରୀସୃପ ଆଦି ବିଭିନ୍ନ ବନ୍ୟପ୍ରାଣୀ ଦେଖିବାକୁ ମିଳେ। ତୃଣଭୋଜୀ ପ୍ରାଣୀଙ୍କ ମଧ୍ୟରେ ଥିବା ହରିଣ, ଶମ୍ବର, ହାତୀ, ଠେକୁଆ, ବାର୍‌ହା ସମେତ ପାଦଦେଶ ଅଞ୍ଚଳରେ ରହୁଥିବା ଗୋରୁ, ଛେଳି ଓ ମେଣ୍ଢା ଆଦି ଜଙ୍ଗଲର ଘାସପତ୍ର ଖାଇ ଜୀବନ ବଞ୍ଚାଇଥାନ୍ତି। ତେବେ ଶୁଖିଲାପତ୍ରରେ ନିଆଁ ଲାଗିବା ଦ୍ୱାରା ଭୂଇଁ ଏବଂ ଅଳ୍ପ ଉଚ୍ଚରେ ଥିବା ଡାଳପତ୍ର ପୋଡ଼ିଯାଇଛି। ଫଳରେ ତୃଣଭୋଜୀ ପ୍ରାଣୀଙ୍କ ପାଇଁ ଖାଦ୍ୟାଭାବ ପରିଲକ୍ଷିତ ହୋଇଛି। ନିଆଁ ଦାଉ ଓ ଖାଦ୍ୟାଭାବ ଯୋଗୁ ସେମାନେ ପ୍ରାଣ ବିକଳରେ ପଳାଉଥିବାରୁ ହିଂସ୍ରଜନ୍ତୁଙ୍କ ଶିକାର ହେବା ସହିତ ଶିକାରୀଙ୍କ ହାବୁଡ଼ରେ ପଡିବା ସୁନିଶ୍ଚିତ ହୋଇପଡ଼ିଛି।

**ତୃଣଭୋଜୀ ପ୍ରାଣୀଙ୍କ ଲାଗି ଖାଦ୍ୟ ସଙ୍କଟ**



ବନ କର୍ମଚାରୀ ନିଆଁ ଲିଭାଉଛନ୍ତି।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ଡିଭିଜନର ୪୦ଟି ସ୍ଥାନରେ ସୋମବାର ନିଆଁ ଲାଗିଛି। ନିଆଁକୁ ଆୟତ୍ତ କରିବା ପାଇଁ ଉତ୍ତର ଡିଭିଜନରେ ୮୦କର୍ମଚାରୀ ଓ ୧୨୦ ଠିକା କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ୨୦୦ ବ୍ଲୋୟାର ମେଶିନ ଗଚ୍ଛିତ ରହିଛି। ସେହିପରି ଦକ୍ଷିଣ ଡିଭିଜନରେ ୧୧୯ ବନ କର୍ମଚାରୀ ଓ ୧୧୫ ଠିକା କର୍ମଚାରୀଙ୍କୁ ନିୟୋଜିତ କରାଯାଇ ୨୩୪ ବ୍ଲୋୟାର ମେଶିନ ମାଧ୍ୟମରେ ଫାୟାର ଲାଇନ ସୃଷ୍ଟି କରାଯାଇଛି। ପ୍ରତିବର୍ଷ ଶିମିଳିପାଳରେ ନିଆଁ ଲାଗୁଥିବା ବେଳେ ଏହାକୁ ପ୍ରତିହତ କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଏପରିକି ନିଆଁ ଲାଗିଥିବା ସ୍ଥାନର ଚାରିପାଖ ବ୍ଲୋୟାର ମେଶିନ ମାଧ୍ୟମରେ ସଫା କରାଯାଇ ବନାଗ୍ନିକୁ ନିୟନ୍ତ୍ରଣ କରାଯାଉଛି। କୋର୍(ଆଭ୍ୟନ୍ତରୀଣ) ଅଞ୍ଚଳ ସୁରକ୍ଷିତ ରହିଛି ବୋଲି ଦୁଇ ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଓ ସାଇ କିରଣ କହିଛନ୍ତି। ତେବେ କୋର୍ ଅଞ୍ଚଳରେ ନିଆଁକୁ ରୋକିବା ପାଇଁ ଚଳିତବର୍ଷ ସଂରକ୍ଷିତ ପାଣିକୁ ସ୍ପ୍ରେ କରାଯିବା ବ୍ୟବସ୍ଥା କରାଯାଇଛି। ନିଆଁ ଲାଗିବା ମାତ୍ରେ ପାଣି ସିଞ୍ଚନ କରାଯାଇ ଆୟତ୍ତ କରାଯିବ। ବଫର ଅଞ୍ଚଳରେ ରହୁଥିବା ବନବାସୀ ଓ ଆଦିବାସୀମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ଗୀତ ଓ ମହୋତ୍ସବ ମାଧ୍ୟମରେ ବନାଗ୍ନି ରୋକିବା ନେଇ ସଚେତନ କରାଯାଉଛି। ପାହାଡ଼ ଶୀର୍ଷକୁ ନିଆଁ ଛୁଇଁଥିବା ବେଳେ ବିଭାଗୀୟ କର୍ମଚାରୀମାନେ ଏହାକୁ ଆୟତ୍ତ କରିବାରେ ଲାଗିଛନ୍ତି। ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସହଯୋଗର ଆବଶ୍ୟକତା ରହିଛି ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

No.RDM-LAA-MBJ-0057-2021-38562 / R&DM, Dated 15.11.2022

No. XXI-103:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଫୁଲବାଡ଼ିଆ, ଥାନା- ସୋରଡ଼ା ନଂ.୧୦୮, ତହସିଲ- ମୋରଡ଼ା, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ ଓ ସୁନ୍ଦରଯୋଡା ସବ୍‌ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୭୩୪୦ ତା୧୦।୧୨।୨୦୨୧ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଫୁଲବାଡ଼ିଆ, ଥାନା- ମୋରଡ଼ା ନଂ.୧୦୮, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ମୋରଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଫୁଲବାଡ଼ିଆ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୩୦.୭୫ | ଏକର ୭.୨୩ | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ମୋରଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୫।୦୨।୨୦୨୨।

**ଭୂମି ଅନୁସୂଚୀ**
**ଭୂଅର୍ଜନ ମାମଲା ସଂଖ୍ୟା- ୬୬/ ୨୦୧୮, ଏ.୭.୨୩ ଡି.**
**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଡାହିସାହି ଡିଷ୍ଟ୍ରିବ୍ୟୁଟାରୀ ଓ ସୁନ୍ଦରଯୋଡ଼ା ସବ୍‌ମାଇନର କୋନାଲ ନିମନ୍ତେ ମୌଜା- ଫୁଲବାଡ଼ିଆ, ଥାନା- ମୋରଡ଼ା, ନଂ. ୧୦୮, ତହସିଲ - ମୋରଡ଼ା, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ୍ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିମସ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୩ | ୩୦୯ | ୦.୭୪ | ୦.୫୨ | ଡାହି ଏକ | ଆସୁମାନ ମହାନ୍ତ, ଭାଗୀରଥି ମହାନ୍ତ, ଦଶରଥ ମହାନ୍ତ, ପ୍ରତ୍ୟକ ମହାନ୍ତ, ମଡି ମହାନ୍ତ, ପି. ପଲ୍ଲୁଟୁ ମହାନ୍ତ, କ୍ଷେଣି ମହାନ୍ତ, ସ୍ୱା. ପଲ୍ଲୁଟୁ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୪ | ୨୮୯ | ୧.୨୪ | ୦.୩୮ | ଡାହି ଏକ | ଉମାକାନ୍ତ ମହାନ୍ତ, ପି. କୈଳାସ ମହାନ୍ତ, ନିହାଲ ମହାନ୍ତ, ଦଶରଥ ମହାନ୍ତ, ପି. ଗରିବ ମହାନ୍ତ, ଜା. କୁଡୁମି, ବା. ଭୋଳାଗଡ଼ିଆ |
| | ୨୯୪ | ୨.୬୯ | ୧.୨୮ | ଡାହି ଏକ | |
| ୧୨ | ୨୯୩ | ୦.୬୨ | ୦.୦୩ | ଡାହି ଏକ | ଖୁଦୁ ମହାନ୍ତ, ପି. କୃଷ୍ଣ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୧୪ | ୨୯୯ | ୦.୬୨ | ୦.୦୬ | ଡାହି ଏକ | ଗଣେଶ୍ୱର ମହାନ୍ତ, ପିରେଶ୍ୱର ମହାନ୍ତ, ନବଘନ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି. ପରାନ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| | ୩୦୦ | ୦.୬୪ | ୦.୦୫ | ଡାହି ଏକ | |
| ୧୬ | ୩୦୩ | ୧.୬୬ | ୦.୦୬ | ଡାହି ଏକ | ଗାନ୍ଧାରୀ ମହାନ୍ତ, ସ୍ୱା. ପୂର୍ଣ୍ଣ ଚନ୍ଦ୍ର ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୨୩ | ୨୮୦ | ୦.୩୩ | ୦.୦୧ | ଘରବାରି | ଚୈତନ୍ୟ ମହାନ୍ତ, ହର ମୋହନ ମହାନ୍ତ, ପି. ସମ୍ଭୁ ମହାନ୍ତ, ଶୀତଳ ମହାନ୍ତ, କାର୍ତ୍ତିକ ମହାନ୍ତ, ପରମାନନ୍ଦ ମହାନ୍ତ, ପି. ରୂପା ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| | ୨୮୧ | ୦.୭୮ | ୦.୪୮ | ଡାହି ଏକ | |
| ୪୨ | ୨୯୮ | ୦.୬୭ | ୦.୧୪ | ଡାହି ଏକ | ପ୍ରେମ ମହାନ୍ତ, ପି. ହଳଧର ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୪୩ | ୨୯୬ | ୦.୭୩ | ୦.୬୭ | ଡାହି ଏକ | ଫକିର ମହାନ୍ତ, କୈଳାସ ମହାନ୍ତ, ପାର୍ବତୀ ମହାନ୍ତ, ପି. ହେମ ମହାନ୍ତ, ଲଳିତା ମହାନ୍ତ, ସ୍ୱା. ହେମ ମହାନ୍ତ, ଗୋହିରାମ ମହାନ୍ତ, ଆରତୀ ମହାନ୍ତ, ପି. ଧୁମା ମହାନ୍ତ, ହରି ମହାନ୍ତ, ସ୍ୱା. ଧୁମା ମହାନ୍ତ, ଝାଡେଶ୍ୱର ମହାନ୍ତ, ପି. ଯୋଗୀ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| | ୨୯୭ | ୦.୬୧ | ୦.୨୦ | ଡାହି ଏକ | |
| ୪୫ | ୪୧୨ | ୦.୬୦ | ୦.୦୨ | ଡାହି ଏକ | ସାନ ଫାଗୁ ମାଝୀ, ପି. ଧୁମା ମାଝୀ, ବୁଧୁ ମାଝୀ, ପି. ଶାଲୁକୁ ମାଝୀ, ସୁନା ମାଝୀ, ପି. ଦୁର୍ଗା ମାଝୀ, ଜା. ସାନ୍ତାଳ, ବା. ନିଜଗାଁ |
| ୪୮ | ୨୯୦ | ୦.୬୦ | ୦.୧୨ | ଡାହି ଏକ | ବାଣେଶ୍ୱର ମହାନ୍ତ ପି. ବୁଧୁ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| | ୨୮୨/୪୪୯ | ୧.୪୪ | ୦.୩୨ | ଡାହି ଏକ | |
| ୫୩ | ୨୯୫ | ୧.୧୦ | ୦.୦୨ | ଡାହି ଏକ | ବୁଧନୀ ମହାନ୍ତ, ସ୍ୱା. ଗୋବିନ୍ଦ ମହାନ୍ତ, ରାମକୃଷ୍ଣ ମହାନ୍ତ, ପଦ୍ମା ମହାନ୍ତ, ପି. ଶତ୍ରୁଘ୍ନ ମହାନ୍ତ, ଜାନକୀ ମହାନ୍ତ, ସ୍ୱା. ଶତ୍ରୁଘ୍ନ ମହାନ୍ତ, ମକର ମହାନ୍ତ, ଗଙ୍ଗାଧର ମହାନ୍ତ, ରହିବୁ ମହାନ୍ତ, କାନ୍ତିରାମ ମହାନ୍ତ, ରଥୁ ମହାନ୍ତ, ଥୁଲା ମହାନ୍ତ, ମଥୁରା ମହାନ୍ତ, ସାଧୁ ମହାନ୍ତ, ପି. ଗୋବିନ୍ଦ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୬୯ | ୩୦୧ | ୧.୧୪ | ୦.୦୩ | ଡାହି ଏକ | ରତିକାନ୍ତ ମହାନ୍ତ, ଲାଲ ମୋହନ ମହାନ୍ତ, ବେଣୁଧର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପି. ଜଞ୍ଜାଳ ମହାନ୍ତ, ପ୍ରେମି ମହାନ୍ତ, ସ୍ୱା. ଜଞ୍ଜାଳ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୭୯ | ୪୦୧ | ୬.୧୦ | ୦.୭୬ | ଡାହି ଏକ | ରୁଠୁ ମାଝୀ, ପି. କାଏଲ ମାଝୀ, ସାକିଲା ମାଝୀ, ପାଦୁମ ମାଝୀ, ବୈଦ୍ୟନାଥ ମାଝୀ, ପି. ବଡ଼ କନ୍ଦା ମାଝୀ, ଜା. ସାନ୍ତାଳ, ବା. ନିଜଗାଁ |
| ୮୫ | ୪୧୧ | ୧.୩୮ | ୦.୫୦ | ଡାହି ଏକ | ଲସ୍କର ମାଝୀ, ପି. ସାନ କନ୍ଦା ମାଝୀ, ନୁଗୁ ମାଝୀ, ପି. ଫାଗୁ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ |
| ୮୬ | ୪୦୦ | ୨.୦୩ | ୦.୬୫ | ଡାହି ଏକ | ଲସର ମାଝୀ, ଲକ୍ଷ୍ମଣ ମାଝୀ, ପି. ଝମ୍ପଲ ମାଝୀ, ବୁଦାଏ ମାଝୀ, ରେଣ୍ଡା ମାଝୀ, ପି. ଦାସମାତ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ |
| ୮୯ | ୩୦୨ | ୧.୩୩ | ୦.୦୯ | ଡାହି ଏକ | ସର୍ବେଶ୍ୱର ମହାନ୍ତ, ବିଘ୍ନେଶ୍ୱର ମହାନ୍ତ, ଶୁଭଦ୍ରା ମହାନ୍ତ, ପି. ଚନ୍ଦ୍ର ମୋହନ ମହାନ୍ତ, ମୁଖ ମହାନ୍ତ, ସ୍ୱା. ଚନ୍ଦ୍ର ମୋହନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ମହେନ୍ଦ୍ର ମହାନ୍ତ, ପି. ନାରାୟଣ ମହାନ୍ତ, ପାନ ମହାନ୍ତ, ସ୍ୱା. ନାରାୟଣ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୯୩ | ୩୯୯ | ୦.୫୪ | ୦.୦୧ | ଡାହି ଏକ | ସମ୍ଭା ମାଝୀ, ପି. ସାନ କାରୁ ମାଝୀ, ଜା. ସାନ୍ତାଳ, ବା. ନିଜଗାଁ |
| ୧୦୯ | ୩୦୮ | ୦.୩୬ | ୦.୧୫ | ଡାହି ଏକ | ହେମ ଚନ୍ଦ୍ର ମହାନ୍ତ, ଧୁମା ମହାନ୍ତ, ଝାଡେଶ୍ୱର ମହାନ୍ତ, ପି. ଯୋଗୀ ମହାନ୍ତ, ଜା. କୁଡୁମି, ବା. ନିଜଗାଁ, ହେମଚନ୍ଦ୍ର ମହାନ୍ତ, ଝାଡେଶ୍ୱର ମହାନ୍ତ ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ, ବା. ଜଇରାମ ମହାନ୍ତ, ପି. ହଳଧ ମହାନ୍ତ, ଜା. କୁଡୁମି, ବା. ନିଜଗାଁ, ରେଜେଷ୍ଟ୍ରି ଦଲିଲ ନମ୍ବର 4545 ତା14.8.61ରିଖ ଜରସମନ ଟ100.00ଙ୍କା, ବା. |
| ୧୦୯/୮ | ୨୮୨ | ୧.୦୪ | ୦.୨୮ | ଡାହି ଏକ | ବଳରାମ ମହାନ୍ତ, ଅଜିତ କୁମାର ମହାନ୍ତ, ପି. ଫକିର ମୋହନ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୧୦୯/୧୨ | ୩୦୭/୫୧୮ | ୦.୫୮ | ୦.୨୦ | ଡାହି ଏକ | ଉପେନ୍ଦ୍ର ମହାନ୍ତ, ପି. ରୁଦୁ ମହାନ୍ତ, ଜା. କୁଡୁମି, ବା. ନିଜଗାଁ |
| ୧୦୯/୧୪ | ୪୧୨/୫୨୪ | ୧.୧୮ | ୦.୨୦ | ଡାହି ଏକ | ଦୁର୍ଗା କିସ୍କୁ, ଶଙ୍କର ଚରଣ କିସ୍କୁ, ଜାନକୀ ବଲ୍ଲଭ କିସ୍କୁ, ପି. ଶୁକୁଲ କିସ୍କୁ, ଜା. ସାନ୍ତାଳ, ବା. ନିଜଗାଁ |
| ମୋଟ | ୨୬ ପ୍ଲଟ୍‌କୁ | ଏ୩୦.୭୫ ଡେ.ମି. | ଏ୭.୨୩ ଡେ.ମି. | | |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**(ଅଭୟ କୁମାର ନାୟକ)**
**ସ୍ୱତନ୍ତ୍ର ଶାସନ ସଚିବ**

OIPR-24001/14/0229/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ପ୍ରଦୀପ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଟକ ପୁରୁଷ, କିଟ୍ ମହିଳା ବିଭାଗ ଚାମ୍ପିୟନ

**ରାଜ୍ୟସ୍ତରୀୟ କବାଡ଼ି**

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି)**

ବାରବାଟୀ କ୍ଲବ ଆନୁକୂଲ୍ୟରେ କଟକ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ଭୀମସେନ ସ୍ମାରକୀ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହାର ପୁରୁଷ ବିଭାଗରେ କଟକ ଚାମ୍ପିୟନ, ନୂଆପଡ଼ା ରନରଅପ୍ ଏବଂ ମହିଳାରେ ଭୁବନେଶ୍ୱରର କିଟ୍ ଚାମ୍ପିୟନ ଏବଂ ଢେଙ୍କାନାଳ ରନରଅପ୍ ହୋଇଛି। ପୁରୁଷ ବିଭାଗ ଫାଇନାଲରେ କଟକ ୩୦-୧୬ ଏବଂ ମହିଳାରେ କିଟ୍ ୪୦-୧୨ ପଏଣ୍ଟରେ ବିଜୟୀ ହୋଇଥିଲା। କ୍ଲବ ସଭାପତି ସରୋଜ ମଲିକ ଓ ସମ୍ପାଦକ ରାମଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ କବାଡ଼ି ଫେଡେରେଶନର ବୈଷୟିକ ନିର୍ଦ୍ଦେଶକ ଇ. ପ୍ରସାଦ ରାଓ, ରାଜ୍ୟ କବାଡ଼ି ସଂଘ ସମ୍ପାଦକ ଅଜୟ ବେହେରା, ସିଡିଏ ଅଧ୍ୟକ୍ଷ ଅନିଲ ସାମଲ, ରୁଚି ଫୁଡ୍‌ଲାଇନ୍ ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁ, ଓଡ଼ିଶା ଚଳଚ୍ଚିତ୍ର ସଂଘ ସମ୍ପାଦକ ତଥା ସିନେ ତାରକା ଶ୍ରୀତମ ଦାସ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସତ୍ୟବ୍ରତ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।


ମହିଳା ବିଭାଗରେ ଚାମ୍ପିୟନ କିଟ୍ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଓଡ଼ିଶାରୁ ୧୪ ଭାଗନେବେ

**ଜାତୀୟ ସିନିୟର ତୀରନ୍ଦାଜୀ**

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୯ରୁ ୧୮ ପର୍ଯ୍ୟନ୍ତ ଗୁଜରାଟରେ ଏନ୍‌ଟିପିସି ଜାତୀୟ ସିନିୟର ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ୧୪ ଜଣିଆ ଦଳ ସୋମବାର ଗୁଜରାଟ ଯାତ୍ରା କରିଛି। ଇଣ୍ଡିଆନ ରାଉଣ୍ଡ, ରିକର୍ଭ ରାଉଣ୍ଡ ଓ କମ୍ପାଉଣ୍ଡ ରାଉଣ୍ଡରେ ଓଡ଼ିଶାର ୫ ଜଣିଆ ମହିଳା ଓ ୯ ଜଣିଆ ପୁରୁଷ ଦଳ ଅଂଶଗ୍ରହଣ କରିବେ। ଇଣ୍ଡିଆନ ରାଉଣ୍ଡର ପୁରୁଷ ବର୍ଗରେ ସୂର୍ଯ୍ୟ ପାଲେୟା, ମାନସ ରଞ୍ଜନ ମୁଣ୍ଡା, ନେଥନିଆଲ ମଲିକ, ମିଥୁନ ନାୟକ ଏବଂ ମହିଳା ବିଭାଗରେ ଜୟଲକ୍ଷ୍ମୀ ମଲିକ ଓ ଲଳିତ ଖଣ୍ଡପାତ୍ର ଭାଗନେବେ। ସେହିପରି ରିକର୍ଭ ରାଉଣ୍ଡରେ ଅର୍ଜୁନ ଖରା, ବୁଲି ମଲିକ, ସୁରେଶ ଉଇକା, ପ୍ରଭାତ ମିଞ୍ଜ ଏବଂ ମହିଳାରେ ମମିତା ଓରାମ ପ୍ରତିନିଧିତ୍ୱ କରିବେ। କମ୍ପାଉଣ୍ଡ ରାଉଣ୍ଡରେ ପୁରୁଷ ବର୍ଗରେ ଦିବ୍ୟରଞ୍ଜନ ମୁଣ୍ଡା ଏବଂ ପ୍ରୀତି ଓରାମ ଓ ନାମ୍‌ସି ମୁଣ୍ଡା ମହିଳା ବିଭାଗରେ ଭାଗନେବେ। ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ୧୪ ପ୍ରତିଯୋଗୀ ପୂର୍ବତନ ଭାରତୀୟ ପ୍ରଶିକ୍ଷକ ପ୍ରକାଶ ରାମ୍‌ଙ୍କଠାରୁ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଶିକ୍ଷଣ ନେଇଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହାୟତାରେ ଓଡ଼ିଶା ତୀରନ୍ଦାଜୀ ସଂଘ ଏହି ପ୍ରଶିକ୍ଷଣ ଶିବିରର ଆୟୋଜନ କରିଥିଲା। ଓଡ଼ିଶା ଆର୍ଚେରୀ ଆସୋସିଏଶନ ସଭାପତି ଗୋକୁଳ ଚନ୍ଦ୍ର ପତି, ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଓ କୋଷାଧ୍ୟକ୍ଷ ସୌରଜିତ ସିଂ ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତା କାମନା କରିଛନ୍ତି।


କୋଚ୍‌ଙ୍କ ସହ ତୀରନ୍ଦାଜ ଦଳ।

# ଓଡ଼ିଶାରେ ପହଞ୍ଚିଲା ଜର୍ମାନୀ ଦଳ


ରାଉରକେଲାରେ ପହଞ୍ଚିଥିବା ଜର୍ମାନୀ ହକି ଦଳ।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି**

**ରାଉରକେଲା ଅଫିସ୍ /ଭୁବନେଶ୍ୱର (ସ୍ପୋର୍ଟ୍ସ ବ୍ୟୁରୋ) ୬।୩:** ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ୨୦୨୩ ପାଇଁ ଓଡ଼ିଶାରେ ପହଞ୍ଚିଛି ବିଶ୍ୱ ଚାମ୍ପିୟନ ଜର୍ମାନୀ ଦଳ। ମାର୍ଚ୍ଚ ୧୦ ତାରିଖରୁ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ପ୍ରୋ ଲିଗ୍ ଆରମ୍ଭ ହେବାକୁ ଯାଉଛି। ମ୍ୟାଟ୍ସ ଗ୍ରାମୁଶଙ୍କ ଦଳ ସୋମବାର ଅପରାହ୍ଣରେ ଝାରସୁଗୁଡା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଓହ୍ଲାଇଥିଲା। ଏହାପରେ କଡା ସୁରକ୍ଷା ବଳୟ ମଧ୍ୟରେ ରାଉରକେଲା ଯାଇଥିଲା ରାଉରକେଲା ଦଳ। ଭାରତ, ଅଷ୍ଟ୍ରେଲିଆ ଓ ଜର୍ମାନୀ ମଧ୍ୟରେ ୬ ମ୍ୟାଚ ଖେଳାଯିବାକୁ ଥିବା ବେଳେ ସମସ୍ତ ମ୍ୟାଚ୍ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭୁବନେଶ୍ୱର-ରାଉରକେଲାରେ ଅନୁଷ୍ଠିତ ବିଶ୍ୱକପରେ ଜର୍ମାନୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଭଲ ଫର୍ମରେ ଥିବା ଜର୍ମାନୀ ବର୍ତ୍ତମାନ ୪ ମ୍ୟାଚରୁ ୮ ପଏଣ୍ଟ ସହିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ୫ ନମ୍ବର ସ୍ଥାନରେ ରହିଛି। ୩ ଦଳ ପରସ୍ପର ସହିତ ଦୁଇ ଥର ଲେଖାଏ ମ୍ୟାଚ୍ ଖେଳିବେ। ମାର୍ଚ୍ଚ ୧୦ରେ ଭାରତ ବିପକ୍ଷରେ ଜର୍ମାନୀ ଏହାର ଅଭିଯାନ ଆରମ୍ଭ କରିବେ। ୧୧ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ଦଳ ଏହାର ଦ୍ୱିତୀୟ ମ୍ୟାଚ୍ ଖେଳିବ। ମାର୍ଚ୍ଚ ୧୨ରେ ଭାରତ ସହିତ ଦ୍ୱିତୀୟ ମ୍ୟାଚ ଖେଳିବା ପରେ ୧୪ ତାରିଖରେ ଅଷ୍ଟ୍ରେଲିଆ ସହିତ ଅନ୍ତିମ ମ୍ୟାଚ୍ ଖେଳିବ। ମାର୍ଚ୍ଚ ୧୫ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଶେଷ ମ୍ୟାଚ୍ ଖେଳାଯିବ।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ୩ ମହିଳା ବକ୍ସର

**ନୂଆଦିଲ୍ଲୀ,୬।୩(ପି.ଟି.):** ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ନ ମିଳିବା ପରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ୩ ମହିଳା ବକ୍ସର। ଜାତୀୟ ଚାମ୍ପିୟନ ହୋଇଥିଲେ ମଧ୍ୟ କେଉଁ ଆଧାରରେ ସେମାନଙ୍କୁ ସ୍ଥାନ ମିଳିନାହିଁ ତାହାକୁ ବିରୋଧ କରି ଏହି ପିଟିଶନ ଦାଖଲ କରାଯାଇଛି। ମଞ୍ଜୁରାଣୀ(୪୮ କିଗ୍ରା), ଶିକ୍ଷା ନରୱାଲ(୫୪ କିଗ୍ରା) ଓ ପୁନମ୍ ପୁନିଆ(୬୦ କିଗ୍ରା)ଙ୍କ ପକ୍ଷରୁ ଆଗତ ରିଟ୍ ପିଟିଶନକୁ କୋର୍ଟ ଗ୍ରହଣ କରିଥିବା ବେଳେ ମଙ୍ଗଳବାର ମାମଲାର ଶୁଣାଣି ହେବ। ପିଟିଶନ ଅନୁଯାୟୀ ଭୋପାଳରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପ୍‌ରେ ଏହି ୩ ଖେଳାଳି ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ତେବେ ଏହି ୩ ଖେଳାଳିଙ୍କୁ ବାଦ୍ ଦେଇ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ୧୨ ଜଣିଆ ଦଳ ଘୋଷଣା କରାଯାଇଛି। ବକ୍ସିଂ ଫେଡେରେଶନକୁ ପୁନର୍ବିଚାର ପାଇଁ ଚିଠି ଲେଖିବା ପରେ କୌଣସି ଉତ୍ତର ନ ମିଳିବାରୁ ସେମାନେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରେଲୱେଜ୍‌ର ପ୍ରତିନିଧିତ୍ୱ କରୁଥିବା ଏହି ୩ ଖେଳାଳିଙ୍କୁ ଦଳରେ ସ୍ଥାନ ମିଳି ନ ଥିବା ବେଳେ ଅନ୍ୟ ସମସ୍ତ ପଦକ ବିଜେତାଙ୍କୁ କେଉଁ ଆଧାରରେ ସାମିଲ କରାଯାଇଛି ତାହାର ଉତ୍ତର ମାଗିଛନ୍ତି ଖେଳାଳି। ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ମଞ୍ଜୁରାଣୀ ଏକ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ତେବେ ସ୍ୱର୍ଣ୍ଣ ପଦକ ଜିତିବା ଯୋଗ୍ୟତା ଅର୍ଜନର ମାନଦଣ୍ଡ ନୁହେଁ ବୋଲି ସ୍ପଷ୍ଟ କରିଛି ବକ୍ସିଂ ଫେଡେରେଶନ। ଫେଡେରେଶନ ପକ୍ଷରୁ ଏକ ୩ ସପ୍ତାହର ପ୍ରଶିକ୍ଷଣ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପ ଆଧାରରେ ଦଳ ଚୟନ କରାଯାଇଛି ବୋଲି ହାଇପର୍‌ଫର୍ମାନ୍ସ ଡିରେକ୍ଟର ବର୍ନାର୍ଡ ଡୁନ୍ନେ ପ୍ରକାଶ କରିଛନ୍ତି।

# ୯୨ ବର୍ଷରେ ୟୁନାଇଟେଡ୍‌ର ବୃହତ୍ ପରାଜୟ

**ଲିଭରପୁଲ୍,୬।୩:** ଦୀର୍ଘ ୯୨ ବର୍ଷ ପରେ ସର୍ବବୃହତ୍ ପରାଜୟ ହାସଲ କରିଛି ଇଂଲିଶ ପ୍ରିମିୟର ଲିଗ୍ ଦଳ ମାଞ୍ଚେଷ୍ଟର ୟୁନାଇଟେଡ୍। ରବିବାର ଲିଭରପୁଲ୍ ୭-୦ ଗୋଲ ବ୍ୟବଧାନରେ ମାଞ୍ଚେଷ୍ଟର ୟୁନାଇଟେଡକୁ ପରାସ୍ତ କରିଛି। ଏହାଫଳରେ ଗତ ସପ୍ତାହରେ ଲିଗ୍ କପ୍ ବିଜୟୀ ହୋଇଥିବା ୟୁନାଇଟେଡ୍‌କୁ ସବୁଠୁ ବଡ଼ ଧକ୍କା ଲାଗିଛି। କୋଡି ଗାକ୍‌ପୋ, ଡାରୱିନ୍ ନୁନେଜ୍ ଓ ମହମ୍ମଦ ସଲାହ ପ୍ରତ୍ୟେକେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ରବର୍ଟୋ ଫିରମିନୋ ଗୋଟିଏ ଗୋଲ ସ୍କୋର କରିଥିଲେ। ୭ ଗୋଲ ମଧ୍ୟରୁ ୬ଟି ଗୋଲ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ସ୍କୋର ହୋଇଥିଲା। ଏହାସହିତ ପଦାର୍ପଣରେ ୪ ଟ୍ରଫି ହାସଲ ପାଇଁ ରହିଥିବା ଏରିକ୍ ଟାନ୍ ହାଗ୍‌ଙ୍କ ସ୍ୱପ୍ନ ମଧ୍ୟ ଅଧୁରା ରହିଛି। ଗୋଲ ବ୍ୟବଧାନରେ ଏହା ମାଞ୍ଚେଷ୍ଟର ୟୁନାଇଟେଡ୍‌ର ବୃହତ୍ ପରାଜୟ। ୧୯୨୬ରେ ବ୍ଲାକ୍‌ବର୍ନ ରୋଭର୍ସ, ୧୯୩୦ରେ ଆଷ୍ଟନ୍ ଭିଲ୍ଲା ଓ ୯୨ ବର୍ଷ ତଳେ ଓଲ୍ଭର ହାମ୍ପଟନ୍ ୱାଣ୍ଡରର୍ସ ନିକଟରୁ ସମାନ ୭-୦ ବ୍ୟବଧାନରେ ଦଳ ହାରିଥିଲା। ଲିଭରପୁଲ ବିପକ୍ଷରେ ଦଳ ୧୨୮ ବର୍ଷ ତଳେ ଅର୍ଥାତ୍ ୧୮୯୫ ମସିହାରେ ୭-୧ରେ ହାରିଥିଲା। ତେବେ ସେ ସମୟରେ ଦଳର ନାମ ନ୍ୟୁଟନ୍ ହିଥ୍ ରହିଥିଲା।

# ଗ୍ରୁପ୍-୩ରେ ଓଡ଼ିଶା

**ଜାତୀୟ ସିନିୟର ମହିଳା ଫୁଟ୍‌ବଲ ୨୫ରୁ**

**ନୂଆଦିଲ୍ଲୀ, ୬।୩ (ପି.ଟି.)**

ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ର କ୍ୱାଲିଫାଇଂ ରାଉଣ୍ଡ ମାର୍ଚ୍ଚ ୨୫ରୁ ଦେଶର ୬ଟି ଭେନ୍ୟୁରେ ଖେଳାଯିବ। ଏଥିରେ ୩୧ଟି ଦଳ ଭାଗନେବେ। ଦଳଗୁଡ଼ିକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଓଡ଼ିଶା ଗ୍ରୁପ୍-୩ରେ ଗୋଆ, ରାଜସ୍ଥାନ, ହିମାଚଳ ପ୍ରଦେଶ, ତ୍ରିପୁରା, ଆନ୍ଧ୍ର ପ୍ରଦେଶ ସହ ସ୍ଥାନ ପାଇଛି। ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ୧୨ଟି ଦଳ ଭାଗନେବେ। ଏହି ପର୍ଯ୍ୟାୟକୁ ରେଲ୍‌ୱେ ସିଧାସଳଖ ପ୍ରବେଶ କରିଥିବା ବେଳେ ୬ଟି ଗ୍ରୁପ୍‌ର ବିଜେତା ଓ ଶ୍ରେଷ୍ଠ ୫ ରନର ଅପ୍ ଏଥିରେ ଖେଳିବେ। ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ରେ ୬ଟି ଲେଖାଏଁ ଦଳ ରହିବେ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ମଣିପୁର ରେକର୍ଡ ୨୧ଥର ଏହି ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି। ସେମାନେ ଗତ ତିନୋଟି ସଂସ୍କରଣର ବିଜେତା ମଧ୍ୟ। କେରଳରେ ଅନୁଷ୍ଠିତ ୨୦୨୧-୨୨ ଫାଇନାଲରେ ଏହି ଦଳ ରେଲ୍‌ୱେକୁ ପେନାଲ୍ଟିରେ ପରାସ୍ତ କରିଥିଲା।

# ଅନ୍ତିମ ଦିନିକିଆ ଜିତିଲା ବାଂଲାଦେଶ

**ଚଟ୍ଟୋଗ୍ରାମ, ୬।୩:** ସାକିବ ଅଲ୍ ହସନଙ୍କ ଅଲ୍‌ରାଉଣ୍ଡ ସଫଳତା ବଳରେ ଅନ୍ତିମ ଦିନିକିଆରେ ଇଂଲଣ୍ଡକୁ ୫୦ ରନ୍‌ରେ ପରାସ୍ତ କରିଛି ବାଂଲାଦେଶ। ଅନ୍ତିମ ମ୍ୟାଚ୍ ହାରିଥିଲେ ମଧ୍ୟ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ୨-୧ରେ ଜିତିନେଇଛି ଇଂଲଣ୍ଡ। ବାଂଲାଦେଶ ୪୮.୫ ଓଭରରେ ୨୪୬ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଇଂଲଣ୍ଡ ୪୩.୧ ଓଭର ଖେଳି ୧୯୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।


CLASSIFIED DISPLAY
ALL EDITION - BW (Everyday)
MORE SPACE ' SAME PRICE
For Booking Contact 0674-2580385

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।







Classified Everyday
0674-2580101, 2549949


REAL ESTATE
SALE

Gharabari boundary wall plot sale for Ragabazar (Tankapani road). 7008492511. D-2900

ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434. D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ stithiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

Residential with commercial corner plot sale measuring (35'×40') 1400sqft. In Front of 60' Govt black top road near Panchayat Office, BANKUAL, Bhubaneswar, cost@30,80,000/-. Contact- 9938867397. D-2947

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74523

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

New Cancer Hospital ନାଇଜର, କଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73691

ପିପିଲି ଟୋଲ୍‌ଗେଟ୍ ପୂର୍ବରୁ NH ନିକଟରୁ ୫୦୦ମି. ଦୂରତାରେ ଘରବାରି ବାସୋପଯୋଗୀ ପ୍ଲଟ୍ 30ft. road, boundary ସହିତ sqft.-1250/- ରେ ଉପଲବ୍ଧ। 7749800648. D-2943

Duplex sale at Bhubaneswar @ 50 lakhs only. Contact: 9777433701. D-74828

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


CONSTRUCTION

Construct your home @ 850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74826

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Relax, Refresh your Body, Mind at Saikrupa Spa with best therapies. 8984068077. D-2932

Newly open SPA positively health benefits with expert therapist. 7849011931. D-73684

Newly open health benefits SPA special offer@999 Nayapalli. 7846814019. D-73693

All type of body massage by expert lady therapist. 7008773793. D-73690

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74652




ଘରେ ବାସ୍ତୁଦୋଷ ଥିବାପରି ମନେ ହେଉଛି କି? ବିଳମ୍ବ ନ କରି ତୁରନ୍ତ ଯୋଗାଯୋଗ "ବାସ୍ତୁ ସମାଧାନ" Odisha. 7978736177. D-74305

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

AFFIDAVIT
I, Prafulla Bhadra S/o Late Sunakar Bhadra, MIG-3, Kananvihar, PS-Infocity, Bhubaneswar, Odisha-751024, Sworn before an affidavit, I declare that both names Prafulla Kumar Bhadra and Prafulla Bhadra refer to the same person. This is vide the affidavit dated 20/02/2023 Notarized in Bhubaneswar, Odisha. D-74524

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

ମନେ ପଡ଼ନ୍ତି
ନବମ ଦିବସ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିଧୁଭୂଷଣ ରାଉତରାୟ
କିଆଯୋରୀ, ବିଶ୍ୱନାଥପୁର, ବାଲିପାଟଣା
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆବିର୍ଭାବ: ୦୧।୧୨।୧୯୭୪
ତିରୋଧାନ: ୨୭।୦୨।୨୦୨୩
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଏପ୍ରିଲ ୧ରୁ ବଢ଼ିବ ଟୋଲ ଟ୍ୟାକ୍ସ**

**ନୂଆଦିଲ୍ଲୀ:** ଚଳିତ ବର୍ଷ ଅପ୍ରେଲ ପହିଲାରୁ ଦେଶର ସମସ୍ତ ଜାତୀୟ ରାଜମାର୍ଗ (ଏନଏଚ୍) ଓ ଏକ୍ସପ୍ରେସ-ୱେରେ ଗାଡ଼ି ଚଳାଇବା ମହଙ୍ଗା ହେବ। କାରଣ ଭାରତୀୟ ରାଜମାର୍ଗ ପ୍ରାଧିକରଣ (ଏନଏଚଏଆଇ) ଅପ୍ରେଲ ୧ରୁ ଟୋଲ ଟ୍ୟାକ୍ସ ବଢ଼ାଇବାକୁ ଯୋଜନା ପ୍ରସ୍ତୁତି କରୁଛନ୍ତି। ଏପରିକି ଟୋଲ ଟ୍ୟାକ୍ସରେ ୫ରୁ ୧୦% ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ହୋଇପାରେ ବୋଲି ଆକଳନ କରାଯାଉଛି। ଏହି ପରିବର୍ତ୍ତନ ନ୍ୟାସନାଲ ହାଇୱେ ଫି-୨୦୦୮ ନିତୀ ଅନୁସାରେ ସବୁ ବର୍ଷ ହୋଇଥାଏ ବୋଲି ଏନଏଚଏଆଇ ପକ୍ଷରୁ କୁହାଯାଇଛି।

# ନିବେଶକଙ୍କ ସମ୍ପତ୍ତି ଦିନକରେ ୨.୧ ଲକ୍ଷ କୋଟି ବୃଦ୍ଧି

ନୂଆଦିଲ୍ଲୀ,୬।୩



ଗତ କିଛି ଦିନ ହେବ ବିଭିନ୍ନ କାରଣ ପାଇଁ ଦଲାଲ ଷ୍ଟ୍ରିଟରେ କାରବାର ମାନ୍ଦା ରହୁଥିଲା। ଏପରିକି ଗତ ସପ୍ତାହର କାରବାରରେ ମଧ୍ୟ ପରିବର୍ତ୍ତନ ହେଉଥିଲା। ବିଶେଷ କରି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ବୃଦ୍ଧି କରାଇପାରିଛନ୍ତି। ସେହିଭଳି ସୋମବାର ସେନସେକ୍ସ ପ୍ରାୟ ୪୧୬ ପଏଣ୍ଟ ବଢ଼ି ଥିବା ବେଳେ ନିଫ୍ଟି ମଧ୍ୟ ପ୍ରାୟ ୧୧୭ ବୃଦ୍ଧି ସହ କାରବାର ବନ୍ଦ କରିଥିଲା। ଏପରିକି ଶେୟାର ବଜାରର ସୂଚନା ଅନୁଯାୟୀ ଦିନକ ମଧ୍ୟରେ ନିବେଶକମାନେ ପ୍ରାୟ ୨.୧୨ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ବଢ଼ିଛି। ସେହିପରି ସୋମବାର ଷ୍ଟକ ବଜାରର କାରବାରରେ ପାୱାର ଏବଂ ୟୁଟିଲିଟି କ୍ଷେତ୍ରର ସେୟାର ଗୁଡିକରେ ବ୍ୟାପକ ଅଭିବୃଦ୍ଧି ଦେଖିବାକୁ ମିଳିଛି, ଏହାଛଡା ବିଏସଇ ସେନସେକ୍ସରେ ଅଏଲ ଆଣ୍ଡ ଗ୍ୟାସ, ଆଇଟି ଏବଂ ଟେକ୍ କମ୍ପାନୀର ସେୟାର ସୂଚକାଙ୍କ ମଧ୍ୟ ୧% ବଢ଼ିଛି। ବିଶେଷ କରି ବିଏସଇର ମିଡକ୍ୟାପ୍ ଏବଂ ସ୍ମଲକ୍ୟାପ୍ ଇଣ୍ଡେକ୍ସ ମଧ୍ୟ ଯଥାକ୍ରମେ ୦.୭୪% ଏବଂ ୦.୯୦% ବୃଦ୍ଧି ସହ ବଜାର କାରବାର ବନ୍ଦ ହୋଇଛି। ଉଲ୍ଲେଖଯୋଗ୍ୟ ବିଏସଇର ତାଲିକାଭୁକ୍ତ କମ୍ପାନି ଗୁଡିକର ମୋଟ ବଜାର ପୁଞ୍ଜି ସୋମବାର ୨.୧୨ ଲକ୍ଷ କୋଟି ବଢ଼ି ୨୬୫.୫୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏପରିକି ଏହାର ପୂର୍ବ କାରବାର (ଶୁକ୍ରବାର) ଫଳାଫଳରେ ୨୬୩.୪୨ ଲକ୍ଷ କୋଟି ଟଙ୍କା ରହିଥିଲା। ଏହିପରି ବିଏସଇରେ ଲିଷ୍ଟେଡ୍ କମ୍ପାନି ଗୁଡିକର ମାର୍କେଟ୍ କ୍ୟାପ୍ ସୋମବାର ପ୍ରାୟ ୨.୦୭ ଲକ୍ଷ କୋଟି ଟଙ୍କା ବଢ଼ିଛି, ଗତ ୨ଦିନରେ ବିଏସଇର ସମସ୍ତ କମ୍ପାନିର ମାର୍କେଟ୍ କ୍ୟାପ ପ୍ରାୟ ୫.୫ଲକ୍ଷ କୋଟି ଟଙ୍କା ବଢ଼ିଛି। ବିଶେଷ କରି ଗତ ଦୁଇ ଦିନ ମଧ୍ୟରେ ବିଏସଇର ୩୦ସେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ପ୍ରାୟ ୧,୩୦୦ ଅଙ୍କ ବଢ଼ିଛି, ଫଳରେ ସେୟାର ବଜାର ନିବେଶକଙ୍କ ସମ୍ପତ୍ତି ଗତ ୨ଦିନରେ ପ୍ରାୟ ୫.୫ ଲକ୍ଷ କୋଟି ଟଙ୍କା ବଢ଼ିଛି। ଅପରପକ୍ଷରେ ନିଫ୍ଟି-୫୦ରେ ମଧ୍ୟ ୧୧୭ ପଏଣ୍ଟ ବଢ଼ି ୧୭,୭୧୧ ଅଙ୍କରେ ବନ୍ଦ ହୋଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୬।୩

ଦିନକ ପରେ ପୁଣିଥରେ ଶେୟାର ବଜାର କାରବରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ (ଷ୍ଟକ୍‌ବଜାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଉତ୍ସାହ ପରିଲକ୍ଷିତ ହୋଇଛି। ଫଳରେ ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୪୧୬ (୪୧୫.୪୯) ପଏଣ୍ଟ ବୃଦ୍ଧି ଘଟି ୬୦,୨୨୫(୬୦,୨୨୪.୪୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୭(୧୧୭.୧୦) ପଏଣ୍ଟ ବଢ଼ି ୧୭,୭୧୧ (୧୭,୭୧୧.୪୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।

# ୧୨୦ କୋଟି ବିନିଯୋଗ କରିବ ଜେଏସ୍‌ଏଲ୍

ଭୁବନେଶ୍ୱର,୬।୩



ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ପ୍ରକଳ୍ପ ଅଞ୍ଚଳରେ ଅଙ୍ଗାରକାମ୍ଳ ପଦଚିହ୍ନକୁ ହ୍ରାସ କରିବା ପାଇଁ ପ୍ରାୟ କମ୍ପାନୀ ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ ଯାଜପୁରଠାରେ ୨୧ ମେଗାୱାଟ୍ ଏବଂ ହରିୟାଣା ୟୁନିଟ୍ ହିସାରଠାରେ ୬ ମେଗାୱାଟ୍ କ୍ଷମତା ବିଶିଷ୍ଟ ଛାତ ସୋଲାର ପ୍ଲାଟ୍ ସ୍ଥାପନ କରିବାକୁ ଯୋଜନା କରାଯାଇଛି। ବିଶେଷକରି ଉଭୟ ୟୁନିଟ୍‌ରେ କମ୍ପାନୀ ୧୨୦ କୋଟିରୁ ଅଧିକ ପୁଞ୍ଜିନିବେଶ ସହ ୨୭ ମେଗାୱାଟର ସୋଲାର ପ୍ଲାଟ୍ ସ୍ଥାପନ ପାଇଁ ଆବଶ୍ୟକ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଉଭୟ ୟୁନିଟ୍‌ରେ ଥିବା ବିଭିନ୍ନ ଉତ୍ପାଦନ ୟୁନିଟ୍‌ର ଛାତଗୁଡ଼ିକ୍ ଚିହ୍ନଟ କରାଯାଇଛି। ଏପରିକି ୨୦୨୪ ମାର୍ଚ୍ଚ ସୁଦ୍ଧା ଉଭୟ ପ୍ରକଳ୍ପ ଶେଷ ହେବାର ଆକଳନ କରାଯାଉଛି। ସେହିଭଳି ଉପରୋକ୍ତ ୨ ୟୁନିଟ୍‌ର ଛାତ ସୋଲାର ପ୍ଲାଟ୍ ପ୍ରାୟ ୭୯୫ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ସହ ଅଙ୍ଗାରକାମ୍ଳ ଅବରୋଧ ସମ୍ଭାବନା ୨୫ ବର୍ଷ ମଧ୍ୟରେ ୫,୬୪,୪୫୦ ଟନ୍ ହେବ। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମର ନେଟ୍ ଜିରୋ ଲକ୍ଷ୍ୟ ହାସଲ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମ ଭଳି ଏକ ଟ୍ରପିକାଲ୍ ଦେଶରେ ସୋଲାର ଛାତ ପ୍ଲାଟ୍ ବିଦ୍ୟୁତ୍ ଉତ୍ସର ଏକ ଉତ୍ତମ ବିକଳ୍ପ। ଗୁଣାତ୍ମକ ଉତ୍ପାଦନ ପାଇଁ ସମଗ୍ର ବିଶ୍ୱରେ ଜେଏସ୍‌ଏଲ୍‌ର ପରିଚିତି। ଆମର ଲକ୍ଷ୍ୟ ହେଉଛି ଏହା ସୁନିଶ୍ଚିତ କରିବା ଯେ ଆମର ଅଭିବୃଦ୍ଧି ସର୍ବୋତ୍ତମ ସ୍ଥାୟୀ ଅଭ୍ୟାସରୁ ଆସୁ, ଯାହାକି ସାମାଜିକ ଉନ୍ନତି, ଉତ୍ତମ ଶାସନ, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲକରଣକୁ କେନ୍ଦ୍ର ରହିଥାଉ।

# ଏସ୍‌ପିପିଏଲ୍ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର,୬।୩

ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍) ପକ୍ଷରୁ ଟାଟା ଷ୍ଟିଲ୍ ଫାଉଣ୍ଡେଶନ(ଟିଏସ୍‌ଏଫ୍) ସହଯୋଗରେ ବାଲେଶ୍ୱର ବାଲିଆପାଳ ବ୍ଲକ୍‌ର ମଧୁପୁରା ଗ୍ରାମପଞ୍ଚାୟତଠାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏପରିକି ମଧୁପୁରା ରାସୋ ପଡ଼ିଆ ପରିସରରେ ଆୟୋଜିତ ଉକ୍ତ ଶିବିରକୁ ଆସିଥିବା ରୋଗୀମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ମେଡିକାଲ ସହାୟତା ଏବଂ ଔଷଧ ଆଦି ପ୍ରଦାନ କରାଯାଇଥିଲା। ବିଶେଷକରି ପ୍ରକଳ୍ପ ପାରିପାର୍ଶ୍ୱିକ ଅଞ୍ଚଳର ଲୋକମାନଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ନିଶ୍ଚିତ କରିବାର ନିରନ୍ତର ଉଦ୍ୟମକୁ ଆଗକୁ ବଢ଼ାଇବା ସହ ଟିଏସ୍‌ଏଫ୍ ସହଯୋଗରେ ସୁବର୍ଣ୍ଣରେଖା ବନ୍ଦର ପକ୍ଷରୁ ଆୟୋଜନ କରାଯାଇଥିବା ଉକ୍ତ ଶିବିର ଜରିଆରେ ସ୍ଥାନୀୟ ଅଞ୍ଚଳର ୧୦୦୦ରୁ ଅଧିକ ଲୋକ ଡାକ୍ତରଙ୍କ ଦ୍ୱାରା ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ପରିପ୍ରେକ୍ଷୀରେ ବସ୍ତା ଏସ୍‌ଡିପିଓ ଜଳନ୍ଧର ଜାଲି, ବାଲିଆପାଳ ତହସିଲଦାର ଦୀପକ କୁମାର ଦାସଙ୍କ ସମେତ ମଧୁପୁରା ସରପଞ୍ଚ ଗୀତାରାଣୀ ମହନ୍ତ, ମଧୁପୁରା ପଞ୍ଚାୟତ ସମିତି ସଦସ୍ୟ ସୁଶାନ୍ତ କୁମାର ସେଙ୍ଗୀ, ମଧୁପୁରା ଗ୍ରାମ୍ୟ ଉନ୍ନୟନ କମିଟିର ସଦସ୍ୟ ଗୋବିନ୍ଦ ପ୍ରସାଦ ଦାସ ଓ ଅନ୍ୟାନ୍ୟ ପିଆର୍‌ଆଇ ସଦସ୍ୟ ଏଥିରେ ସାମିଲ ହୋଇଥିଲେ ଏବଂ ସ୍ଥାନୀୟ ସମାଜର କଲ୍ୟାଣ ପାଇଁ ଏସ୍‌ପିପିଏଲ୍‌ର ଉଦ୍ୟମକୁ ପ୍ରଶଂସା କରିଥିଲେ। ସୁବର୍ଣ୍ଣରେଖା ବନ୍ଦରର ବହୁ ବରିଷ୍ଠ ଅଧିକାରୀ ଏଥିରେ ଉପସ୍ଥିତ ରହି ମେଗା ସ୍ୱାସ୍ଥ୍ୟ ଶିବିରର ସୁଚାରୁରୂପେ ଆୟୋଜନ ପାଇଁ ସହାୟତା କରିଥିଲେ।

ଏହି ଅଞ୍ଚଳର ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏବଂ ସ୍ଥାନୀୟ ସମାଜର ବିକାଶ ଲାଗି ସହାୟତା ପ୍ରଦାନ କରିବାର ନିରନ୍ତର ଉଦ୍ୟମ ଜାରି ରଖିବାକୁ ଏସ୍‌ପିପିଏଲ୍ ପ୍ରତିବଦ୍ଧ ରହିଛି। ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ଲାଭ ପହଞ୍ଚାଇବା ଲାଗି ଆଗାମୀ ଦିନରେ ଏଭଳି ଅଧିକ ଶିବିର ଆୟୋଜନ କରିବାକୁ କମ୍ପାନୀ ଆଶା ରଖିଛି।

# ୩୦ଜଣଙ୍କୁ 'ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ-୨୦୨୩'

ଭୁବନେଶ୍ୱର,୬।୩




ଇଣ୍ଟରଭ୍ୟୁ ଟାଇମ୍ସ ପକ୍ଷରୁ ରାଜ୍ୟର ପ୍ରତିଷ୍ଠିତ ଉଦ୍ୟୋଗୀଙ୍କର ଉଦ୍ୟମକୁ ଉତ୍ସାହିତ କରିବା ଲକ୍ଷ୍ୟନେଇ 'ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ ୨୦୨୩' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଉଦ୍‌ଘାଟନ କରିଥିବା ବେଳେ ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ପ୍ରସନ୍ନ କୁମାର ପାଟଶାଣୀ ଓ ସ୍ୱତନ୍ତ୍ର ଅତିଥି ଭାବେ ଚେୟାରମ୍ୟାନ୍-ଏମ୍‌ଜିଏମ୍ ମିନେରାଲ୍ ପଙ୍କଜ ଲୋଚନ ମହାନ୍ତି, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ବିଶାଳ କୁମାର ଦେବ (ଆଇଏଏସ୍, ପ୍ରମୁଖ ସଚିବ,ଅର୍ଥ ବିଭାଗ), ସଞ୍ଜୟ କୁମାର ମିଶ୍ର (ଚେୟାରମ୍ୟାନ, ଓପିଟିସିଏଲ୍), ଶୁଭାଶିଷ ଦାସ (ନିର୍ଦ୍ଦେଶକ, ଆର୍‌ଡେ ଷ୍ଟିଲ୍), କଳିଙ୍ଗ କେଶରୀ ରଥ (ଏମ୍‌ଡି, ଇଭୋସ୍ ବିଲ୍ଡକନ୍) ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦି ଇଣ୍ଟରଭ୍ୟୁ ଟାଇମ୍ସର ସମୂହ ସମ୍ପାଦକ ଦିବ୍ୟଜିତ୍ ସାହୁ ସ୍ୱାଗତ ଅଭିଭାଷଣ ରଖିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ 'ଦି ପିପୁଲ୍‌ସ ଅଫିସର', ତାରା ପଟ୍ଟନାୟକ, ସଞ୍ଜୟ ହଂସ, ତାରିଣୀ ପ୍ରସାଦ ମହାନ୍ତିଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ୨୦୨୩ ଏବଂ ବାଣିଜ୍ୟ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ୩୦ଜଣ ସଫଳ ବ୍ୟକ୍ତିତ୍ୱଙ୍କୁ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ 'ରାଜ୍ୟ ବାଣିଜ୍ୟ ନେତୃତ୍ୱ ସମ୍ମାନ ୨୦୨୩'ରେ ସମ୍ମାନିତ କରାଯାଇଥିଲା। ଏତଦ୍ ବ୍ୟତୀତ ଦି ଇଣ୍ଟରଭ୍ୟୁ ଟାଇମ୍ସର ସ୍ୱତନ୍ତ୍ର ସଂସ୍କରଣ ମଧ୍ୟ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ସଦସ୍ୟ ଅରୁଣ କୁମାର ମାହାନା, ପ୍ରମୋଦ କୁମାର ଲେଙ୍କା ଓ ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ରାଜୀବ ନୟନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସହ-ସମ୍ପାଦକ ଶୁଭଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୨୫ ସହରରେ ଏୟାରଟେଲ ୫ଜି ସେବା

ଭୁବନେଶ୍ୱର,୬।୩

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ୍ ୧୨୫ ସହରରେ ଅଲ୍‌ଟ୍ରାଫାଷ୍ଟ ୫ଜି ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏୟାରଟେଲ୍ ୫ଜି ପ୍ଲସ୍ ସେବା ବର୍ତ୍ତମାନ ଦେଶର ୨୬୫ରୁ ଅଧିକ ସହରରେ ଉପଲବ୍ଧ। ପୂର୍ବରୁ ଓଡ଼ିଶାର ଭୁବନେଶ୍ୱର, କଟକ, ରାଉରକେଲା, ପୁରୀ, ଅନୁଗୋଳ, ସମ୍ବଲପୁର, ବାଲେଶ୍ୱର, ବ୍ରହ୍ମପୁର, ଭବାନୀପାଟଣା, ଢେଙ୍କାନାଳ, ଝାରସୁଗୁଡ଼ା, ପାରାଦୀପ ଓ ବରଗଡ଼ ଟାଉନରେ ଏୟାରଟେଲ୍ ୫ଜି ଉପଲବ୍ଧ ହୋଇଥିବା ବେଳେ ବର୍ତ୍ତମାନ କେନ୍ଦ୍ରାପଡ଼ା, ଯାଜପୁର ରୋଡ୍, ବଲାଙ୍ଗୀର, ତାଳଚେର ଭଳି ସହରରେ ଏୟାରଟେଲ ୫ଜି ସେବାର ଶୁଭାରମ୍ଭ କରାଯାଇଛି। ଏୟାରଟେଲ୍ ୫ଜି ପ୍ଲସ୍‌ରେ ଗ୍ରାହକଙ୍କ ପାଇଁ ୩ଟି ଆକର୍ଷଣୀୟ ସୁବିଧା ରହିଛି। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ସିଟିଓ ରଣଦୀପ ସେଖୋଁ କହିଛନ୍ତି,ଏୟାରଟେଲ୍‌ରେ ଆମେ ଗ୍ରାହକଙ୍କୁ ସର୍ବୋଚ୍ଚ ମାନର ନେଟ୍‌ୱର୍କ ଓ ସେବା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛୁ। କାରଣ ଆମେ ଆଉ ୧୨୫ଟି ସହରରେ ଆଜିଠାରୁ ରୋଲ୍-ଆଉଟ୍ ଆରମ୍ଭ କରିଛୁ। ଏୟାରଟେଲ୍ ୨୦୨୪ ମାର୍ଚ୍ଚ ସୁଦ୍ଧା ସମସ୍ତ ଟାଉନ ଓ ପ୍ରମୁଖ ଗ୍ରାମାଞ୍ଚଳରେ ୫ଜି ସେବା ପ୍ରଦାନ କରିବା ପାଇଁ କାର୍ଯ୍ୟ ଜାରି ରଖିଛି।

ଏୟାରଟେଲ୍ ଜମ୍ମୁର ଉତ୍ତରରେ ଥିବା ସହରରୁ ଆରମ୍ଭକରି କନ୍ୟାକୁମାରୀର ଦକ୍ଷିଣ ଭାଗ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରମୁଖ ସହରରେ ଏୟାରଟେଲ୍ ୫ଜି ସେବା ପ୍ରଦାନ କରୁଛି। ଗତ ୧ ବର୍ଷ ମଧ୍ୟରେ ଏୟାରଟେଲ୍ ଏକାଧିକ ଶକ୍ତିଶାଳୀ ବ୍ୟବହାରିକ ମାମଲା ସହିତ ୫ଜିର ଶକ୍ତିକୁ ପ୍ରଦର୍ଶିତ କରିଛି।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୭/୨୦୨୩ Bhubaneswar, Tuesday, March 7/ 2023


# ମୁମ୍ବାଇର ପ୍ରଭାବୀ ବୋଲିଂ

## ମହିଳା ପ୍ରିମିୟର ଲିଗ୍



ଉଇକେଟ ନେବାପରେ ଉଲ୍ଲସିତ ହିଲି ମାଥ୍ୟୁସ।

**ମୁମ୍ବାଇ, ୬।୩:** ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ବୋଲରମାନେ ପ୍ରଭାବୀ ବୋଲିଂ କରିଛନ୍ତି। ଫଳରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳ ପୂରା ୨୦ ଓଭର ଖେଳି ନ ପାରି ୧୮.୩ ଓଭରରେ ୧୫୫ ରନରେ ଅଲ୍‌ଆଉଟ ହୋଇ ଯାଇଛି। ମୁମ୍ବାଇ ନିଜର ପ୍ରଥମ ମ୍ୟାଚ ଜିତିଥିବାବେଳେ ଆରସିବି ପରାଜିତ ହୋଇଛି।

ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଆରସିବି ଦଳର ଅତି କମ୍‌ରେ ୫ ଜଣ ଖେଳାଳି ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଏହି ଦଳ ଉନ୍ନତ ରନ୍‌ହାର ବଜାୟ ରଖିଥିଲେ। ମାତ୍ର କେହି ଜଣେ ହେଲେ ଖେଳାଳି କ୍ରିଜରେ ଶେଷ ପର୍ଯ୍ୟନ୍ତ ତିଷ୍ଠି ନ ପାରିବାରୁ ଦଳ ବଡ଼ ସ୍କୋର କରିପାରି ନ ଥିଲା। ରିଚା ଘୋଷ ସର୍ବାଧିକ ୨୮ ରନ କରିଥିବାବେଳେ ଅଧିନାୟିକା ସ୍ମୃତି ମନ୍ଧାନା ୨୩, ଶ୍ରୀୟଙ୍କା ପାଟିଲ ୨୩, କନିକା ଆହୁଜା ୨୨ ଓ ମେଗାନ ସ୍କୁଟ ୨୦ ରନକରି ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ହିଲି ମାଥ୍ୟୁସ ୩ଟି, ସାଇକା ଇସାକ ଓ ଆମେଲିଆ କେର୍ ୨ଟି ଲେଖାଏ ଏବଂ ନାତାଲି ସ୍କିଭର ବ୍ରଣ୍ଟ ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୮.୪ ଓଭରରେ ୧୫୫/ଅଲ୍‌ଆଉଟ (ରିଚା ଘୋଷ-୨୮, ସ୍ମୃତି ମନ୍ଧାନା-୨୩, ଶ୍ରୀୟଙ୍କା ପାଟିଲ-୨୩, କନିକା ଆହୁଜା-୨୨, ମେଗାନ ସ୍କୁଟ-୨୦, ହିଲି ମାଥ୍ୟୁସ-୩/୨୮, ସାଇକା ଇସାକ-୨/୨୬, ଆମେଲିଆ କେର-୨/୩୦, ନାତାଲି ସ୍କିଭର ବ୍ରଣ୍ଟ-୧/୩୪, ପୂଜା ବସ୍ତ୍ରକାର-୧/୮)।

# ଗୁଜରାଟ ଜାଏଣ୍ଟ୍ସର ଦ୍ୱିତୀୟ ପରାଜୟ

**ମୁମ୍ବାଇ, ୬।୩**

ମହିଳା ପ୍ରିମିୟର ଲିଗ୍‌ରେ ଗୁଜରାଟ ଜାଏଣ୍ଟ୍ସ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ମୁମ୍ବାଇ ଇଣ୍ଡିଆନ୍ସଠାରୁ ନିଜର ପ୍ରଥମ ମ୍ୟାଚରେ ହାରି ଯାଇଥିବା ଜାଏଣ୍ଟ୍ସ ରବିବାର ୟୁପି ୱାରିୟର୍ଜ ନିକଟରୁ ୩ ଉଇକେଟରେ ପରାଜିତ ହୋଇଛି। ୟୁପି ଏକଦା ୧୦୫ ରନରେ ୭ମ ଉଇକେଟ ହରାଇଥିବାବେଳେ ଗ୍ରେସ ହାରିସ (୨୬ ବଲ, ୫୯ ରନ, ୭ ଚୌକା, ୩ ଛକା) ଓ ସୋଫି ଏକଲେଷ୍ଟୋନ (୧୨ ବଲ, ୨୨ ରନ, ୧ ଚୌକା, ୧ ଛକା) ଅସମାପ୍ତ ୮ମ ଉଇକେଟରେ ୨୬ ବଲ୍‌ରୁ ୭୦ ରନ ଯୋଗକରି ଦଳକୁ ରୋମାଞ୍ଚକ ବିଜୟ ଦେଇଥିଲେ। ଗୁଜରାଟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆୟର୍ଲାଣ୍ଡର କିମ୍ ଗାର୍ଥ ୫ ଉଇକେଟ ସଫଳତା ପାଇଥିଲେ।

ସଂକ୍ଷିପ୍ତ ସ୍କୋର: ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୧୬୯/୪ (ହର୍ଲିନ ଦେଓଲ-୪୬, ଆଶ୍‌ଲେ ଗାର୍ଡନର- ୨୫, ସାବିନେନି ମେଘନା-୨୪, ଦୟଲାନ ହେମଲତା-୨୧*, ଦୀପ୍ତି ଶର୍ମା-୨/୨୭, ସୋଫି ଏକଲେଷ୍ଟୋନ-୨/୨୫, ଅଞ୍ଜଳି ସାର୍ଭାନି-୧/୪୩, ତହଲିଆ ମ୍ୟାକଗ୍ରା-୧/୧୮)। ୟୁପି ୱାରିୟର୍ଜ ୧୯.୫ ଓଭରରେ ୧୭୫/୭ (ଗ୍ରେସ ହାରିସ-୫୯*, କରନ ନାଭଗିରେ-୫୩, ସୋଫି ଏକଲେଷ୍ଟୋନ-୨୨*, କିମ୍ ଗାର୍ଥ-୫/୩୬, ଆନାବେଲ ସୁଥରଲାଣ୍ଡ-୧/୪୧, ମାନସି ଜୋଶୀ-୧/୧୫)।






# ଅଭିନାଶ-ଅଂଶିକାଙ୍କୁ ସ୍ୱର୍ଣ୍ଣ ପଦକ

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ



ପଦକ ଗ୍ରହଣ ଅବସରରେ ଅଭିନାଶ କୌର ଓ ଆଂଶିକା ଭାରତୀ (ମଝି)।

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି):** ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ ଚାମ୍ପିୟନଶିପ୍‌ରେ କିଟ୍‌ର ଅଭିନାଶ କୌର ଓ ଅଂଶିକା ଭାରତୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଭିନାଶ ଓ ଅଂଶିକାଙ୍କୁ ନେଇ ଗଠିତ କିଟ୍ ବିଶ୍ୱବିଦ୍ୟାଳୟ ଦଳ ସୋମବାର ଅନୁଷ୍ଠିତ ମହିଳା ୨୦୦୦ ମିଟର ଡବ୍ଲ୍ୟୁ୨ଏକ୍ସ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଅଭିନାଶ (ପ୍ରଥମ ବର୍ଷ ସ୍ନାତକ ସମାଜବିଜ୍ଞାନ) ଓ ଅଂଶିକା (ଦ୍ୱିତୀୟ ବର୍ଷ ସ୍ନାତକ ସମାଜବିଜ୍ଞାନ) ସମ୍ପ୍ରତି ସ୍ପୋର୍ଟ୍ସ କୋଟାରେ କିଟ୍‌ରେ ଅଧ୍ୟୟନରତ। ଦୁହେଁ ଜଗତପୁରସ୍ଥିତ ସାଇ ଏନ୍‌ସିଓଇ (ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି)ରେ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍ ଇନ୍ଦରପାଲ ସିଂଙ୍କଠାରୁ ଟ୍ରେନିଂ ନେଉଛନ୍ତି। ସ୍ୱର୍ଣ୍ଣିମ ସଫଳତା ପାଇଥିବାରୁ ଅଭିନାଶ, ଅଂଶିକା ଓ ତାଙ୍କ କୋଚ୍ ଇନ୍ଦରପାଲଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।






# ଚତୁର୍ଥ ଟେଷ୍ଟରେ ସ୍ମିଥ୍ ଅଧିନାୟକ

## ବର୍ଡର-ଗାଭାସ୍କର ଟ୍ରଫି

**ଅହମଦାବାଦ, ୬।୩ (ପି.ଟି.)**

ବର୍ଡର-ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟ ମାର୍ଚ୍ଚ ୯ରେ ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମ୍ୟାଚରେ ଷ୍ଟିଭ୍ ସ୍ମିଥ୍ ଅଧିନାୟକ ରହିବା ନେଇ କ୍ରିକେଟ ଅଷ୍ଟ୍ରେଲିଆ ସୋମବାର ସ୍ପଷ୍ଟ କରିଛି। ମା'ଙ୍କ ଶାରୀରିକ ଅସୁସ୍ଥତା କାରଣରୁ ନିୟମିତ ଅଧିନାୟକ ପ୍ୟାଟ୍ କୁମିନ୍ସ ଦ୍ୱିତୀୟ ଟେଷ୍ଟ ପରେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିଥିଲେ। ତୃତୀୟ ଟେଷ୍ଟରେ କୁମିନ୍ସ ଫେରିବା ନେଇ ଆଶା କରାଯାଉଥିଲେ ମଧ ସେ ଫେରି ନ ଥିଲେ। ଫଳରେ ଇନ୍ଦୋରରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ସ୍ମିଥ୍ ଷ୍ଟାଣ୍ଡ ଇନ୍ କ୍ୟାପଟେନ୍ ଦାୟିତ୍ୱ ନିଭାଇଥିଲେ। ସୋମବାର କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କୁମିନ୍ସ ଅହମଦାବାଦ ଟେଷ୍ଟରେ ଖେଳିବେ ନାହିଁ। ଫଳରେ ସ୍ମିଥ ୪ର୍ଥ ଟେଷ୍ଟରେ ଅଧିନାୟକ ଦାୟିତ୍ୱ ନିର୍ବାହ କରିବେ। ଟେଷ୍ଟ ସିରିଜରୁ ଓହରି ଯାଇଥିଲେ ମଧ ଦିନିକିଆ ସିରିଜ ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ପରବର୍ତ୍ତୀ ସମୟରେ କୁମିନ୍ସ ଦିନିକିଆ ସିରିଜରେ ଅଂଶଗ୍ରହଣ କରିବେ କି ନାହିଁ ତାହା ସ୍ପଷ୍ଟ ହେବ। କୁମିନ୍ସଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ଇନ୍ଦୋର ଟେଷ୍ଟକୁ ୯ ଉଇକେଟରେ ଜିତିବା ସହିତ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଥିଲା ଅଷ୍ଟ୍ରେଲିଆ। ଏହାସହିତ ପ୍ରଥମ ଦଳ ଭାବରେ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଛି। ୨-୧ରେ ଆଗୁଆ ରହିଥିଲେ ମଧ ଡବ୍ଲ୍ୟୁଟିସି ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଅହମଦାବାଦରେ ନିଶ୍ଚୟ ବିଜୟ ଆବଶ୍ୟକ। ସ୍ମିଥ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୬ ବର୍ଷ ପରେ ଭାରତ ମାଟିରେ ବିଜୟ ହାସଲ କରିବାରେ ସମର୍ଥ ହୋଇଥିଲା। ମୋ ଅଧିନାୟକତ୍ୱ ସମୟ ଶେଷ ହୋଇସାରିଛି। ବର୍ତ୍ତମାନ ଏହା କୁମିନ୍ସଙ୍କ ଦଳ। ଷ୍ଟାଣ୍ଡ ଇନ୍ ଅଧିନାୟକ ଭାବେ ମିଳିଥିବା ଦାୟିତ୍ୱ ଠିକ୍‌ଭାବେ ନିର୍ବାହ କରିବାରେ ସଫଳ ହୋଇଛି ବୋଲି କହିଛନ୍ତି ସ୍ମିଥ୍।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୭/୨୦୨୩ Bhubaneswar, Tuesday, March 7/ 2023

# ମୁମ୍ବାଇର ପ୍ରଭାବୀ ବୋଲିଂ

## ମହିଳା ପ୍ରିମିୟର ଲିଗ୍


ଉଇକେଟ ନେବାପରେ ଉଲ୍ଲସିତ ହିଲି ମାଥ୍ୟୁସ।

**ମୁମ୍ବାଇ, ୬।୩:** ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ବୋଲରମାନେ ପ୍ରଭାବୀ ବୋଲିଂ କରିଛନ୍ତି। ଫଳରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳ ପୂରା ୨୦ ଓଭର ଖେଳି ନ ପାରି ୧୮.୩ ଓଭରରେ ୧୫୫ ରନରେ ଅଲ୍‌ଆଉଟ ହୋଇ ଯାଇଛି। ମୁମ୍ବାଇ ନିଜର ପ୍ରଥମ ମ୍ୟାଚ ଜିତିଥିବାବେଳେ ଆରସିବି ପରାଜିତ ହୋଇଛି।

ଟସ୍‌ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଆରସିବି ଦଳର ଅତି କମ୍‌ରେ ୫ ଜଣ ଖେଳାଳି ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ି ଚାଲିଥିଲେ ହେଁ ଏହି ଦଳ ଉନ୍ନତ ରନ୍‌ହାର ବଜାୟ ରଖିଥିଲେ। ମାତ୍ର କେହି ଜଣେ ହେଲେ ଖେଳାଳି କ୍ରିଜରେ ଶେଷ ପର୍ଯ୍ୟନ୍ତ ଟିକି ନ ପାରିବାରୁ ଦଳ ବଡ଼ ସ୍କୋର କରିପାରି ନ ଥିଲା। ରିଚା ଘୋଷ ସର୍ବାଧିକ ୨୮ ରନ କରିଥିବାବେଳେ ଅଧିନାୟିକା ସ୍ମୃତି ମନ୍ଧାନା ୨୩, ଶ୍ରୀୟଙ୍କା ପାଟିଲ ୨୩, କନିକା ଆହୁଜା ୨୨ ଓ ମେଗାନ ସ୍କୁଟ ୨୦ ରନକରି ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ହିଲି ମାଥ୍ୟୁସ ୩ଟି, ସାଇକା ଇସାକ ଓ ଆମେଲିଆ କେର୍ ୨ଟି ଲେଖାଏ ଏବଂ ନାତାଲି ସ୍କିଭର ବ୍ରଣ୍ଟ ଓ ପୂଜା ବସ୍ତ୍ରକାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୮.୪ ଓଭରରେ ୧୫୫/ଅଲ୍‌ଆଉଟ (ରିଚା ଘୋଷ–୨୮, ସ୍ମୃତି ମନ୍ଧାନା–୨୩, ଶ୍ରୀୟଙ୍କା ପାଟିଲ–୨୩, କନିକା ଆହୁଜା–୨୨, ମେଗାନ ସ୍କୁଟ–୨୦, ହିଲି ମାଥ୍ୟୁସ–୩/୨୮, ସାଇକା ଇସାକ–୨/୨୬, ଆମେଲିଆ କେର–୨/୩୦, ନାତାଲି ସ୍କିଭର ବ୍ରଣ୍ଟ–୧/୩୪, ପୂଜା ବସ୍ତ୍ରକାର–୧/୮)।




# ଗୁଜରାଟ ଜାଏଣ୍ଟ୍ସର ଦ୍ୱିତୀୟ ପରାଜୟ

**ମୁମ୍ବାଇ,୬।୩**

ମହିଳା ପ୍ରିମିୟର ଲିଗ୍‌ରେ ଗୁଜରାଟ ଜାଏଣ୍ଟ୍ସ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ମୁମ୍ବାଇ ଇଣ୍ଡିଆନ୍ସଠାରୁ ନିଜର ପ୍ରଥମ ମ୍ୟାଚରେ ହାରି ଯାଇଥିବା ଜାଏଣ୍ଟ୍ସ ରବିବାର ୟୁପି ୱାରିୟର୍ଜ ନିକଟରୁ ୩ ଉଇକେଟରେ ପରାଜିତ ହୋଇଛି। ୟୁପି ଏକଦା ୧୦୫ ରନରେ ୭ମ ଉଇକେଟ ହରାଇଥିବାବେଳେ ଗ୍ରେସ ହାରିସ (୨୬ ବଲ, ୫୯ ରନ, ୭ ଚୌକା, ୩ ଛକା) ଓ ସୋଫି ଏକଲେଷ୍ଟୋନ (୧୨ ବଲ, ୨୨ ରନ, ୧ ଚୌକା, ୧ ଛକା) ଅସମାପ୍ତ ୮ମ ଉଇକେଟରେ ୨୬ ବଲ୍‌ରୁ ୭୦ ରନ ଯୋଗକରି ଦଳକୁ ରୋମାଞ୍ଚକ ବିଜୟ ଦେଇଥିଲେ। ଗୁଜରାଟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆୟର୍ଲାଣ୍ଡର କିମ୍ ଗାର୍ଥ ୫ ଉଇକେଟ ସଫଳତା ପାଇଥିଲେ। ସଂକ୍ଷିପ୍ତ ସ୍କୋର: ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୧୬୯/୪ (ହର୍ଲିନ ଦେଓଲ–୪୬, ଆଶ୍‌ଲେ ଗାର୍ଡନର– ୨୫, ସାବିନେନି ମେଘନା–୨୪, ଦୟଲାନ ହେମଲତା–୨୧*, ଦୀପ୍ତି ଶର୍ମା–୨/୨୭, ସୋଫି ଏକଲେଷ୍ଟୋନ–୨/୨୫, ଅଞ୍ଜଳି ସାର୍ଭାନି–୧/୪୩, ତହଲିଆ ମ୍ୟାକଗ୍ରା–୧/୧୮)। ୟୁପି ୱାରିୟର୍ଜ ୧୯.୫ ଓଭରରେ ୧୭୫/୭ (ଗ୍ରେସ ହାରିସ–୫୯*, କରନ ନାଭଗିରେ–୫୩, ସୋଫି ଏକଲେଷ୍ଟୋନ–୨୨*, କିମ୍ ଗାର୍ଥ–୫/୩୬, ଆନାବେଲ ସୁଥରଲାଣ୍ଡ–୧/୪୧, ମାନସି ଜୋଶୀ–୧/୧୫)।

# ଅଭିନାଶ–ଅଂଶିକାଙ୍କୁ ସ୍ୱର୍ଣ୍ଣ ପଦକ

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ



ପଦକ ଗ୍ରହଣ ଅବସରରେ ଅଭିନାଶ କୌର ଓ ଆଂଶିକା ଭାରତୀ (ମଝି)।

**ଭୁବନେଶ୍ୱର, ୬।୩ (କ୍ରୀଡ଼ା ପ୍ରତିନିଧି):** ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ ଚାମ୍ପିୟନଶିପ୍‌ରେ କିଟ୍‌ର ଅଭିନାଶ କୌର ଓ ଅଂଶିକା ଭାରତୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଭିନାଶ ଓ ଅଂଶିକାଙ୍କୁ ନେଇ ଗଠିତ କିଟ୍ ବିଶ୍ୱବିଦ୍ୟାଳୟ ଦଳ ସୋମବାର ଅନୁଷ୍ଠିତ ମହିଳା ୨୦୦୦ ମିଟର ଡବ୍ଲ୍ୟୁ୨ଏକ୍ସ ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି। ଅଭିନାଶ (ପ୍ରଥମ ବର୍ଷ ସ୍ନାତକ ସମାଜବିଜ୍ଞାନ) ଓ ଅଂଶିକା (ଦ୍ୱିତୀୟ ବର୍ଷ ସ୍ନାତକ ସମାଜବିଜ୍ଞାନ) ସମ୍ପ୍ରତି ସ୍ପୋର୍ଟ୍ସ କୋଟାରେ କିଟ୍‌ରେ ଅଧ୍ୟୟନରତ। ଦୁହେଁ ଜଗତପୁରସ୍ଥିତ ସାଇ ଏନ୍‌ସିଓଇ (ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି)ରେ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ କୋଚ୍ ଇନ୍ଦରପାଲ ସିଂଙ୍କଠାରୁ ଟ୍ରେନିଂ ନେଉଛନ୍ତି। ସ୍ୱର୍ଣ୍ଣିମ ସଫଳତା ପାଇଥିବାରୁ ଅଭିନାଶ, ଅଂଶିକା ଓ ତାଙ୍କ କୋଚ୍ ଇନ୍ଦରପାଲଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।




# ଚତୁର୍ଥ ଟେଷ୍ଟରେ ସ୍ମିଥ୍ ଅଧିନାୟକ

## ବର୍ଡର-ଗାଭାସ୍କର ଟ୍ରଫି

**ଅହମଦାବାଦ, ୬।୩ (ପି.ଟି.)**

ବର୍ଡର–ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟ ମାର୍ଚ୍ଚ ୯ରେ ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମ୍ୟାଚରେ ଷ୍ଟିଭ୍ ସ୍ମିଥ୍ ଅଧିନାୟକ ରହିବା ନେଇ କ୍ରିକେଟ ଅଷ୍ଟ୍ରେଲିଆ ସୋମବାର ସ୍ପଷ୍ଟ କରିଛି। ମା'ଙ୍କ ଶାରୀରିକ ଅସୁସ୍ଥତା କାରଣରୁ ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସ ଦ୍ୱିତୀୟ ଟେଷ୍ଟ ପରେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିଥିଲେ। ତୃତୀୟ ଟେଷ୍ଟରେ କମିନ୍ସ ଫେରିବା ନେଇ ଆଶା କରାଯାଉଥିଲେ ମଧ୍ୟ ସେ ଫେରି ନ ଥିଲେ। ଫଳରେ ଇନ୍ଦୋରରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ସ୍ମିଥ୍ ଷ୍ଟାଣ୍ଡ ଇନ୍ କ୍ୟାପଟେନ୍ ଦାୟିତ୍ୱ ନିଭାଇଥିଲେ। ସୋମବାର କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ କମିନ୍ସ ଅହମଦାବାଦ ଟେଷ୍ଟରେ ଖେଳିବେ ନାହିଁ। ଫଳରେ ସ୍ମିଥ ୪ର୍ଥ ଟେଷ୍ଟରେ ଅଧିନାୟକ ଦାୟିତ୍ୱ ନିର୍ବାହ କରିବେ। ଟେଷ୍ଟ ସିରିଜରୁ ଓହରି ଯାଇଥିଲେ ମଧ୍ୟ ଦିନିକିଆ ସିରିଜ ନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ପରବର୍ତ୍ତୀ ସମୟରେ କମିନ୍ସ ଦିନିକିଆ ସିରିଜରେ ଅଂଶଗ୍ରହଣ କରିବେ କି ନାହିଁ ତାହା ସ୍ପଷ୍ଟ ହେବ। କମିନ୍ସଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ଇନ୍ଦୋର ଟେଷ୍ଟକୁ ୯ ଉଇକେଟରେ ଜିତିବା ସହିତ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଥିଲା ଅଷ୍ଟ୍ରେଲିଆ। ଏହାସହିତ ପ୍ରଥମ ଦଳ ଭାବରେ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲରେ ସ୍ଥାନ ସୁରକ୍ଷିତ କରି ନେଇଛି। ୨–୧ରେ ଆଗୁଆ ରହିଥିଲେ ମଧ୍ୟ ଡବ୍ଲ୍ୟୁଟିସି ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଅହମଦାବାଦରେ ନିଶ୍ଚୟ ବିଜୟ ଆବଶ୍ୟକ। ସ୍ମିଥ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ୬ ବର୍ଷ ପରେ ଭାରତ ମାଟିରେ ବିଜୟ ହାସଲ କରିବାରେ ସମର୍ଥ ହୋଇଥିଲା। ମୋ ଅଧିନାୟକତ୍ୱ ସମୟ ଶେଷ ହୋଇସାରିଛି। ବର୍ତ୍ତମାନ ଏହା କମିନ୍ସଙ୍କ ଦଳ। ଷ୍ଟାଣ୍ଡ ଇନ୍ ଅଧିନାୟକ ଭାବେ ମିଳିଥିବା ଦାୟିତ୍ୱ ଠିକ୍‌ଭାବେ ନିର୍ବାହ କରିବାରେ ସଫଳ ହୋଇଛି ବୋଲି କହିଛନ୍ତି ସ୍ମିଥ୍।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ